- Vol.- 46, Issue No. 191
- Saturday, 10 October 2026
- ଶନିବାର, ୧୦ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ରାଷ୍ଟ୍ରପତିଙ୍କୁ ଭେଟିଲେ ୧୦ ବିରୋଧୀ ସାଂସଦ

## ● ସ୍ମାରକ ପତ୍ର କଲେ ପ୍ରଦାନ ● 'ଇଣ୍ଡିଆ' ମେଣ୍ଟ ଯିବ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୯ ।୧୦: କଂଗ୍ରେସ ଏବଂ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ 'ଇଣ୍ଡିଆ' ମେଣ୍ଟର ପ୍ରତିନିଧିମାନେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଶୁକ୍ରବାର ରାତିରେ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଅନ୍ୟ ବିରୋଧୀ ସାଂସଦମାନେ ନର୍ଥ ଓ ସାଉଥ୍ ବ୍ଲକ୍ ନିକଟରେ ଏକତ୍ର ହୋଇ ସିଇସିଙ୍କ ବିରୋଧରେ ସ୍ଲୋଗାନ୍ ଦେଇଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ବିକ୍ଷୋଭ ତୀବ୍ର ହେଉଥିବାରୁ ଦିଲ୍ଲୀରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମୁତୟନ କରାଯାଇଛି ଏବଂ କର୍ତ୍ତୃପକ୍ଷ ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ହଟାଇବା ଦାବି ନେଇ ଏକ ସ୍ମାରକପତ୍ର ପ୍ରଦାନ କରିବା ପାଇଁ 'ଇଣ୍ଡିଆ' ମେଣ୍ଟର ନେତାମାନଙ୍କର ୧୦ ଜଣିଆ ପ୍ରତିନିଧି ଦଳ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ। ପ୍ରତିନିଧିଦଳରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡ଼ଗେ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା ମମତା ବାନାର୍ଜୀ, ସିପିଆଇ(ଏମ୍) ସାଧାରଣ ସମ୍ପାଦକ ଏମ୍.ଏ. ବେବି, ଆରଜେଡି ନେତା ତେଜସ୍ୱୀ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ଇଣ୍ଡିଆ ମେଣ୍ଟ ଆଗକୁ ସୁପ୍ରିମକୋର୍ଟ ଯିବ। ସିଜେଆଇଙ୍କୁ ଦାବିପତ୍ର ଦେବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି।

### ଜ୍ଞାନେଶଙ୍କ ଇସ୍ତଫା ଦାବି ତେଜିଲା

★ ଆଜି ଜନ୍ତର ମନ୍ତରରେ ସିଜେପିର ବିକ୍ଷୋଭ
★ ଦିଲ୍ଲୀ ଚଲ୍ଲୋ ଆହ୍ୱାନ
★ ବିକ୍ଷୋଭକୁ ଦିଲ୍ଲୀ ପୋଲିସ ଦେଇନାହିଁ ଅନୁମତି

ନୂଆଦିଲ୍ଲୀ, ୯ ।୧୦: 'କକରୋଚ୍ ଜନତା ପାର୍ଟି' ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଅକ୍ଟୋବର ୧୦ ତାରିଖ ସକାଳ ୧୦ଟାରୁ ଦିଲ୍ଲୀର ଜନ୍ତର ମନ୍ତର ଠାରେ ଏକ ବିକ୍ଷୋଭ ପ୍ରଦର୍ଶନ ପାଇଁ ଆହ୍ୱାନ ଦେଇଛି। ଏହା ଦିଲ୍ଲୀ ଚଲ୍ଲୋ ଆହ୍ୱାନ । ଉଲ୍ଲେଖନୀୟ ଯେ, ଏହି ସ୍ଥାନରେ ହିଁ ଜୁଲାଇ ମାସରେ ହୋଇଥିବା ବିକ୍ଷୋଭ ଫଳସ୍ୱରୂପ ତତ୍କାଳୀନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ଦେଶର ବିରୋଧୀ ଦଳଗୁଡ଼ିକର ସମର୍ଥନ ଲାଭ କରିଥିବା ଏହି କାର୍ଯ୍ୟକ୍ରମ ପାଇଁ ଆନ୍ଦୋଳନକାରୀମାନେ ସକାଳୁ ଉକ୍ତ ସ୍ଥାନରେ ଏକାଠି ହେବା ଆରମ୍ଭ କରିବେ।'ଏସ୍ଆଇଆର' ବିବାଦକୁ ନେଇ ଶନିବାର ଜନ୍ତର ମନ୍ତର ଠାରେ ବିକ୍ଷୋଭ କରିବା ପାଇଁ 'କକରୋଚ୍ ଜନତା ପାର୍ଟି' କୁ ଦିଲ୍ଲୀ ପୋଲିସ ଅନୁମତି ପ୍ରଦାନ କରିନାହିଁ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନ କରିବାରେ ଏହି ସଂଗଠନ ବିଫଳ ହୋଇଥିବାରୁ ପୋଲିସ ଏହି ଅନୁମତି ପ୍ରତ୍ୟାଖ୍ୟାନ କରିଛି। ଭୋଟର ତାଲିକାର 'ଏସଆଇଆର୍' ପ୍ରକ୍ରିୟାକୁ ନେଇ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସିଜେପି ପକ୍ଷରୁ ଯୋଜନା କରାଯାଇଥିବା ଏହି ବିକ୍ଷୋଭ ପୂର୍ବରୁ, ପୋଲିସ ଦିଲ୍ଲୀ ମେଟ୍ରୋକୁ କେନ୍ଦ୍ରୀୟ ଦିଲ୍ଲୀ ସହ ସଂଯୁକ୍ତ ମାର୍ଗଗୁଡ଼ିକର ଅତିକମରେ ୫୭ଟି ଷ୍ଟେସନ୍ ବନ୍ଦ ରଖିବାକୁ ମଧ୍ୟ କହିଥିଲା।

### ଚକା ବନ୍ଦ ନେଇ 'ସୁପ୍ରିମ୍' ତାଗିଦ୍

## 'ମାଛି ମାରିବାକୁ ହୁଏନା ହାତୁଡ଼ିର ବ୍ୟବହାର'

ନୂଆଦିଲ୍ଲୀ, ୯ ।୧୦: ଶନିବାର ହେବାକୁ ଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନ ପୂର୍ବରୁ ରାଜଧାନୀରେ ଲାଗୁ ହୋଇଥିବା ଅଭାବନୀୟ କଟକଣାକୁ ନେଇ ଶୁକ୍ରବାର ସୁପ୍ରିମ୍‌କୋର୍ଟ ସରକାରଙ୍କୁ ପ୍ରଶ୍ନ କରିବା ସହ ଏହା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ସାଧାରଣ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଦିଲ୍ଲୀ ମେଟ୍ରୋ ଏବଂ ଟ୍ରେନ ଚଳାଚଳ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇପାରିବ ନାହିଁ ବୋଲି ଶୁକ୍ରବାର ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ଗୋଟିଏ ମାଛି ମାରିବା ପାଇଁ ଆପଣ ହାତୁଡ଼ି ବ୍ୟବହାର କରିପାରିବେ ନାହିଁ ବୋଲି ଅଦାଲତ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ସହରର ସବୁ ପ୍ରାନ୍ତରୁ ଲୋକେ ଯାତ୍ରା କରୁଥିବାରୁ ସବୁ କିଛି ବନ୍ଦ କରାଯାଇପାରିବ ନାହିଁ ବୋଲି ଦର୍ଶାଇ କୋର୍ଟ ଏହି କଟକଣା ଉପରେ ପୁନର୍ବିଚାର କରିବାକୁ କହିଛନ୍ତି।ସାଧାରଣ ଜନତାଙ୍କର ସରକାରୀ ସେବା ପାଇବାର ଅଧିକାର ରହିଛି ବୋଲି ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଛନ୍ତି।ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ସଲିସିଟର ଜେନେରାଲଙ୍କୁ କହିଛନ୍ତି ଯେ ଆମେ ମେଟ୍ରୋ ଷ୍ଟେସନର ପ୍ରବେଶ ପଥ ସମ୍ପୂର୍ଣ୍ଣ ବନ୍ଦ ହେବା ନେଇ ଚିନ୍ତିତ। ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ କର୍ତ୍ତୃପକ୍ଷଙ୍କ ଅଧିକାରକୁ ସମର୍ଥନ କରିବା ସହ ଜନସାଧାରଣଙ୍କ ସୁବିଧା ପାଇଁ କୋର୍ଟ ଏକ ସୀମା ରେଖା ଟାଣିଛନ୍ତି। ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥା ନିୟାମକ ବ୍ୟବସ୍ଥା ଲାଗୁ କରିବାକୁ ନିଶ୍ଚିତ ଭାବେ ହକଦାର, ମାତ୍ର ଏହାର ଅର୍ଥ ନୁହେଁ ଯେ ସବୁ କିଛି ସ୍ଥଗିତ କରି ଲୋକଙ୍କୁ ଯାତାୟାତ ସୁବିଧାରୁ ବଞ୍ଚିତ କରାଯିବ। ସମସ୍ତଙ୍କ ପାଖରେ କାର୍ ବା ବ୍ୟକ୍ତିଗତ ଯାନ ନାହିଁ, ଲୋକେ ସାର୍ବଜନୀନ ପରିବହନ ଉପରେ ନିର୍ଭର କରନ୍ତି ବୋଲି କୋର୍ଟ କହିଛନ୍ତି। ସୂଚନାଯୋଗ୍ୟ ଯେ ଅକ୍ଟୋବର ୧୦ରେ ପ୍ରସ୍ତାବିତ ବିକ୍ଷୋଭ ଏବଂ ସମ୍ବେଦନଶୀଳ ଅଞ୍ଚଳ ଆଡ଼କୁ ଜନଗହଳି ବଢ଼ିବା ସମ୍ଭାବନାକୁ ଦୃଷ୍ଟିରେ ରଖି ପୂର୍ବରୁ ୫୭ଟି ମେଟ୍ରୋ ଷ୍ଟେସନରେ ଦିଲ୍ଲୀ ପ୍ରାଶାସନ ପକ୍ଷରୁ କଟକଣା ଘୋଷଣା କରାଯାଇଥିଲା।



## ଭାରତୀୟ ବଂଶୋଭବ ପିଲ୍ଲେଙ୍କୁ ନୋବେଲ୍ ଶାନ୍ତି

### ଅନ୍ତର୍ଜାତୀୟ ଆଇନକୁ ପ୍ରୋତ୍ସାହନ ଓ ଶାନ୍ତି ପ୍ରତିଷ୍ଠାରେ ରହିଛି ଅବଦାନ

ଷ୍ଟକହୋମ୍, ୯ ।୧୦: ୨୦୨୬ ମସିହା ପାଇଁ ନୋବେଲ୍ ଶାନ୍ତି ପୁରସ୍କାର ଭାରତୀୟ ବଂଶୋଭବ ଦକ୍ଷିଣ ଆଫ୍ରିକୀୟ ଆଇନଜ୍ଞ ନାଭି ପିଲେଙ୍କୁ ମିଳିବ ବୋଲି



ଘୋଷଣା କରାଯାଇଛି। ଅନ୍ତର୍ଜାତୀୟ ଆଇନକୁ ପ୍ରୋତ୍ସାହନ ଦେବା ସହ ଶାନ୍ତି ପ୍ରତିଷ୍ଠା ଦିଗରେ ତାଙ୍କର ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ମିଳିବ। ନାଭି ପିଲେ ଦକ୍ଷିଣ ଆଫ୍ରିକାର ଜଣେ ପ୍ରତିଷ୍ଠିତ ଆଇନଜ୍ଞ। ଭାରତୀୟ ବଂଶୋଭବ ନବନିଥମ୍ ନାଭି ପିଲ୍ଲେ ଶାନ୍ତି ଓ ଅନ୍ତର୍ଜାତୀୟ ଆଇନର ପ୍ରସାର ଦିଗରେ କରିଥିବା ପ୍ରୟାସ ପାଇଁ ନରୱେଜିଆନ୍ ନୋବେଲ୍ କମିଟି ତାଙ୍କୁ ୨୦୨୬ ମସିହାର ନୋବେଲ୍ ଶାନ୍ତି ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ପ୍ରକାଶିତ ଏକ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ନାଭି ପିଲ୍ଲେ ଦକ୍ଷିଣ ଆଫ୍ରିକା ସ୍ଥିତ ଡର୍ବାନରେ ଭାରତୀୟ-ତାମିଲ ବଂଶୋଭବ ଭାବେ ଜନ୍ମଗ୍ରହଣ କରିଥିଲେ । ସେ ଆଇନରେ ଶିକ୍ଷାଗ୍ରହଣ କରି ଓକିଲ ହୋଇଥିଲେ । ଦକ୍ଷିଣ ଆଫ୍ରିକାରେ ସେ ବହୁଦିନରୁ ପ୍ରଚଳିତ ଭେଦଭାବ, ବର୍ଣ୍ଣବୈଷମ୍ୟର ସମ୍ମୁଖୀନ ହୋଇଥିଲେ । ତାଙ୍କର କାର୍ଯ୍ୟରେ ନେଲସନ୍ ମାଣ୍ଡେଲାଙ୍କ ନୀତିର ଝଲକ ଦେଖିବାକୁ ମିଳୁଥିଲା । ଅନ୍ତର୍ଜାତୀୟ କୋର୍ଟରେ କାର୍ଯ୍ୟରତ ବିଚାରପତି ଭାବେ ସେ ବର୍ଣ୍ଣବୈଷମ୍ୟ ଓ ଭେଦଭାବ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ । ଏହା ସହିତ କିଛି ଗୁରୁତ୍ୱପୂର୍ଣ୍ଣ ମାମଲାରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ରାୟ ମଧ୍ୟ ପରିଲକ୍ଷିତ ହୋଇଛି।

### ସୂଚନା ସେବା ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନ

## ଦକ୍ଷ ଯୋଗାଯୋଗ ପେସାଦାର ହୁଅ



➔ ସୂଚନାକୁ ଲୋକଙ୍କ ନିକଟରେ ପହଞ୍ଚାଅ
➔ ସାମାଜିକ ଗଣମାଧ୍ୟମ ନୀତି ପ୍ରଣୟନ କରାଯିବ

ଭୁବନେଶ୍ୱର, ୯ ।୧୦: ଓଡ଼ିଶା ସୂଚନା ସେବା କ୍ଷେତ୍ରରେ ବହୁ ପଛରେ ରହିଛି। ଏହାକୁ ଆଗକୁ ନେବା ପାଇଁ ସାମାଜିକ ଗଣମାଧ୍ୟମରେ ଅଧିକ ଦୃଷ୍ଟିନିବଦ୍ଧ କରିବାକୁ ହେବ। ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ ସୂଚନା ଓ ସଞ୍ଚାର ପାଇଁ ଏକ ପ୍ରଭାବଶାଳୀ ସାମାଜିକ ଗଣମାଧ୍ୟମ ନୀତି ପ୍ରଣୟନ କରାଯିବ। ଜିଲ୍ଲାଠାରୁ ଆରମ୍ଭ କରି ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଏକ ନିରବଚ୍ଛିନ୍ନ ଡିଜିଟାଲ୍ ସୂଚନା ଓ ଯୋଗାଯୋଗ ବ୍ୟବସ୍ଥା ଗଠନ କରାଯିବ। ଲୋକସେବା ଭବନ କନଭେନ୍‌ସନ୍ ସେଣ୍ଟରରେ ସୂଚନା ସେବା ଅଧିକାରୀଙ୍କ ପାଇଁ ଆୟୋଜିତ 'ସାମାଜିକ ଗଣମାଧ୍ୟମର ଉଦୀୟମାନ ଧାରା' ସମ୍ପର୍କରେ ଦିଗ୍‌ଦର୍ଶନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏପରି କହିଛନ୍ତି। ସେ କହିଛନ୍ତି ମୋର ସୋସିଆଲ ମିଡିଆ କେତେ ଅଗ୍ରସର ତାହାକୁ ପ୍ରଧାନମନ୍ତ୍ରୀ ଦେଖୁଛନ୍ତି। ପ୍ରଧାନମନ୍ତ୍ରୀ ଦେଇଥିବା ରିପୋର୍ଟରେ ମୁଁ କେତେ ତଳେ ରହିଛି ତାହା ଦେଖି ମୁଁ ତାଜୁବ୍। ଏଥିରେ ଉନ୍ନତି ଆଣିବା ଓ ଆବଶ୍ୟକ ପଦକ୍ଷେପ ନେବା ପାଇଁ ମୁଖ୍ୟ ଶାସନ ସଚିବ ଓ ସୂଚନା ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛି।ଡିଜିଟାଲ୍ ମାଧ୍ୟମରେ ମିଥ୍ୟା ତଥ୍ୟ ତଥା ଗୁଜବର ମୁକାବିଲା ପାଇଁ ଏକ କଡ଼ାକଡ଼ି ତଥ୍ୟ ଯାଞ୍ଚ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ବର୍ତ୍ତମାନର ସମୟ କେବଳ ପାରମ୍ପରିକ ପ୍ରିଣ୍ଟ ବା ଇଲେକ୍ଟ୍ରୋନିକ୍ସ ମିଡିଆର ସମୟ ନୁହେଁ ବରଂ ସୋସିଆଲ ମିଡିଆ ଓ କ୍ରିଏଟର ଇକୋନୋମିର ଯୁଗ। ସରକାରୀ ଅଧିକାରୀ କେବଳ ପ୍ରେସ୍ ରିଲିଜ୍ ଜାରି କରିବାରେ ସୀମିତ ନ ରହି ଜଣେ ଦକ୍ଷ ଯୋଗାଯୋଗ ପେସାଦାର ଭାବେ ନିଜର ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ। ସେହିପରି ସରକାରୀ ତଥ୍ୟ କିମ୍ବା ପରିସଂଖ୍ୟାନରେ କୌଣସି ଭୁଲ୍ ଗ୍ରହଣୀୟ ନୁହେଁ। ଡିଜିଟାଲ ଯୁଗରେ ସଠିକ୍, ଶୀଘ୍ର ଓ ସରଳତା ହେଉଛି ସରକାରୀ ସୂଚନା ସଂଚାରର ତିନୋଟି ମୁଖ୍ୟ ସ୍ତମ୍ଭ । ଲୋକଙ୍କ ମତାମତକୁ ଗୁରୁତ୍ୱ ଦେବାକୁ ହେବ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ, ଡିଜିଟାଲ ଯୁଗରେ ଅଧିକାରୀମାନେ କେବଳ ସୂଚନା ପ୍ରସାର କରିବାରେ ସୀମିତ ନ ରହି, ସରକାରଙ୍କ ପ୍ରତ୍ୟେକଟି ଜନକଲ୍ୟାଣକାରୀ କାର୍ଯ୍ୟକୁ ପ୍ରତିବଦ୍ଧତାର ସହ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଚିତ୍। ଏହି ଅବସରରେ 'ଇ-ସଞ୍ଚାର ଆପ୍'କୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିବା ବେଳେ ସୂଚନା ସେବା ସଂଘ ପକ୍ଷରୁ ପ୍ରସ୍ତୁତ ବାର୍ଷିକ ପତ୍ରିକା 'ଲୋକସମ୍ପର୍କ'ର ଉନ୍ମୋଚନ କରିଥିଲେ।

### ଚାକିରି ଆରମ୍ଭ ୭ ହଜାର ଟଙ୍କାରୁ

## ଭିଜିଲାନ୍ସ ଧରିଲା ନଗଦ ପ୍ରାୟ ଦେଢ଼କୋଟି

### ୭ ଦାମୀ ପ୍ଲଟ, ୫ ମଲ୍ଟି ଷ୍ଟୋରେଜ ବିଲଡିଂ ଓ ଗୋଟିଏ ଫ୍ଲାଟ

ରାଉରକେଲା, ୯ ।୧୦: ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ଜିଲ୍ଲା ମୃତ୍ତିକା ସଂରକ୍ଷଣ ବିଭାଗର ଉପନିର୍ଦ୍ଦେଶକ ପ୍ରସନ୍ନ କୁମାର ପାତ୍ରଙ୍କ ଘର ଉପରେ ଶୁକ୍ରବାର ଭିଜିଲାନ୍ସ ଚଢ଼ଉ କରିଛି। ତାଙ୍କ ଚାକିରି ଆରମ୍ଭ ହୋଇଥିଲା ମାସିକ ୭ ହଜାର ଟଙ୍କାରେ। କିନ୍ତୁ ଏବେ ବାହାରୁଛି କୋଟି କୋଟି ଟଙ୍କା। ସକାଳୁ ଭିଜିଲାନ୍ସ ପ୍ରସନ୍ନଙ୍କ ଘରେ ଚଢ଼ଉ କରିବାରେ ବ୍ୟାଙ୍କରୁ ମିଳିଛି ନଗଦ ପ୍ରାୟ ଦେଢ଼କୋଟି, ୨୧୧ଗ୍ରାମ ସୁନା। ଭୁବନେଶ୍ୱର ଓ ଆଖପାଖରେ ୫ଟି ମଲ୍ଟି ଷ୍ଟୋରେଜ ବିଲଡିଂ, ଗୋଟିଏ ଫ୍ଲାଟ, ୭ଟି ଦାମୀ ପ୍ଲଟ, ବାଇକ, କାର ଆଦି । ଭିଜିଲାନ୍ସ ଦ୍ୱାରା ଆହୁରି ଖୋଳତାଡ ଚାଲିଛି। ସେ ୧୯୯୫ରେ ଚାକିରି ଆରମ୍ଭ କରି ଭୁବନେଶ୍ୱର, କେନ୍ଦ୍ରାପଡା ପରେ ପଶ୍ଚିମ ଓଡ଼ିଶାରେ ବୁଲି ଏତିକି ସମ୍ପତ୍ତି ଠୁଳ କରିଥିଲେ ବୋଲି କୁହାଯାଇଛି।

### ■ ୬ ଆସନରେ ଉପନିର୍ବାଚନ

## ପଶ୍ଚିମବଙ୍ଗରେ ଭାଜପା, ତାମିଲନାଡୁରେ ଟିଭିକେର ବାଜିମାତ

ନୂଆଦିଲ୍ଲୀ, ୯।୧୦: ଦେଶର ବିଭିନ୍ନ ସ୍ଥାନରେ ୫ ବିଧାନସଭା ଏବଂ ଗୋଟିଏ ଲୋକ ସଭା ଆସନରେ ଉପନିର୍ବାଚନ ହୋଇଥିଲା । ତାହା ହେଉଛି ପଶ୍ଚିମବଙ୍ଗର ୨ଟି, ତାମିଲନାଡୁର ୨, ପୁଡୁଚେରୀର ଗୋଟିଏ ବିଧାନସଭା ଆସନ ଏବଂ ଆସାମର ଗୋଟିଏ ଲୋକସଭା ଆସନ । ଶୁକ୍ରବାର ଭୋଟ ଗଣତିରେ ପଶ୍ଚିମବଙ୍ଗର ଦୁଇଟି ଆସନ ନନ୍ଦୀଗ୍ରାମ ଏବଂ ରେଜିନଗରରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିବା ଜଣାପଡ଼ିଛି । ତଥ୍ୟ ଅନୁଯାୟୀ, ନନ୍ଦିଗ୍ରାମରେ ବିଜେପି ପ୍ରାର୍ଥୀ ହାସିରାନୀ ରଥ ୧,୬୪,୪୨୭ ଖଣ୍ଡ ଭୋଟ୍ ପାଇଥିବା ବେଳେ ରେଜିନଗରରେ ଶଙ୍କରଭ ସରକାର ୧,୨୯,୯୧୪ ଖଣ୍ଡ ଭୋଟ୍ ପାଇଛନ୍ତି । ତାମିଲନାଡୁରେ, ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ଧାରାପୁରମ ଆସନ ଏବଂ ମଦୁରନ୍ତକମ ଆସନ ଜିତିଛି; ମଦୁରନ୍ତକମରେ ଦଳର ପ୍ରାର୍ଥୀ କେ. ମାରାଗଥମ୍ କୁମାରଭେଲ ୭୪,୦୪୮ ଖଣ୍ଡ ଭୋଟ୍ ପାଇଛନ୍ତି। ପୁଡୁଚେରୀର ଥାଟ୍ଟନଚାଭଡ଼ି ଆସନରେ ଶାସକ ଅଲଇଣ୍ଡିଆ ଏନଆର କଂଗ୍ରେସ ପ୍ରାର୍ଥୀ ଅଶୋକ ଆନନ୍ଦ ୮,୪୮୨ ଖଣ୍ଡ ଭୋଟରେ ବିଜୟ ହାସଲ କରିଛନ୍ତି। ଆସାମ ଲୋକସଭା ଉପ-ନିର୍ବାଚନ ପାଇଁ ଭୋଟ୍ ଗଣତି ଚାଲିଥିବା ବେଳେ ନାଗାଓଁ ଆସନରେ ବିଜେପିର ଦେବାଶିଷ ଶର୍ମା ୭ ଲକ୍ଷରୁ ଅଧିକ ଭୋଟରେ ଜିତିଛନ୍ତି ।

## ଏସ୍ଆଇ ପରୀକ୍ଷା କେଳେଙ୍କାରୀ: ୯ ସ୍ଥାନରେ ଇଡି

ଭୁବନେଶ୍ୱର, ୯।୧୦(ନି.ପ୍ର): ଓଡିଶା ପୋଲିସ ଏସ୍.ଆଇ ପରୀକ୍ଷା ଜାଲିଆତି ଘଟଣାରେ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ୩ ଜଣଙ୍କ ଘରେ ଚଢ଼ାଉ କରାଯାଇଛି। ଗୋଟିଏ ପଟେ ସିବିଆଇ ଅଧିକ ତଦନ୍ତ ଜାରି ରଖିଥିବା ଏହି ଘଟଣାରେ ଓ କୋଟି କୋଟି ଟଙ୍କାର ଆର୍ଥିକ କାରବାରର ଚାଲିଛି ତଦନ୍ତ। ପଞ୍ଚସଫ୍ଟର ମୁଖ୍ୟ ଶଙ୍କର ପୃଷ୍ଟି ଓ ସିଲିକନ୍ ଟେକର ମାଲିକ ସଞ୍ଜୀବ ନାୟକଙ୍କ ସହ ଜଡ଼ିତ ସ୍ଥାନଗୁଡ଼ିକରେ ଇଡି ପକ୍ଷରୁ ଚଢ଼ାଉ। ସୁରେଶ ହେଉଛନ୍ତି ସିଲିକନ ଟେକ ଲ୍ୟାବ ପ୍ରାଇଭେଟ ଲିମିଟେଡ଼ର ମାଲିକ। ଫିଲ୍ମ

✹ ମାଷ୍ଟରମାଇଣ୍ଡ ଶଙ୍କର ସମେତ ୩ ଜଣଙ୍କ ଘରେ ତନାଘନା
✹ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଜବତ !




ହୋଇଥିବା ବହୁ କୋଟି ଟଙ୍କାର ବେଆଇନ ଅର୍ଥ କାରବାରକୁ ନେଇ ଇଡି ତଦନ୍ତକୁ ଜୋରଦାର କରିଛି। ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱର, କଟକ ଏବଂ କଳାପଥର ସମେତ ରାଜ୍ୟର ୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଉଛି। ପଞ୍ଚ ସଫ୍ଟ କମ୍ପାନୀ, ସିଲିକନ ଟେକ୍ ମୁଖ୍ୟଙ୍କ ଘରେ ବି ଚାଲିଛି ଚଢ଼ାଉ। ମୁଖ୍ୟ ଅଭିଯୁକ୍ତ ମୁନା ମହାନ୍ତିଙ୍କ ବାସଭବନରେ ଅତର୍କିତ ଚଢ଼ାଉ କରିଛନ୍ତି ଉଡି ଅଧିକାରୀ। ମନି ଟ୍ରେଲ୍ ଷ୍ଟାଇଲରେ ସର୍ଚ୍ଚ ୱାରେଣ୍ଟ ସହ ସଞ୍ଜୀବଙ୍କ ବାସଭବନରେ ପଶିଛନ୍ତି ଇଡ଼ି ଅଧିକାରୀ। ଟିମରେ ସାମିଲ ଅଛନ୍ତି ବ୍ୟାଙ୍କ କର୍ମଚାରୀ, ଇଡ଼ି କୋଲକାତା ଟିମ୍‌ର ଅଫିସର, ଭୁବନେଶ୍ୱର ଇଡ଼ି ଟିମ ଅଧିକାରୀଙ୍କ ସହ ସିଆରପିଏଫ ଫୋର୍ସ। ସିବିଆଇ ତଦନ୍ତରୁ ଏହି ଘଟଣାରେ ବହୁ କୋଟି ଟଙ୍କା କାରବାର ହୋଇଥିବା ସାମ୍ନାକୁ ଆସିବା ପରେ ଇଡି ଏହି ପଦକ୍ଷେପ ନେଇଛି। ତେବେ ଏହି ଚଢ଼ାଉରେ ଇଡି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଜବତ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଏହି ଘଟଣାରେ ପ୍ରଥମେ ବ୍ରହ୍ମପୁର ଜିଲା ପୋଲିସ ପରେ କ୍ରାଇମବ୍ରାଞ୍ଚ ଏବଂ ତା'ପରେ ସିବିଆଇ ଟିମ୍ ମାମଲାର ଖିଅ ଖୋଜିବା ଜାରି ରଖିଛି। ଏହି ଜାଲିଆତି ଘଟଣାରେ ସିବିଆଇ ଦ୍ୱାରା ଗିରଫଦାରି ସଂଖ୍ୟା ୧୮ ହୋଇଥିବା ବେଳେ ମୋଟ ଗିରଫ ସଂଖ୍ୟା ୧୪୧ରେ ପହଞ୍ଚିଥିଲା। ଗତବର୍ଷ ଡିସେମ୍ବର ଶେଷ ସପ୍ତାହରେ ୧୬ ଜଣଙ୍କ ବିରୋଧରେ ସିବିଆଇ ପ୍ରାଥମିକ ଚାର୍ଜଶିଟ୍ ଦାଖଲ କରିଥିଲା। ପୋଲିସ ନିଯୁକ୍ତି ବୋର୍ଡ ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ଏସଆଇ ପରୀକ୍ଷାକୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସଂସ୍ଥା ଆଇଟିଆଇକୁ ଦିଆଯାଇଥିଲା। ଆଇଟିଆଇ ଏହାକୁ ସୁରେଶଙ୍କ ସଂସ୍ଥା ସିଲିକନ୍ ଟେକଲାବ୍ ପ୍ରାଇଭେଟ ଲିମିଟେଡକୁ ସବ କଣ୍ଟ୍ରାକ୍ଟ ଦେଇଥିଲା। ସିଲିକନ୍ ଏହି କାମକୁ ଶଙ୍କରଙ୍କ ମାଲିକାନାରେ ଥିବା ପଞ୍ଚସଫ୍ଟକୁ ଦେଇଥିଲା। ତେବେ ଓପିଆରବିର କିଛି ଅଧିକାରୀଙ୍କ ସହ ମିଶି ଶଙ୍କର ଜାଲିଆତି ଯୋଜନା କରଥିଲା। ଶଙ୍କରଙ୍କ ନିର୍ଦ୍ଦେଶରେ ଦଲାଲ ମୁନା ଭୁବନେଶ୍ୱରର ଏକ ଟ୍ରାଭେଲ୍ ଏଜେନ୍ସିରୁ ୩ଟି ବସ ଠିକ୍ କରିଥିଲେ। ସେଥିପାଇଁ ମୁନା ୨.୩୦ଲକ୍ଷ ଟଙ୍କା ମଧ୍ୟ ନିଜ ମାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଦେଇଥିଲେ। ଏହି ଆପରାଧିକ କାର୍ଯ୍ୟରେ ସେ ନିଜ ଭଉଣୀ ତଥା ସହ ଅଭିଯୁକ୍ତ ପ୍ରୟଦର୍ଶିନୀ ସାମଲଙ୍କୁ ମଧ୍ୟ ସାମିଲ କରିଥିଲେ। ସେପ୍ଟେମ୍ବର ୨୯ ରାତିରେ ବିଶ୍ୱସ୍ତ ସୂଚନା ଆଧାର କରି ବ୍ରହ୍ମପୁର ପୋଲିସ ଆନ୍ଧ୍ରପ୍ରଦେଶ ସୀମାରେ ୩ଟି ଏସି ସ୍ଲିପର ବସକୁ ପିଛା କରିଥିଲା। ଶ୍ରୀକାକୁଳମରେ ୩ ପୋଲିସ ଟିମ୍ ପହଞ୍ଚି ୧୧୭ ଜଣଙ୍କୁ ଉଠାଇ ଆଣିଥିଲା। ୧୧୭ଜଣଙ୍କ ମଧ୍ୟରୁ ୧୧୪ ଜଣ ଏସଆଇ ପରୀକ୍ଷା ପାଇଁ ଆବେଦନ କରିଥିଲେ। ପ୍ରଶ୍ନପତ୍ର ଓ ଓ ଅନ୍ୟାନ୍ୟ ଟ୍ରେନିଂ ପାଇଁ ସେମାନେ ଭୁବନେଶ୍ୱରରୁ ବସ୍‌ରେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଯାଉଥିଲେ। ଏନେଇ ଗୋଳନ୍ଥରା ଥାନାରେ ମାମଲା ରୁଜୁ କରଯାଇ ୩ ଦଲାଲ ଓ ୧୧୪ ଜଣ ଚାକିରି ଆଶାୟୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା।

# ପବିତ୍ର ମହାଳୟା



ହିନ୍ଦୁ ଧାର୍ମିକ ପରଂପରାରେ ପିତୃପୁରୁଷଙ୍କ ପାଇଁ ପାଳନ କରାଯାଉଥିବା ବିଭିନ୍ନ ଶ୍ରାଦ୍ଧ କର୍ମ ମଧ୍ୟରେ ମହାଳୟା ଶ୍ରେଷ୍ଠତମ । ଏହି ଅବସରରେ ପିତୃ ପକ୍ଷରେ ଯେକୌଣସି ଦିନ ନିଜର ସାଧ ମତେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଓ ବ୍ରାହ୍ମଣ ଭୋଜନ ଦିଆଯାଏ । ଏହାଦ୍ୱାରା ପୁଣ୍ୟ ଲାଭ ଏବଂ ବଂଶର ଉତ୍ତର ପିଢ଼ିର ସକଳ ଉନ୍ନତି ହେଉଥିବା ବିଶ୍ୱାସ କରାଯାଏ । କିମ୍ବଦନ୍ତୀ କହେ, ମହାଦାନୀ କର୍ଣ୍ଣଙ୍କର ଦାତାପଣିଆର ପୁରସ୍କାର ସ୍ୱରୂପ ଯମପୁରରେ ତାଙ୍କୁ ସୁନା, ରୁପା ମିଳିଥିଲା । ହେଲେ, ଖାଦ୍ୟ ଦିଆଯାଇ ନ ଥିଲା । କାରଣ, ଜୀବିତାବସ୍ଥାରେ ସେ କେବେ ଅନ୍ନଦାନ କରି ନ ଥିଲେ । ଯମରାଜଙ୍କୁ ପ୍ରାର୍ଥନା କରି ସେ ଚଉଦ ଦିନ ପାଇଁ ମର୍ତ୍ତ୍ୟକୁ ଆସି ବ୍ରାହ୍ମଣ ତଥା ଗରିବମାନଙ୍କୁ ଅନ୍ନଦାନ ଦେଇଥିଲେ । ଯମପୁର ଫେରିବା ପରେ ତାଙ୍କୁ ଆଉ ଅନ୍ନରୁ ବଞ୍ଚିତ କରାଯାଇ ନ ଥିଲା । ମର୍ତ୍ତ୍ୟଲୋକରେ କର୍ଣ୍ଣ କଟାଇଥିବା ସେହି ଚଉଦ ଦିନ ଥିଲା ପିତୃପକ୍ଷ।

ମହାଳୟା ହେଉଛି ପିତୃପକ୍ଷର ଶେଷ ଦିନ ଏବଂ ଦେବୀପକ୍ଷ ବା ଶାରଦୀୟ ଦୁର୍ଗାପୂଜାର ଶୁଭାରମ୍ଭର ସନ୍ଧିକ୍ଷଣ। ପାରମ୍ପରିକ ହିନ୍ଦୁ ବିଶ୍ୱାସ ଓ ଓଡ଼ିଆ ସଂସ୍କୃତି ଅନୁଯାୟୀ, ଆଶ୍ୱିନ ମାସର କୃଷ୍ଣପକ୍ଷ ଅମାବାସ୍ୟା ତିଥିକୁ 'ମହାଳୟା ଅମାବାସ୍ୟା' କୁହାଯାଏ। ଚଳିତ ବର୍ଷ ଏହା ୧୦ ଅକ୍ଟୋବର ୨୦୨୬, ଶନିବାର ଅନୁଷ୍ଠିତ ହେଉଛି। ଏହି ପବିତ୍ର ଦିନରେ ମର୍ତ୍ତ୍ୟଲୋକକୁ ଓହ୍ଲାଇ ଆସିଥିବା ପିତୃପୁରୁଷମାନଙ୍କୁ ଶ୍ରଦ୍ଧାର ସହ ବିଦାୟ ଦିଆଯାଏ ଏବଂ ମା' ଦୁର୍ଗାଙ୍କ ଆଗମନ ପାଇଁ ଧରାପୃଷ୍ଠ ଉତ୍ସବମୁଖର ହୋଇଉଠେ।

## ଓଡ଼ିଆ ପରମ୍ପରାରେ ମହାଳୟା ଶ୍ରାଦ୍ଧ ଓ ତିଳ ତର୍ପଣ

ମହାଳୟା ଦିନ ପରିବାରର ସମସ୍ତ ସ୍ୱର୍ଗତ ପିତୃପୁରୁଷ (ଜେଜେବାପା, ବାପା, ମା' ଏବଂ ସମ୍ପର୍କୀୟ)ଙ୍କ ଉଦ୍ଦେଶ୍ୟରେ ମିଳିତ ଭାବେ ଶ୍ରାଦ୍ଧ ଓ ପିଣ୍ଡଦାନ କରାଯାଏ:

**ତୀର୍ଥ କ୍ଷେତ୍ରରେ ପିଣ୍ଡଦାନ:** ଓଡ଼ିଶାରେ ଏହି ଦିନ ପୁରୀ ଶ୍ରୀମନ୍ଦିରର ବାଇଶି ପାହାଚ, ବିନ୍ଦୁସାଗର, ଯାଜପୁରର ବୈତରଣୀ ନଦୀ କୂଳ ବା ନାଭିଗୟା, ଏବଂ ବିଭିନ୍ନ ପବିତ୍ର ନଦୀଘାଟରେ ପିତୃପୁରୁଷଙ୍କୁ ଜଳାଞ୍ଜଳି ଓ ପିଣ୍ଡଦାନ ଦେବା ପାଇଁ ଅସମ୍ଭାଳ ଭିଡ଼ ହୋଇଥାଏ।

**ତିଳ ତର୍ପଣ ବିଧି:** ଘରର କର୍ତ୍ତା ସକାଳୁ ଶୁଦ୍ଧ ବସ୍ତ୍ର ପିନ୍ଧି, ଦକ୍ଷିଣ ଦିଗକୁ ମୁହଁ କରି ବସନ୍ତି। କୁଶ, ଗଙ୍ଗାଜଳ, ମହୁ ଏବଂ କଳାତିଳ ସହାୟତାରେ ପିତୃଗଣଙ୍କ ନାମ ଓ ଗୋତ୍ର ଉଚ୍ଚାରଣ କରି ତର୍ପଣ କରନ୍ତି।

**ମହାପ୍ରସାଦ ଭୋଗ ଓ ବ୍ରାହ୍ମଣ ସେବା**

ଓଡ଼ିଆ ଘରେ ଏହି ଦିନ ସମ୍ପୂର୍ଣ୍ଣ ସାତ୍ତ୍ୱିକ ମାହୋଲ ଥାଏ ଏବଂ ପିତୃପୁରୁଷଙ୍କ ପସନ୍ଦର ଖାଦ୍ୟ ପ୍ରସ୍ତୁତ ହୁଏ:

**ମହାପ୍ରସାଦର ମହତ୍ତ୍ୱ:** ପୁରୀ ଓ ଆଖପାଖ ଅଞ୍ଚଳରେ ଶ୍ରୀମନ୍ଦିରରୁ ଅବଢ଼ା (ମହାପ୍ରସାଦ) ଆଣି ପିତୃପୁରୁଷଙ୍କୁ ଭୋଗ ଲଗାଇବାର ପରମ୍ପରା ରହିଛି।



**ଘରୋଇ ହବିଷାନ୍ନ:** ଘରେ ଅରୁଆ ଅନ୍ନ, କଞ୍ଚା କଦଳୀ, ସାରୁ ଓ କନ୍ଦମୂଳ ପଡ଼ିଥିବା ଓଡ଼ିଆ ଡାଲମା, କାକରା, ଏବଂ ଗାଇ କ୍ଷୀରର ସୁଆଦିଆ ଖିରି ପ୍ରସ୍ତୁତ କରାଯାଏ। ଏଥିରେ ପିଆଜ, ରସୁଣ ସମ୍ପୂର୍ଣ୍ଣ ନିଷେଧ।



**ବାୟସ ଅନ୍ନ (କାକ ବଳି):** ବ୍ରାହ୍ମଣ ଭୋଜନ ପୂର୍ବରୁ ଗୋମାତା ଓ କାଉଙ୍କୁ ଅନ୍ନ ଦିଆଯାଏ। ଓଡ଼ିଆ ବିଶ୍ୱାସ ଅନୁସାରେ, କାଉ ମାଧ୍ୟମରେ ପିତୃପୁରୁଷମାନେ ଆସି ଅନ୍ନ ଗ୍ରହଣ କରନ୍ତି।

ଶ୍ରୀମନ୍ଦିରରେ ଗୁପ୍ତ ଗୁଣ୍ଡିଚା ଓ ଦେବୀଙ୍କ ଆବାହନ

**ଦୁର୍ଗା ମାଧବ ନୀତି:** ମହାଳୟା ଦିନ ଶ୍ରୀମନ୍ଦିରରେ ମା' ଦୁର୍ଗା ଓ ପ୍ରଭୁ ଜଗନ୍ନାଥଙ୍କ ପ୍ରତିନିଧି ମାଧବଙ୍କ ମିଳିତ ପୂଜା ହୁଏ। ଏହାକୁ 'ଗୁପ୍ତ ଗୁଣ୍ଡିଚା' ଯାତ୍ରା କୁହାଯାଏ, ଯେଉଁଠି ଦୁଭୟେ ରଥରେ ବସି ନାରାୟଣୀ ମନ୍ଦିରକୁ ଯାଆନ୍ତି।

**ଦେବୀପକ୍ଷ ଆରମ୍ଭ:** ଏହି ଦିନ ସକାଳୁ ଚଣ୍ଡୀପାଠ ଏବଂ 'ମହିଷାସୁର ମର୍ଦ୍ଦିନୀ' ସ୍ତୋତ୍ର ଗାନ କରାଯାଇ ମା' ଦୁର୍ଗାଙ୍କୁ ଧରାପୃଷ୍ଠକୁ ଆବାହନ କରାଯାଏ। ଏହା ପରଦିନଠାରୁ ହିଁ ଶାରଦୀୟ ନବରାତ୍ରି ଓ ମଣ୍ଡପଗୁଡ଼ିକରେ ପୂଜା ଆରମ୍ଭ ହୁଏ। ମହଳୟା ଶ୍ରାଦ୍ଧର ତର୍ପଣରେ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଅଚାର୍ଯ୍ୟ, ବେଦ, ଛନ୍ଦ, ଗନ୍ଧର୍ବଗଣ, ଦେବଗଣ, ପୁରୁଣାଚାର୍ଯ୍ୟ, ସମ୍ବତ୍ସର, ଶାବୟବ, ନାଗଗଣ, ଯକ୍ଷ, ଭକ୍ଷ, ପିଶାଚ, ବନସ୍ପତି, ଔଷଧ, ଭୂତଗ୍ରାମ, ଚତୁଷ୍ଟୟ ଏବଂ ପୃଥିବୀ ଇତ୍ୟାଦି କୋଡ଼ିଏ ଦେବଗଣଙ୍କୁ ଗୋଟିଏ ଥର ତର୍ପଣ; ସନତ, ସନନ୍ଦ, ସନତନ, କପିଳ, ଆସୁରୀ, ଭୋବୁ, ଏବଂ ପଞ୍ଚଶିଖ ଇତ୍ୟାଦି ସାତ ଋଷିଙ୍କୁ ଦୁଇ ଥର ତର୍ପଣ ଏବଂ ପିତୃପୁରୁଷଗଣଙ୍କୁ ତିନିଥର ତର୍ପଣରେ ଅପ୍ୟାୟିତ କରାଯାଏ । ପିତୃ ତର୍ପଣରେ ପିତାଙ୍କୁ ରୁଦ୍ର ରୂପେ, ପିତାମହଙ୍କୁ ବସୁରୂପେ ଓ ପ୍ରପିତାମହଙ୍କୁ ଆଦିତ୍ୟରୂପେ କଳ୍ପିତ କରାଯାଏ । ପିଣ୍ଡଦାତାଙ୍କ ଆଳୟରେ ସର୍ବଦେବ, ଋଷି, ଏବଂ ପିତୃପୁରୁଷଙ୍କ ଉପସ୍ଥିତ ହେତୁ ଏହାଙ୍କୁ ମହାଳୟା ଶ୍ରଦ୍ଧ କୁହାଯାଏ । ଭାଦ୍ରବ ମାସ କୃଷ୍ଣ ପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା, ଏହି ୧୫ ଦିନ ମଧ୍ୟରେ ଜଣେ ଯେକୌଣସି ଦିନ ଶ୍ରାଦ୍ଧ ଦେଇପାରେ, ଏଥିପାଇଁ ଏହାକୁ ପିତୃପକ୍ଷ କୁହଯାଏ ।

# ଦେବୀ ଦୁର୍ଗାଙ୍କ ପୂଜା ଏବଂ ମନ୍ତ୍ର ଜପ କରିବା ସମୟ

ପ୍ରତିବର୍ଷ ଶାରଦୀୟ ନବରାତ୍ରିର ଆଗମନ ଭକ୍ତଙ୍କ ଜୀବନରେ ନୂତନ ଶକ୍ତି ଏବଂ ସକାରାତ୍ମକତା ଆଣିଥାଏ । ଆଶ୍ୱିନ ମାସ ଶୁକ୍ଳ ପକ୍ଷର ପ୍ରତିପଦ ତିଥିରୁ ନବମୀ ତିଥି ପର୍ଯ୍ୟନ୍ତ ମା' ଦୁର୍ଗାଙ୍କ ନଅଟି ରୂପର ଆରାଧନା କରିବା ସହ ଭକ୍ତମାନେ ପୂର୍ଣ୍ଣ ନିଷ୍ଠାର ସହିତ ଉପବାସ, ପୂଜା ଏବଂ ଧ୍ୟାନ କରନ୍ତି । ଚଳିତ ବର୍ଷ, ଶାରଦୀୟ ନବରାତ୍ରି ଅକ୍ଟୋବର ୧୧ ରୁ ଅକ୍ଟୋବର ୨୦ ପର୍ଯ୍ୟନ୍ତ ପାଳନ କରାଯିବ । ଏହି ୧୦ ଦିନିଆ ପର୍ବ ଶକ୍ତି ଉପାସନାର ସବୁଠାରୁ ବଡ଼ ଅବସର । ଯେଉଁଥିରେ ଭକ୍ତମାନେ ସେମାନଙ୍କ ଇଚ୍ଛା ପୂରଣ ପାଇଁ ଦେବୀ ମାତାଙ୍କୁ ପ୍ରାର୍ଥନା କରନ୍ତି ।









## ନବରାତ୍ରିରେ ଉପବାସ ଏବଂ ଧ୍ୟାନର ଗୁରୁତ୍ୱ

ନବରାତ୍ରିରେ ବ୍ରତ ଏବଂ ଉପବାସକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ । ଉପବାସ କେବଳ ଧାର୍ମିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ । କାରଣ ଏହା ଆମ ଶରୀରକୁ ପବିତ୍ର କରିଥାଏ । ଏହି ସମୟରେ, ମାଂସ, ମଦ୍ୟପାନ ଏବଂ ନକାରାତ୍ମକ ଚିନ୍ତାଧାରାରୁ ଦୂରେଇ ରହିବାର ମାନ୍ୟତା ରହିଛି । ଏଭଳି ବିଶ୍ୱାସ କରାଯାଏ ଯେଉଁ ଭକ୍ତମାନେ ସଂଯମ ଏବଂ ଭକ୍ତିର ସହିତ ନବରାତ୍ରି ପାଳନ କରିଥାନ୍ତି ସେମାନଙ୍କ ମନ ଶୃଙ୍ଖଳିତ ହୋଇଥାଏ ଏବଂ ଭଗବାନଙ୍କ ପ୍ରତି ମଣିଷର ଭକ୍ତି ଗଭୀର ହୁଏ ।

**ମନ୍ତ୍ର ଜପର ନିୟମ ଏବଂ ସମୟ:**

ନବରାତ୍ରି ସମୟରେ ଦେବୀ ଦୁର୍ଗାଙ୍କ ମନ୍ତ୍ର ଜପ କରିବା ଅତ୍ୟନ୍ତ ଫଳପ୍ରଦ ବୋଲି ବିବେଚନା କରାଯାଏ । ଏହାଦ୍ୱାରା ଆମ ମନକୁ ଶାନ୍ତି ମିଳିବା ସହ ମଣିଷର ଆଧ୍ୟାତ୍ମିକ ଉନ୍ନତି ମଧ୍ୟ ହୋଇଥାଏ । କିନ୍ତୁ ମନ୍ତ୍ର ଜପ କରିବାର ସଠିକ୍ ସମୟ ଏବଂ ପଦ୍ଧତି ଜାଣିବା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ ।

**ସକାଳ ସୂର୍ଯ୍ୟୋଦୟ:** ଏହି ସମୟରେ ମନ୍ତ୍ର ଜପ କରିବା ସବୁଠାରୁ ଶୁଭ ବୋଲି ବିବେଚନା କରାଯାଏ । ଏହା ସୁଖ, ସୌଭାଗ୍ୟ ଏବଂ ପ୍ରସିଦ୍ଧି ଆଣିଥାଏ ।

**ଅପରାହ୍ନ ସମୟ:** ଯଦି ଆପଣ କୌଣସି ବିଶେଷ ଫଳ ଚାହୁଁଛନ୍ତି ତେବେ ଅପରାହ୍ନରେ ଦେବୀ ମା'ଙ୍କ ମନ୍ତ୍ର ଜପ କରିବା ଉଚିତ ।

**ସନ୍ଧ୍ୟା:** ସନ୍ଧ୍ୟା ପୂର୍ବରୁ ମନ୍ତ୍ର ଜପ କରିବା ଶାନ୍ତି ଏବଂ ମଙ୍ଗଳ ପାଇଁ ସର୍ବୋତ୍ତମ ହୋଇଥାଏ । ଯେତେବେଳେ କି ସନ୍ଧ୍ୟାରେ ଜପ କରିବା ତନ୍ତ୍ର ସାଧନା ପାଇଁ ଉଲ୍ଲେଖ କରାଯାଇଛି ।

**ଜପ କରିବା ପୂର୍ବରୁ ସଂକଳ୍ପ ଏବଂ ପୂଜା:** ଦେବୀ ମା'ଙ୍କ ମନ୍ତ୍ର ଜପ ଆରମ୍ଭ କରିବା ପୂର୍ବରୁ ସଂକଳ୍ପ ନେବା ଅପରିହାର୍ଯ୍ୟ ବୋଲି ବିବେଚନା କରାଯାଏ । ସଂକଳ୍ପ ବିନା ଜପକୁ ଅସମ୍ପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଏହା ପରେ ଇଷ୍ଟଦେବ ଏବଂ ଅନ୍ୟାନ୍ୟ ଦେବୀ ଦେବତାଙ୍କୁ ପୂଜା କରିବା, ଦୀପ ଏବଂ ଧୂପ ଜଳାଇବା ଏବଂ ତା'ପରେ ଜପ ଆରମ୍ଭ କରିବା ଉଚିତ ।

**ଜପ ସମୟରେ ସତର୍କତା:** ଜପ ସମୟରେ ମନର ଏକାଗ୍ରତା ଅତ୍ୟନ୍ତ ଜରୁରୀ ହୋଇଥାଏ । ଏହି ସମୟରେ କ୍ରୋଧ, ଆଳସ୍ୟ, ନିଦ୍ରା ଯିବା, ଛିଙ୍କିବା କିମ୍ବା ଗୋଡ ପ୍ରସାରିତ କରି ବସିବା ଅଶୁଭ ବୋଲି ବିବେଚନା କରାଯାଏ । ଏପରି କି ଭୁଲ ମନ୍ତ୍ର ଜପର ସମ୍ପୂର୍ଣ୍ଣ ଲାଭକୁ ବାଧା ଦେଇପାରେ ।

## ପବିତ୍ର ମନରେ କରନ୍ତୁ ଆରାଧନା

ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ସକାଳେ ସ୍ନାନ କରି ସାରିବା ପରେ ଏମିତି କିଛି ବିଶେଷ କାମ ରହିଛି; ଯାହାକୁ କରିବା ଦ୍ୱାରା ଘରେ ସୁଖଶାନ୍ତି ବଢ଼ିବା ସହ ଧନ ମଧ୍ୟ ବୃଦ୍ଧି ହୋଇଥାଏ। ଯେମିତିକି: ପ୍ରତିଦିନ ସ୍ନାନ କରି ସାରିବା ପରେ ସୂର୍ଯ୍ୟ ନମସ୍କାର କରି ନିଜର ଇଷ୍ଟଦେବଙ୍କୁ ପବିତ୍ର ମନରେ ଆରାଧନା କଲେ ମନକୁ ଶାନ୍ତି ମିଳିବା ସହ ଘରେ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥା'ନ୍ତି। ତା'ପରେ ତୁଳସୀ ଚଉଁରାରେ ଜଳ ଦେଇ ମୁଣ୍ଡିଆ ମାରିଲେ ଐଶ୍ୱର୍ଯ୍ୟ ବୃଦ୍ଧି ହୁଏ ବୋଲି ମାନ୍ୟତା ରହିଛି। ଏସବୁ କାର୍ଯ୍ୟ ପରେ



ଘରର ଚାରିଆଡ଼େ ଗଙ୍ଗାଜଳ ଛିଞ୍ଚିଲେ ଘରେ ସୁଖଶାନ୍ତି ବୃଦ୍ଧି ପାଇବା ସହ ଆର୍ଥିକ ସ୍ଥିତି ସୁଧୁରିଥାଏ ବୋଲି ଲୋକବିଶ୍ୱାସ ରହିଛି। ଅନ୍ୟପକ୍ଷେ ସ୍ନାନ ପରେ ହଳଦୀ ପାଣି ବି ଘରସାରା ଛିଞ୍ଚିଲେ ଘରେ ସକାରାତ୍ମକ ଉର୍ଜାର ପ୍ରଭାବ ବୃଦ୍ଧି ପାଇଥାଏ ବୋଲି କୁହାଯାଏ। ସେହିପରି ସ୍ନାନ ପରେ ଘରେ ଲୁଣପାଣି ବି ଛିଞ୍ଚିଲେ ଘରୁ ନକାରାତ୍ମକ ଉର୍ଜା ନଷ୍ଟ ହୋଇଥାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥା'ନ୍ତି। ସ୍ନାନ ପରେ ଘରେ ଯେଉଁ ରୋଷେଇ କରାଯାଏ, ସେଥିରୁ କିଛି ଗାଈଙ୍କୁ ଖାଇବାକୁ ଦେଲେ ଶୁଭ ହୋଇଥାଏ। ସୁଖସମୃଦ୍ଧି ବୃଦ୍ଧି କରିବାରେ ଏହା ଅନେକ ସାହାଯ୍ୟ କରିଥାଏ ବୋଲି ବିଶ୍ୱାସ ରହିଛି।

## ସେବା ସଂକଳ୍ପ ଅଭିଯାନ: ଅଭିଯୋଗ ଶୁଣିଲେ ବିଧାୟକ

ଭାପୁର,(ନିପ୍ର): ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ଭାପୁର ବ୍ଲକ ଡାକବଙ୍ଗଳା ପରିସରରେ ଶୁକ୍ରବାର ସେବା ସେତୁ ଅଭିଯାନ ବି.ଡ଼ି.ଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମରେ, ମୁଖ୍ୟଅତିଥି ରୂପେ ଖଣ୍ଡପଡା ବିଧାୟକ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଭାପୁର ତହସିଲଦାର, ବ୍ଲକ ଶିକ୍ଷାଧିକାରିଣୀ,ସାଂସଦଙ୍କ ଜିଲ୍ଲା ପ୍ରତିନିଧି, ଜିଲ୍ଲା ପରିଷଦ ସଭ୍ୟ ଏବଂ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେଇଥିଲେ। ସେବା ସଂକଳ୍ପ ଅଭିଯାନରେ ବ୍ଲକ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର, ଶିକ୍ଷା ସେତୁ ଅଭିଯାନରେ ଅତୀତର ହଜି ଯାଇଥିବା ଘର କରଣା ଜିନିଷର ସ୍ମୃତିଚାରଣ ଓ ପ୍ରଦର୍ଶନ, ସ୍ୱୟଂ ସହାୟକ ଗୋଷ୍ଠୀର ମିଶନ ଅର୍ଥାତ୍ ଏସ.ଏଚ.ଜିକୁ ସୁଧ ଫେରସ୍ତ କାର୍ଯ୍ୟକ୍ରମ,ମାଣ୍ଡିଆଜାତ ସୁସ୍ୱାଦ ଖାଦ୍ୟ ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ,ବ୍ଲକର ୨୦ ଗୋଟି ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ନେଇ ୪୦ ଜଣ ଲିଖିତ ଅଭିଯୋଗ କରିଥିଲେ। ଏହାର ସମାଧାନ ପାଇଁ ବିଡ଼ିଓ,ତହସିଲଦାରଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ସେଗୁଡିକ ମଧ୍ୟରୁ ରାସନ କାର୍ଡ ସମ୍ବନ୍ଧୀୟ ୧୫,ରାସ୍ତା କାର୍ଯ୍ୟ ୧,ସ୍କୁଲ ବିଲ ୧,ଭତ୍ତା ସମ୍ବନ୍ଧୀୟ ୨୦,ବିଧାୟକ ଲ୍ୟାଡ଼ ପାଇଁ ୨,ଡ୍ରେନ କାର୍ଯ୍ୟ ପାଇଁ ଗୋଟିଏ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ହୋଇଥିଲା।

## ଜୋନସ୍ତରୀୟ ୧୯ ବାଳିକା କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ପିପିଲି,(ନିପ୍ର): ସ୍ଥାନୀୟ ବଳଙ୍ଗା ମହାବିଦ୍ୟାଳୟ ପରିସରରେ ଜୋନସ୍ତରୀୟ ଆନ୍ତ ମହାବିଦ୍ୟାଳୟ ବାଳିକା କବାଡି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିମାପଡା ମଣ୍ଡଳ ଉନ୍ନୟନ ଅଧିକାରୀ ଅଭିଜିତ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ




କରିଥିଲେ। ଟୁର୍ଣ୍ଣାମେଣ୍ଟରେ ବଳଙ୍ଗା, ସାକ୍ଷୀଗୋପାଳ, ପିପିଲି, ଡ଼େଲାଙ୍ଗ, କୁଆଁରପୁର , ଦଳନଈ ପ୍ରଭୃତି ଅଞ୍ଚଳରୁ ୭ଗୋଟି କଲେଜର ଛାତ୍ରୀମାନେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୟୁଜିଏସ ଉଚ୍ଚ ମାଧ୍ୟମିକ ସାକ୍ଷୀଗୋପାଳ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଟୁର୍ଣ୍ଣାମେଣ୍ଟକୁ ଅଭିଜ୍ଞ କ୍ରୀଡା ଶିକ୍ଷକ ସୁଚିତ୍ର ଖଟୋଇ, ରାମଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲାବେଳେ କଲେଜ ଅଧ୍ୟାପକ ନୀଳକଣ୍ଠ ମିଶ୍ର, ୟାସିନ ରାଜା ଖାନ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ବନ୍ୟପ୍ରାଣୀ ସପ୍ତାହ

ନିରାକାରପୁର,(ନିପ୍ର): ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପ୍ରକୃତି ବିହାର, କମାଗୁରୁଠାରେ ଇକୋ କ୍ଲବ୍ ଆନୁକୂଲ୍ୟରେ ବନ୍ୟପ୍ରାଣୀ ସପ୍ତାହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ପଦଯାତ୍ରା ଏବଂ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଇକୋ କ୍ଲବ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟାପକ ଆଲୋଚନାଚକ୍ରକୁ ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷା ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ, ଶିକ୍ଷାବିତ୍ ତଥା ପ୍ରକୃତି ବନ୍ଧୁ ଡ. ସୁଧାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ପ୍ରକୃତି ବିହାର ପରିସରରେ ସୃଷ୍ଟି ହୋଇଥିବା ଜୈବ ବିବିଧତା ଉଦ୍ୟାନ, ଔଷଧୀୟ ବୃକ୍ଷରାଜି, ରଥ ପାଇଁ ଗଛଟିଏ, ମହାତ୍ମାଗାନ୍ଧୀ ଆମ୍ର ଉଦ୍ୟାନ ଆଦି ପ୍ରକୃତିର ଅମୂଲ୍ୟ ସମ୍ପଦ।

ଅଧ୍ୟକ୍ଷା ଡ. ସାମନ୍ତରାୟ ନିଜ ମାର୍ଗଦର୍ଶନୀ ବକ୍ତବ୍ୟରେ କହିଥିଲେ ଯେ, ବିଦ୍ୟାର୍ଥୀ, ସହକର୍ମୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କର୍ମଶାଳା, ପଦଯାତ୍ରା, ପଥପ୍ରାନ୍ତ ନାଟକ ଓ ଆଲୋଚନା ଚକ୍ରର ଆୟୋଜନ କରାଯିବ। ଏହାସହ ଇକୋ କ୍ଲବ୍, ଜାତୀୟ ସେବା ଯୋଜନା , ୟୁଥ୍ ରେଡ୍‌କ୍ରସ୍, ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଆଦି ମାଧ୍ୟମରେ ସମାଜସେବା କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏହି ଅବସରରେ ଗୋମାତାଙ୍କୁ ଜଳ ଓ ତୋରାଣି ଆଦି ପ୍ରଦାନ କରାଯାଇଥିଲା। ଶେଷରେ ୟୁଥ୍ ରେଡ୍‌କ୍ରସ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟାପକ ଦିଲ୍ଲୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ସିବିଆଇ ପଞ୍ଝାରେ ପ୍ରିନ୍ସିପାଲ

ନୂଆପଡ଼ା: ଲାଞ୍ଚ ନେଉଥିବା ବେଳେ ନୂଆପଡା ଜିଲ୍ଲା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ପ୍ରିନ୍ସପାଲ ସିବିଆଇ ହାତରେ ଧରାପଡିଛନ୍ତି। ଜଣେ ଏଏନଏମଙ୍କ କାର୍ଯ୍ୟକାଳ ରିନ୍ୟୁଆଲ ପାଇଁ ୧୨ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଗିରଫ ପ୍ରିନ୍ସିପାଲ ହେଲେ କ୍ରିଷ୍ଣମୂର୍ତ୍ତି ନାଇଡୁ। ନୂଆପଡ଼ାସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ କାର୍ଯ୍ୟରତ ଏଏନଏମଙ୍କ ରିନ୍ୟୁଆଲ ପାଇଁ ପ୍ରିନ୍ସପାଲ ୧୨ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ଏଏନଏମ ଜଣକ ସିବିଆଇ ଦ୍ୱାରସ୍ଥ ହୋଇଥିଲେ। ଅକ୍ଟୋବର ୭ ତାରିଖରେ ଅଭିଯୋଗକାରୀଙ୍କ ଠାରୁ ୧୨ ହଜାର ଟଙ୍କା ପ୍ରିନ୍ସପାଲ ଲାଞ୍ଚ ନେଉଥିବା ସମୟରେ ପୂର୍ବରୁ ଛକି ରହିଥିବା ସିବିଆଇ ଟିମ୍ ମାଡି ବସିଥିଲା। ସିବିଆଇ ଟିମ୍ ତାଙ୍କୁ ଗିରଫ କରିବା ସହ ଅଧିକ ପଚରାଉଚରା ପାଇଁ ଭୁବନେଶ୍ୱର ଆଣିଛି।

# ଝୋଟ ଚାଷ ଉପରୁ ମୁହଁ ଫେରାଉଛନ୍ତି ଚାଷୀ

## ଠିକ୍ ପାରିଶ୍ରମିକ ମିଳୁନଥିବା ନେଇ ଚିନ୍ତା

ସାଲେପୁର,(ନିପ୍ର): ଆଧୁନିକ ଯୁଗରେ ପ୍ଲାଷ୍ଟିକ ସାମଗ୍ରୀର ଚାହିଦା ବୃଦ୍ଧି ପାଇବା ଯୋଗୁଁ ଝୋଟରେ ପ୍ରସ୍ତୁତ ହେଉଥିବା ସାମଗ୍ରୀ ଯଥା ଅଖାବସ୍ତା, ଅଖାବ୍ୟାଗ, କାର୍ପେଟ ଓ ଝୋଟ ରଶି ଆଦିର ଚାହିଦା ଧୀରେ ଧୀରେ କମିବାକୁ ଲାଗିଲା । ଫଳରେ ଝୋଟ ଚାଷ ଉପରୁ ମୁହଁ ଫେରାଉଛନ୍ତି ଚାଷୀମାନେ। ଦିନ ଥିଲା ଲଳିତା ଚାଷ ଓ ଝୋଟ ଉତ୍ପାଦନ ପାଇଁ ସାଲେପୁର ଓ ନିଶ୍ଚିନ୍ତକୋଇଲି ଅଂଚଳ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲା । ସେତେବେଳେ ଝୋଟ କର୍ପୋରେସନ ଅଫ ଇଣ୍ଡିଆ ପକ୍ଷରୁ ଝୋଟ ସୋସାଇଟ୍ ଗଠନ କରାଯାଇ ଚାଷୀମାନଙ୍କ ଠାରୁ ସିଧାସଳଖ ଝୋଟ କିଣୁଥିଲେ। ହେଲେ ଦୀର୍ଘ ୩୦ବର୍ଷରୁ ଅଧିକ ସମୟ ଧରି ଝୋଟ ସୋସାଇଟ୍ ଗୁଡିକ ବନ୍ଦ ହେବାରୁ ଝୋଟ ବିକ୍ରି କରିବା ପାଇଁ ଚାଷୀମାନେ ବାରଦୁଆର ଶୁଣ୍ଡି ପିଣ୍ଡା ହେଉଥିବା ସମୟରେ ଏହାର ଫାଇଦା ନେଉଛନ୍ତି ସ୍ଥାନୀୟ ଅଂଚଳର ଦଲାଲ ଓ ପଡୋଶୀ ରାଜ୍ୟର ବ୍ୟବସାୟୀମାନେ ଚାଷୀମାନଙ୍କ ଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ କମ୍ ମୂଲ୍ୟରେ କିଣୁଥିବାରୁ ଚାଷୀମାନେ କ୍ଷତି ସହୁଛନ୍ତି। ପୂର୍ବରୁ ଏହି ଅଂଚଳରେ ଶହ ହେକ୍ଟର ଚାଷ ଜମିରେ ଲଳିତା ଚାଷ କରୁଥିବା ଚାଷୀମାନେ ସେପରି ଆଗ୍ରହ ପ୍ରକାଶ କରୁ ନାହାନ୍ତି। ସାଧାରଣତଃ ଲଳିତା ଚାଷ ପାଇଁ ଚାଷୀମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡେ । ଚାଷ କରି ଲଳିତା ମଞ୍ଜି ବୁଣିବା ଠୁଁ ଆରମ୍ଭ କରି କାଟିବା, ତାପରେ ପାଣିରେ ବିଡା ବାନ୍ଧି ରଖିବା ଓ କାଟିବା



ପରେ ସେଥିରୁ ଝୋଟ ବାହାରି ଥାଏ। ଝୋଟ ଉତ୍ପାଦନ କରିବା ପାଇଁ ଯେଉଁ ପରିମାଣରେ ଅର୍ଥ ଓ ପରିଶ୍ରମ ଲାଗିଥାଏ, ଚାଷୀମାନଙ୍କୁ ସେହି ପରିମାଣରେ ଲାଭ ମିଳିନଥାଏ । ପୁରୁଖା ଚାଷୀମାନେ ଏହି ଚାଷକୁ ବଞ୍ଚେଇ ରଖିବା ସହିତ ଦୀପାବଳିରେ ପିମ୍ପେଇ ଡାକିବା ପାଇଁ କାଉଁରିଆର ଆବଶ୍ୟକ ବୋଲି ଆମେ ସେଥିପାଇଁ ଏହି ଚାଷ କରୁଛୁ ବୋଲି ଚାଷୀ କହିଛନ୍ତି ।

ଅପର ପକ୍ଷରେ ଚାଷୀମାନଙ୍କୁ ଚଳିତ ବର୍ଷ ଆବଶ୍ୟକ ମଞ୍ଜି ଓ କୀଟନାଶକ ସହ ହେକ୍ଟର ପିଛା ୯୦୦୦ ଟଙ୍କା ଯୋଗେଇ ଦିଆଯାଇଛି ଚଳିତ ବର୍ଷ ସାଲେପୁର ବ୍ଲକରେ ୧୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଲଳିତା ଚାଷ କରାଯାଇଥିବା କଥା କହିଛନ୍ତି ସାଲେପୁର ବ୍ଲକ କୃଷି ଅଧିକାରୀ । ହେଲେ ଅନ୍ୟପଟେ ଚାଷୀମାନେ କହୁଛନ୍ତି ଲଳିତା ଚାଷ ପାଇଁ ସରକାରୀ ସ୍ତରରେ କିଛି ପ୍ରୋତ୍ସାହନ ମିଳୁନାହିଁ ।

ଏହି ଘଟଣାର ବିଧିବଦ୍ଧ ତଦନ୍ତ କରିବାକୁ ଚାଷୀମାନେ ଦାବି କରିଛନ୍ତି। ସରକାର ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ ସାମଗ୍ରୀ ଉପରେ ରୋକ ଲଗାଇବା ସହିତ ଝୋଟରୁ ପ୍ରସ୍ତୁତ ହେଉଥିବା ସାମଗ୍ରୀ ପାଇଁ ସରକାରୀ ପ୍ରୋତ୍ସାହନ ଦେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ପିଏମ୍‌ଶ୍ରୀ ବିଦ୍ୟାଳୟ ପରିଦର୍ଶନ କଲେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ନୟାଗଡ଼, (ନିପ୍ର): ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମିତା ରାଉତ ଓ ଡେପୁଟି ଡାଇରେକ୍ଟର ଚନ୍ଦନ କୁମାର ରଥ ନିକଟରେ ନୟାଗଡ଼ ଜିଲ୍ଲାର ବିଭିନ୍ନ ପିଏମ୍ ଶ୍ରୀ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷାକାର୍ଯ୍ୟର ନିରୀକ୍ଷଣ ଓ ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ସମୟରେ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ଲାଠିପଡ଼ା, ପିଏମ୍ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୟାଗଡ଼,ପିଏମ୍‌ଶ୍ରୀ ଏନ୍‌ଏସି ଉଚ୍ଚ ବିଦ୍ୟାଳୟ ନୟାଗଡ଼, ପିଏମ୍‌ଶ୍ରୀ ହାଇଅର୍ ସେକେଣ୍ଡାରୀ ଉଚ୍ଚ ବିଦ୍ୟାଳୟ ମହିପୁର , ପିଏମ୍ ଶ୍ରୀ ସୋଲପଟା ଉଚ୍ଚ ବିଦ୍ୟାଳୟ ପରେ ପି ଏମ୍‌ଶ୍ରୀ ଆରସି ଉଚ୍ଚ ବିଦ୍ୟାଳୟ ଖଣ୍ଡପଡ଼ା ଆଦି ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସରକାରଙ୍କର ବିଭିନ୍ନ ଯୋଜନା ଗୁଡ଼ିକ ଓ ପିଏମ୍ ଶ୍ରୀ ବିଦ୍ୟାଳୟର ସୁପରିଚାଳନା ପାଇଁ ମତବ୍ୟକ୍ତ କରିବା ସହ ଭିତ୍ତିଭୂମିକୁ ଗୁରୁତ୍ୱ ଦେଇଥିଲେ । ସରକାରୀ ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଅନ୍ୟ ବିଭାଗ ସହ ସହଯୋଗ କରିବା ପାଇଁ ଉପଦେଶ ଦେଇଥିଲେ। ପରିଦର୍ଶନ ସମୟରେ ଶିଶୁ ବାଟିକା କାର୍ଯ୍ୟକ୍ରମ ସୁଚାରୁଭାବେ ଚାଲୁଥିବା ଦେଖାଯାଇଥିଲା। ଖେଳାଧାରିତ ଶିକ୍ଷା ପ୍ରଣାଳୀ ଓ ଟିଚିଂ–ଲର୍ଣ୍ଣିଂ ମେଟେରିଆଲ (ଯାଦୁ ପେଟି) ବ୍ୟବହାର ବ୍ୟାପକ ଭାବରେ ହେଉଥିବା ପରିଲକ୍ଷିତ କରି ଖୁସି ବ୍ୟକ୍ତ କରିଥିଲେ। ସମସ୍ତ ବିଦ୍ୟାଳୟରେ ଶିକ୍ଷଣ ସୋପାନ ରେଜିଷ୍ଟର ରଖାଯାଇଥିବା ସହ ପାଠନ ଅଭିଯାନ ଓ ରିମେଡିଆଲ ସହାୟତା ସକ୍ରିୟ ଭାବେ କାର୍ଯ୍ୟକାରୀ ହେଉଥିବା ଦେଖିଥିଲେ। ତାଙ୍କ ସହ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବନଲତା ବେହେରା, ବ୍ଲକ୍ ଶିକ୍ଷା ଅଧିକାରୀ ନୂଆଗାଁ,ବ୍ଲକ୍ ଶିକ୍ଷା ଅଧିକାରୀ ଗଣିଆ ଉପସ୍ଥିତ ଥିଲେ।

## ବଳିଆପଣ୍ଡାରେ ଲଙ୍କାକାଣ୍ଡ: ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ପୁରୀ,(ନିପ୍ର): ପୁରୀ ବଳିଆପଣ୍ଡା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକଜଣକ ବୁଢ଼ୀ ମା’ ସାହିର ମାନସ ସେନାପତି ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ପୂର୍ବରୁ ଚାଲିଆସୁଥିବା ଶତ୍ରୁତାକୁ ନେଇ ବଳିଆପଣ୍ଡା ନିକଟରେ ମାନସଙ୍କୁ କିଛି ଦୁର୍ବୃତ୍ତ ଖଣ୍ଡାରେ ହାଣି ରକ୍ତାକ୍ତ କରିପକାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ, ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ଖବର ପାଇ ବଳିଆପଣ୍ଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆକ୍ରମଣକାରୀଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

## ଡ. ସୁଶୀଲ ପଟ୍ଟନାୟକଙ୍କୁ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଦାୟିତ୍ୱ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା କବି ପ୍ରସନ୍ନ ପାଟଶାଣୀ ଅଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ, ମଳିପଡ଼ାର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଆର୍ଥିକ କାରବାର ଅଧିକାରୀ ଭାବେ ଡ. ସୁଶୀଲ କୁମାର ପଟ୍ଟନାୟକଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡ. ପଟ୍ଟନାୟକ ବର୍ତ୍ତମାନ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧାର ବାଣିଜ୍ୟ ବିଭାଗର ମୁଖ୍ୟ ତଥା ରିଡର ଭାବେ ସେ କାର୍ଯ୍ୟରତ ଅଛନ୍ତି। ଏହି ଅବସରରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ସହକର୍ମୀ ଓ ଶୁଭେଚ୍ଛୁମାନେ ଡ. ପଟ୍ଟନାୟକଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି।

### ବଙ୍ଗୋପସାଗରରେ ନୂଆ ସିଷ୍ଟମ୍

## ୧୨ ତାରିଖ ବେଳକୁ ନେଇପାରେ ଘୂର୍ଣ୍ଣିବଳୟ ରୂପ

ଭୁବନେଶ୍ୱର : ୧୨ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ପରେ ଆଣ୍ଡାମାନ ସାଗରରେ ଲଘୁଚାପ ହୋଇପାରେ । କିନ୍ତୁ ଏହା କେତେ ଶକ୍ତିଶାଳୀ ହେବ ଆଉ କେଉଁ ଦିଗକୁ ଯିବ, ତାହା ଏବେଠୁ କହିବା ମୁସ୍କିଲ । ପୂର୍ବ-ମଧ୍ୟ ବଙ୍ଗୋପସାଗରରେ ଲଘୁଚାପ ହେଲେ ଓଡ଼ିଶା ଉପରେ ପ୍ରଭାବ ପଡ଼ିବ । କିନ୍ତୁ ଓଡ଼ିଶା ଉପରେ ବିପଦର ବିଶେଷ ଆଶଙ୍କା ନାହିଁ । ବରିଷ୍ଠ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ଏଭଳି ଆକଳନ କରିଛନ୍ତି । ବିଶ୍ୱର ବିଭିନ୍ନ ପାଣିପାଗ ମଡେଲକୁ ଅନୁଶୀଳନ କରି ସେ କହିଛନ୍ତି, ବଙ୍ଗୋପସାଗରରେ ସିଷ୍ଟମ ଗଠନର ଆଶଙ୍କା ରହିଛି । ପୂର୍ବ ଅପେକ୍ଷା ଏହି ଆଶଙ୍କା ବଢ଼ିଛି । ନ୍ୟାସନାଲ ଓସେନିକ୍ ଆଣ୍ଡ ଆଟମୋସ୍ଫିୟରିକ୍ ଆଡମିନଷ୍ଟ୍ରେସନ (ଏନଓଏଏ) ପୂର୍ବାନୁମାନ ଅନୁସାରେ ଆସନ୍ତା ୧୪ରୁ ୨୦ ତାରିଖ ମଧ୍ୟରେ ଉତ୍ତର ଭାରତ ମହାସାଗରରେ ଘୂର୍ଣ୍ଣିବାତ୍ୟା ସୃଷ୍ଟି ହୋଇପାରେ । ଏହା ସୃଷ୍ଟି ହେବାର ସମ୍ଭାବନା ୨୦ରୁ ୪୦% । ଲଘୁଚାପ ଗଠନ ପାଇଁ ପାଣିପାଗ ସ୍ଥିତି ଅନୁକୂଳ ରହିଥିବା କୁହାଯାଇଛି ।

## ‘ସୁରକ୍ଷିତ ଘରକୁ ଫେରନ୍ତୁ’ ସଚେତନତା

ଭଦ୍ରକ(ନିପ୍ର):ଭଦ୍ରକ ଜିଲ୍ଲାର ପିଏମ୍ ଶ୍ରୀ ବି.ଏମ୍. ବାଗୁରାଇ ହାଇସ୍କୁଲରେ ସେବା ସଂକଳ୍ପ ଅଭିଯାନ-୨୦୨୬ ଅନ୍ତର୍ଗତ ‘ସୁରକ୍ଷିତ ଘରକୁ ଫେରନ୍ତୁ’ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାୟ ୧୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସଡ଼କ ସୁରକ୍ଷା ନିୟମ ସମ୍ପର୍କରେ ସଚେତନ କରାଇଥିଲେ। ହେଲମେଟ୍ ପିନ୍ଧିବା, ସିଟ୍ ବେଲ୍ଟ ବ୍ୟବହାର, ଦ୍ରୁତ ଗତିରେ ଗାଡ଼ି ନ ଚଲାଇବା, ମୋବାଇଲ ଫୋନ୍ ବ୍ୟବହାର କରି ଗାଡ଼ି ନ ଚଲାଇବା ଏବଂ ଟ୍ରାଫିକ ନିୟମ ପାଳନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

# ‘ଯୁବପିଢ଼ି ଗୋପବନ୍ଧୁଙ୍କ ଆଦର୍ଶକୁ ଅନୁସରଣ କରୁ’

ସତ୍ୟବାଦୀ/ପୁରୀ,(ନିପ୍ର): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୀବନୀ,କର୍ମ ତତ୍ପରତା,ତ୍ୟାଗ ଓ ସେବା ଚିର ଅମର। ଆଜିର ଯୁବପିଢ଼ି ତାଙ୍କ ଆଦର୍ଶକୁ ଅନୁସରଣ କରିବା ସହ ସମାଜସେବାରେ ନିଜକୁ ବିନିଯୋଗ ପାଇଁ ଆହ୍ୱାନ ଦେଇଛନ୍ତି ଜିଲ୍ଲାପାଳ । ପଣ୍ଡିତ ଗୋପବନ୍ଧୁଙ୍କ ୧୪୯ ତମ ଜୟନ୍ତୀ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରଭୁ ବିନୋଦ ବିହାରୀଙ୍କ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଜିଲ୍ଲାପାଳ ସୁଆଣ୍ଡୋ ସ୍ଥିତ ଗୋପବନ୍ଧୁ ପାର୍କ ଠାରେ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ, ଗୋପବନ୍ଧୁଙ୍କ ଷଠିଘର ଠାରେ ମାଲ୍ୟାର୍ପଣ କରିଥିଲେ।

ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରି ପିଲାମାନେ ଶୃଙ୍ଖଳିତ, ଚରିତ୍ରବାନ, ପରୋପକାରୀ ଓ ସମୟାନୁବର୍ତ୍ତିତା ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ରେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡ଼ିଓ ଦେବାଶିଷ ନାୟକ,ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ।



**ଚାରିଛକ:** ନିମାପଡା ବ୍ଲକ ଅନ୍ତର୍ଗତ ଡେଣୁଆଁ ପଂଚାୟତ ଆଲିପିଙ୍ଗଳସ୍ଥିତ ଐଶାନେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ଗୋପବନ୍ଧୁ ସେବା ଟ୍ରଷ୍ଟ ଓଡିଶା ତରଫରୁ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମ ଜୟନ୍ତୀ ପାଳନ ସହ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ଆଇନଜୀବୀ ବସନ୍ତ କୁମାର ରାଉତ ଦ୍ୱାରା ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶ୍ରୀ ଜଗନ୍ନାଥ ପ୍ରତିଷ୍ଠାନ ଭାରତର ସଭାପତି ଦିଲ୍ଲୀପ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ବୈକୁଣ୍ଠ ପ୍ରଧାନ, ଫୁଲରାଣୀ ପାଳ,ଉପ ସଭାପତି ରଶ୍ମିତା ଜେନା, ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୁଟୁନି ରାଉତ, ଟ୍ରଷ୍ଟି ତପନ କୁମାର ମୁଦୁଲି ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହିତ ସ୍ଥାନୀୟ ଅଂଚଳର ଏକ ଶହରୁ ଊର୍ଦ୍ଧ୍ୱ କୃତି କଳାକାର ଓ ନିମାପଡା, ଚାରିଛକ ଅଂଚଳର ୨୦ରୁ ଅଧିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଦୁର୍ଗାପୂଜା ପାଇଁ ବିଏମସିର ବଡ଼ ପ୍ରସ୍ତୁତି

- ୭ ଦିନ ଭିତରେ ରାସ୍ତା ମରାମତି
- କାର୍ଯ୍ୟକ୍ଷମ ହେବ ୪୦ଟି ନୂଆ ପାର୍କିଂ ସ୍ଥଳ

ଭୁବନେଶ୍ୱର,(ନିପ୍ର): ଆଉ ଦିନ କେଇଟା ପରେ ଧରାପୃଷ୍ଠକୁ ଅବତରିବେ ମା ଦୁର୍ଗା। ରାଜଧାନୀର ବିଭିନ୍ନ ପୂଜା ମଣ୍ଡପରେ ପ୍ରସ୍ତୁତି ଜୋରଦାର ଚାଲିଛି। ଭିଡ଼ ପରିଚାଳନା ସହ ସୁରକ୍ଷା ସୁନିଶ୍ଚିତ କରିବା ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ। ତେଣୁ ଦୁର୍ଗାପୂଜାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଚଳିତ ବର୍ଷ ରାଜଧାନୀରେ ପ୍ରାୟ ୧୯୫ଟି ପୂଜା ମଣ୍ଡପରେ ପୂଜା ପାଇବେ ମା ଦୁର୍ଗା। ଏହାର ସଫଳ ପରିଚାଳନା ନେଇ ମେୟର, କର୍ପୋରେଟର ଏବଂ ବିଭିନ୍ନ ପୂଜା କମିଟିର କର୍ତ୍ତୃପକ୍ଷଙ୍କୁ ନେଇ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜା ସମୟରେ ଲୋକଙ୍କ ଯାତାୟାତକୁ ସହଜ ଓ ସୁରକ୍ଷିତ କରିବା ପାଇଁ ବୈଠକରେ କେତେକ ପ୍ରମୁଖ ନିଷ୍ପତ୍ତି ନିଆଯାଇଛି। ମଣ୍ଡପଗୁଡ଼ିକ ଆଖପାଖରେ ଥିବା ରାସ୍ତାଘାଟର ଖାଲଖମାଗୁଡ଼ିକୁ ଆସନ୍ତା ୭ ଦିନ ଭିତରେ ସମ୍ପୂର୍ଣ୍ଣ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ରାସ୍ତାକଡ଼ର ଗଛ ଡାଳ କାଟିବା ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୪୦ଟି ନୂଆ ପାର୍କିଂ ସ୍ଥଳକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ପ୍ରାଥମିକତା ଦିଆଯାଇଛି। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ମଣ୍ଡପଗୁଡ଼ିକରେ ପ୍ଲାଷ୍ଟିକ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ପୂଜା ସାମଗ୍ରୀ ସହ ଫୁଲ ସଂଗ୍ରହ ପାଇଁ ସ୍ୱତନ୍ତ୍ର ଗାଡ଼ିର ବ୍ୟବହାର କରାଯିବ। ଏହାବ୍ୟତୀତ ବିଜ୍ଞାପନ ନିୟମର କଡ଼ା ପାଳନ ଏବଂ ମୂର୍ତ୍ତି ବିସର୍ଜନ ପାଇଁ କେବଳ ନିର୍ଦ୍ଦିଷ୍ଟ ପୋଖରୀଗୁଡ଼ିକୁ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷା ଓ ପବନର ସମ୍ଭାବ୍ୟ ସ୍ଥିତିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ବିଏମସି ଏବଂ ୱାର୍ଡ ଇଞ୍ଜିନିୟରମାନେ ମିଳିତ ଭାବେ ସମସ୍ତ ତୋରଣ ଓ ମଣ୍ଡପର ସ୍ଥିରତା (ଷ୍ଟ୍ରକଚରାଲ୍ ଷ୍ଟାବିଲିଟି) ଯାଞ୍ଚ କରିବେ। ସେହିପରି ପୂଜା ସରିବାର ମାତ୍ର ୨ରୁ ୩ ଦିନ ମଧ୍ୟରେ ମଣ୍ଡପଗୁଡ଼ିକୁ ଖାଲି କରିବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଏକ ସ୍ୱତନ୍ତ୍ର ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ସମନ୍ୱୟ ରକ୍ଷା କରାଯାଉଥିବାବେଳେ, ଆଗାମୀ ୩ରୁ ୪ ଦିନ ଭିତରେ ସମସ୍ତ ଅସୁବିଧା ଦୂର କରିବାକୁ ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

## ମନରେଗା ଯୋଜନାର ସମୀକ୍ଷା ଓ ଜନଶୁଣାଣି

ତିଗିରିଆ, (ନିପ୍ର): ତିଗିରିଆ ପଂଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ନରେଗା ଯୋଜନାର ସମୀକ୍ଷା ଓ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଠଗଡ ଡେପୁଟି କଲେକ୍ଟର, ଏ ପି ଓ , ଏ ଇ ଇ , ବି ଏସ ଏସ ଓ ରାଜୀବ ଲୋଚନ ମିଶ୍ର, ଅଚ୍ୟୁତ ଜେନା ପ୍ରମୁଖ ଉପସ୍ଥିତ ରହି ସମୀକ୍ଷା କରିଥିଲେ’। ବୟସ୍କ



ଭତ୍ତାଧାରୀମାନେ ଡିବିଟି ମାଧ୍ୟମରେ ଟଙ୍କା ଉଠାଇବା ଅସୁବିଧା ହେଉଥିବାରୁ ପଂଚାୟତ ମାଧ୍ୟମରେ ଅର୍ଥ ଦେବାକୁ ଦାବି କରିଥିଲେ। ‘ଆବାସ ଯୋଜନା ଓ ଅନ୍ତ୍ୟୋଦୟ କାର୍ଯ୍ୟକରିଥିବା ଶ୍ରମିକମାନଙ୍କୁ ମଜୁରୀ ଓ ପୁରସ୍କାର ରାଶି ମିଳିନାହିଁ ’। ଅନେକ ଭତ୍ତାଧାରୀଙ୍କ ବୟସ ୮୦ବର୍ଷ ହୋଇଥିଲେ ମଧ୍ୟ ବର୍ଦ୍ଧିତ ଭତ୍ତା ମିଳିନାହିଁ ।

**କାଶୀନଗର :** କାଶୀନଗର ପଞ୍ଚାୟତ ସମିତି ବୈଠକ ଗୃହ ପରିସରରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଓ ଜନ ଶୁଣାଣି ଶିବିର ଆର୍ଥିକ ବର୍ଷ ୨୦୨୬-୨୭ ବର୍ଷ ଉପଲକ୍ଷେ ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ପାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ପୃଥିବୀ ରାଜ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜନ ଶୁଣାଣି କରିଥିଲେ। କାର୍ଯ୍ୟକ୍ରମରେ ମନରେଗା ଓ ବିକଶିତ ଭାରତ ଯୋଜନାରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହ ଯେଉଁ ପଞ୍ଚାୟତର ବିଭାଗୀୟ ଅଧିକାରୀ ଜନ ଶୁଣାଣି ଶିବିରରେ ଉପସ୍ଥିତ ନ ଥିଲେ ସେମାନଙ୍କ ପାଇଁ ନିର୍ବାହୀ ଅଧିକାରୀ ଶ୍ରୀ ମଣ୍ଡଳ ୭ ଦିନ ସମୟ ଦେଇ ସେହି ସମୟ ମଧ୍ୟରେ ସବୁ ନଥିପତ୍ର ସଜାଡି କାମ ଠିକ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଡ଼ିଓ ଡମ୍ବୁରୁଧର ମଲ୍ଲିକ, ଏବିଡ଼ିଓ ମାନସ ରଞ୍ଜନ ପ୍ରଧାନ, ଉପାଧ୍ୟକ୍ଷା ଏସ. କଲ୍ୟାଣୀ ମଂଚାସୀନ ହୋଇଥିବା ବେଳେ ସାମାଜିକ ସମୀକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ମାଲନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯାଜପୁର ଜିଲ୍ଲାରେ ‘ଶିଶୁ ପାଇଁ ଦିନଟିଏ’

ଯାଜପୁର,(ନିପ୍ର): ଯାଜପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଶିଶୁ ସୁରକ୍ଷା ସମ୍ପର୍କିତ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇ ଅଛି। ଏହି ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର ଅଧ୍ୟକ୍ଷତା କରିଥିଲାବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ସଂଯୋଜନା କରିଥିଲେ । ବୈଠକ ଆରମ୍ଭରେ ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ତପନ କୁମାର ପାତ୍ର ଜିଲ୍ଲାର ଶିଶୁ ସୁରକ୍ଷାର ସାମଗ୍ରିକ ସ୍ଥିତି, ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ସଂଖ୍ୟା, ପୃଷ୍ଟପୋଷାକତା କାର୍ଯ୍ୟକ୍ରମ ,ଆଶୀର୍ବାଦ ଯୋଜନା, ଜିଲ୍ଲାରେ ପିତୃମାତୃହୀନ ଶିଶୁଙ୍କ ବିବରଣୀ ଓ ସେମାନଙ୍କ ଥଇଥାନ ସମ୍ପର୍କିତ ପରିସଂଖ୍ୟାନ ଉପସ୍ଥାପନ କରିଥିଲେ।

ଅଧ୍ୟକ୍ଷଙ୍କ ଅଭିଭାଷଣରେ ଜିଲ୍ଲାପାଳ କହିଥିଲେ ଯେ, ସୁକିନ୍ଦା ଏବଂ ଦାନଗଦି ପରି ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଶିଶୁ ସୁରକ୍ଷାକୁ ଅଭିଯାନ ଭିତ୍ତିକ କାର୍ଯ୍ୟକ୍ରମ ଭାବେ ଗ୍ରହଣ କରି ଯତ୍ନ ଓ ସୁରକ୍ଷାର ଆବଶ୍ୟକତା ଥିବା ଶିଶୁମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।ଶିଶୁମାନଙ୍କ ପରିବାରକୁ ମଜଭୂତ କରିବାକୁ ହେଲେ, ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସହ ଯୋଡିବାକୁ ସମସ୍ତ ବିଭାଗ ତତ୍ପର ହେବାର ଆବଶ୍ୟକତା ରହିଛି । ପ୍ରତ୍ୟେକ ପିଲାଙ୍କ ଭିତରେ ଲୁକାୟିତ ପ୍ରତିଭା ରହିଛି। ସମ୍ମାନ ସହ ବଂଚିବା ଓ ଶିକ୍ଷା ଅଧିକାରକୁ ସୁନିଶ୍ଚିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ।ଏଥିପାଇଁ ଜନ ସଚେତନତାର ଆବଶ୍ୟକତା ରହିଛି। ପ୍ରତ୍ୟକ ଶିଶୁ ଆମ ସମାଜର ମୂଲ୍ୟବାନ ସମ୍ପତି, ସେମାନଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା କ୍ଷେତ୍ରରେ ଅଙ୍ଗନୱାଡି କର୍ମୀ, ଆଶକର୍ମୀ ଓ ଶିକ୍ଷକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଏତଦ ଭିନ୍ନ, ପଂଚାୟତ ଓ ଗ୍ରାମ ସ୍ତରରେ ଶିଶୁ ମଙ୍ଗଳ ଓ ସୁରକ୍ଷକମିଟି କାର୍ଯ୍ୟକ୍ଷମ ହୋଇଛି । ସାମାଜିକ ସଂଗଠନ ଓ ନାଗରିକ ସମାଜ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ପିଲାମାନଙ୍କ ପାଇଁ ଏକ ସୁରକ୍ଷା ବଳୟ ସୃଷ୍ଟି ହୋଇପାରିବ।

## ‘କଳଙ୍କ ମୋ ପାଇଁ ଚନ୍ଦନ ଟୋପା’ ପରିବେଷିତ

ରମ୍ଭା,(ନିପ୍ର): ସାବୁଳିଆ ଗଣେଶ ପୂଜା କମିଟି ପକ୍ଷରୁ ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ ଏକ ସାମାଜିକ ନାଟକ “କଳଙ୍କ ମୋ ପାଇଁ ଚନ୍ଦନ ଟୋପା” କିଛି ବଛା ବଛା ଶିକ୍ଷିତ ଯୁବକ କଳାକାର ମାନଙ୍କୁ ନେଇ ନାଟକ ମଞ୍ଚସ୍ଥ ହୋଇଯାଇଛି।ସଫଳ ପ୍ରଦର୍ଶନ ପରେ ମା’ ବାହୁତିଙ୍କ ମନ୍ଦିର ପ୍ରାଙ୍ଗଣରେ ଅଭିନୀତ କଳାକାର ମିଳନ ଓ ଭୋଜିର ଆୟୋଜନ ହୋଇଥିଲା। ଏହି ଅବସରରେ ଜାତ୍ରାରେ ଅଂଶଗ୍ରହଣ କରିଥିବା ବରିଷ୍ଠ, ଅଭିଜ୍ଞ ଓ ନୂଆ ପିଢ଼ିର କଳାକାରମାନେ ଏକାଠି ହୋଇ ନିଜ ଅନୁଭୂତି ବାଣ୍ଟିଥିଲେ। ମଞ୍ଚସ୍ଥ ବହି ଯାତ୍ରାର ନିର୍ଦ୍ଦେଶନା ଦେଇଥିଲେ ଉପେନ୍ଦ୍ର କୁମାର ପରିଡ଼ା। କାର୍ଯ୍ୟକ୍ରମରେ ସୁରେଶ କୁମାର ଦାଶ, ବରିଷ୍ଠ କଳାକାର ଦୁର୍ଗା ଚରଣ ପାତ୍ର, ସୁରେନ୍ଦ୍ର କୁମାର ସାହୁ, ସନ୍ତୋଷ କୁମାର ଦଳାଇ, ଦେବରାଜ ଦଳାଇ, ଶ୍ରୀଧର ଦଳାଇ ଓ ଜ୍ୟୋତିଷ ପରିଡ଼ା, ନୂତନ ସଦସ୍ୟ ମନୋଜ କୁମାର ସାହୁ, ସହ-ନିର୍ଦ୍ଦେଶକ ସାଗର ସାହୁଙ୍କ ସମେତ ପଞ୍ଚାନନ ତରାଇ, କୃଷ୍ଣଚନ୍ଦ୍ର ଦଳାଇ, କୃଷ୍ଣ ପ୍ରଧାନ, ସନ୍ତୋଷ କୁମାର ପରିଡ଼ା, ସୁଶାନ୍ତ କୁମାର ଦଳାଇ, ଶସାଗର ପରିଡ଼ା, ରବି ବାରିକ ଓ ଶବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି-୨୬

ରମ୍ଭା,(ନିପ୍ର): ଚିକିଲି ସ୍ଥିତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଗଣେଶ ଚନ୍ଦ୍ର ଶବରଙ୍କ ସଭାପତିତ୍ୱରେ କ୍ଲଷ୍ଟର ସ୍ତରୀୟ ସୁରଭି-୨୦୨୬ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି । ଚିକିଲି କ୍ଲଷ୍ଟର ସିଆରସିସି ନିରଞ୍ଜନ ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷା କୁମାରୀ ଦାସ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଏବିଇଓ ନିରଞ୍ଜନ ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ଶିଶୁ ମହୋତ୍ସବ ସୁରଭି -୨୦୨୬ କାର୍ଯ୍ୟକ୍ରମର ସଫଳତା କାମନା ସହ ଶୁଭେଚ୍ଛା ଜଣାଇଥିଲେ । ଏହି ସୁରଭି କାର୍ଯ୍ୟକ୍ରମରେ ୧୨ ଗୋଟି ବିଦ୍ୟାଳୟର ୧୬୦ ଜଣ ପ୍ରତିଯୋଗୀ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ ।

ତିଥି :(ଅମାବାସ୍ୟା): (ହସ୍ତା କନ୍ୟା)
ଅମୃତ ବେଳା: ଦିବା ଘ ୬।୩୧ ମଧ୍ୟେ ଘ୭।୧୯ ଗତେ

## ଆଜିର ଅନୁଚିନ୍ତନ

ସୁଖ-ଦୁଃଖ ଭୋଗିବାରେ ପୁରୁଷକୁ ହେତୁ କୁହାଯାଏ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ସାହିତ୍ୟ ବିଭବ

ସାହିତ୍ୟରେ ନୋବେଲ ପାଇବାରେ ନୋବେଲ ପୁରସ୍କାର ପ୍ରତିଷ୍ଠା ପରଠାରୁ କାନାଡୀୟ ଉଚ୍ଚାଙ୍ଗ ସାହିତ୍ୟ ସର୍ଜନକାରୀ ୭୬ ବର୍ଷୀୟା ଆନ୍ନେ କାର୍ସନ ହେଉଛନ୍ତି ୧୯ତମ। ଆଲିସ୍ ମୁନରୋଙ୍କ ପରେ ସେ ହେଉଛନ୍ତି ଦ୍ୱିତୀୟ କାନାଡୀୟ ମହିଳା। ୨୦୨୬ ମସିହା ପାଇଁ ସାହିତ୍ୟରେ ଏହି ଲବ୍ଧପ୍ରତିଷ୍ଠ ସାହିତ୍ୟିକଙ୍କୁ ନୋବେଲ ପାଇଁ ଚୟନ କରିବା ବେଳେ ସୁଇଡିସ୍ ଏକାଡେମୀର ପ୍ରଶଂସା ମଧ୍ୟରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଧାଡ଼ି ରହିଛି। ତାହା ହେଉଛି 'ସାହିତ୍ୟର ଉଚ୍ଚାଙ୍ଗ ପରମ୍ପରାରେ ନାଟକୀୟ ସଂଳାପ ଆଧାରିତ କୃତି ସମସାମୟିକ ସାହିତ୍ୟରେ ନୂଆ ଧାରା ସୃଷ୍ଟି କରିଛି, ଯାହାକି ସାହସପୂର୍ଣ୍ଣ ସର୍ଜନ'। କାର୍ସନଙ୍କ ଉଦ୍ଦେଶ୍ୟରେ ବର୍ଣ୍ଣିତ ଏହି ଧାଡ଼ିର ଗୁରୁତ୍ୱ ତାଙ୍କ କୃତିଗୁଡ଼ିକରେ ବେଶ୍ ପରିଲକ୍ଷିତ। ଆମେରିକା ଓ କାନାଡାର ବହୁ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ସେ ବହୁ ବର୍ଷ ପ୍ରାଚୀନ ଗ୍ରୀକ୍ ସାହିତ୍ୟ ପଢାଇଛନ୍ତି। ଯାହା ମନେ ହୁଏ ସେହି ସାହିତ୍ୟ ମଧ୍ୟରେ ଥିବା ବିଭବ କିପରି ଏଯାବତ୍ ପ୍ରଲମ୍ବିତ ତାହାକୁ ନିଜ କୃତିରେ ସର୍ଜନଶୀଳ ତଥା ନୂତନ ଭାବରେ ଉପସ୍ଥାପନ କରିବାରେ ସେ ବେଶ୍ ସକ୍ରିୟ ହୋଇଛନ୍ତି।

ଗ୍ରୀସର ଉଚ୍ଚାଙ୍ଗ ସାହିତ୍ୟର ଅନୁଶୀଳନ ଭିତରୁ ମୁକୁଳି ଯେତେବେଳେ ମୌଳିକ ସାହିତ୍ୟ ସେ ସର୍ଜନା କରିଛନ୍ତି ସେଥିରେ ରହିଛି ଏକ ବିଚିତ୍ର ସମ୍ମିଶ୍ରଣ। ସେହି ସମ୍ମିଶ୍ରଣ ହେଉଛି କବିତା, ପ୍ରବନ୍ଧ, ଅନୁବାଦ, ତାହା ସାଙ୍ଗକୁ ଫଟୋଗ୍ରାଫ। ଏପରି ସର୍ଜନା ତାଙ୍କର ବହୁ କୃତିରେ ସ୍ୱାତନ୍ତ୍ର୍ୟକୁ ପ୍ରଦର୍ଶିତ କରେ। ସୁଇଡିସ୍ ଏକାଡେମୀ ପକ୍ଷରୁ ସାହିତ୍ୟରେ ପୂର୍ବବର୍ତ୍ତୀ ଦୁଇ ବର୍ଷର ନୋବେଲ ବିଜେତାଧାରୀଙ୍କ ସାହିତ୍ୟ ସର୍ଜନର ଚିନ୍ତାଧାରା ଉପରେ ଏକ ଝଲକ ପକାଯାଇପାରେ। ୨୦୨୪ରେ ଏହି ଏକାଡେମୀ ଦ୍ୱାରା ଚୟନିତ ହୋଇଥିଲା ହାନକାଙ୍ଗଙ୍କ ସୃଷ୍ଟିସମୂହ। ତାଙ୍କ କୃତିରେ ପ୍ରତିଫଳିତ ହୋଇଛି ମଣିଷ ଜୀବନରେ ଭଙ୍ଗୁରତାର ପରିପ୍ରକାଶ, ଯାହା ଐତିହାସିକ ସଙ୍ଘାତ ଆଧାରିତ ଏବଂ ପଦ୍ୟାତ୍ମକ ଗଦ୍ୟରେ ହୋଇଛି ପ୍ରକଟିତ। ୨୦୨୫ରେ ଲାଜଲୋ କ୍ରାସନାରୋକାଇଙ୍କ କୃତିରେ ବିନାଶକାରୀ ଆତଙ୍କ କଳାତ୍ମକ ରୂପରେ ଉଦ୍‌ଭାସିତ। ସାହିତ୍ୟରେ ନୋବେଲ ବିଜେତାମାନଙ୍କ ଏସବୁ ଚିନ୍ତାଧାରା ମଣିଷର ଭାବନାକୁ ଗଠନଶୀଳ ଭାବରେ ପ୍ରଭାବିତ କରିବାକୁ ଉଦ୍ଦିଷ୍ଟ। ଏହା ସାଙ୍ଗକୁ ମଣିଷର ଚେତନାକୁ ଅଗ୍ରଗାମୀ କରାଇବାର ଉତ୍‌ପ୍ରେରକ କହିଲେ ଅତ୍ୟୁକ୍ତି ହେବନାହିଁ।

ମୋଟ ଉପରେ ସଦ୍ୟ ନୋବେଲ ପୁରସ୍କାର ବିଜୟିନୀ କାର୍ସନଙ୍କ କୃତିର ବିଶେଷତ୍ୱ ଯେ ଉଚ୍ଚାଙ୍ଗ ଦର୍ଶନକୁ ପ୍ରଜ୍ଞାଦୀପ୍ତ ତଥା ଶ୍ଳେଷାତ୍ମକ ଭାବରେ ପାଠକବର୍ଗଙ୍କ ଆଗରେ ଉପସ୍ଥାପନ କରିବା, ଯାହା ମାଧ୍ୟମରେ ଅତୀତ ସହିତ ବର୍ତ୍ତମାନକୁ ପାଠକବର୍ଗ ଯୋଡ଼ି ଏକ ଭିନ୍ନ ଅନୁଭବକୁ ଆସ୍ୱାଦନ କରିପାରିବେ। କାର୍ସନଙ୍କ ବହୁ ପ୍ରମୁଖ ସାହିତ୍ୟ କୃତି ପୂର୍ବରୁ ଚର୍ଚ୍ଚିତ ପୁରସ୍କାରମାନ ପାଇଛି। କବିତା ପାଇଁ ଗ୍ରିଫିନ ପୁରସ୍କାର, ଗଗେନ ହିମଫେଲୋସିପ୍, ପେନ୍ / ନାବକୋଭ୍ ପୁରସ୍କାର, କବିତା ପାଇଁ ଟି ଏସ୍ ଏଲିୟଟଙ୍କ ପୁରସ୍କାର ସେ ପାଇଛନ୍ତି। ୧୯୯୮ରେ ତାଙ୍କର ପ୍ରକାଶିତ ହୋଇଥିଲା ବହୁଚର୍ଚ୍ଚିତ ପୁସ୍ତକ 'ଅଟୋବାୟୋଗ୍ରାଫି ଅଫ୍ ରେଡ୍'। ଗ୍ରୀସ୍‌ର ଏକ ମିଥ୍‌ର ସର୍ଜନାତ୍ମକ ରୂପ ଏହି ପୁସ୍ତକରେ ଉଭୟ କବିତା ଓ ଉପନ୍ୟାସର ଧାରା ଆଧାରରେ ଲିଖିତ। ତାଙ୍କର 'ଏରସ ଦି ବିଟରସୁଇଟ' ପ୍ରକାଶିତ ହୁଏ ୧୯୮୬ରେ। ସେଥିରେ ତାଙ୍କର ଉଚ୍ଚାଙ୍ଗ ଦର୍ଶନ ଓ ସାହିତ୍ୟର ମିଶ୍ରିତ ରୂପ ଦେଖିବାକୁ ମିଳେ। ୧୯୯୫ରେ ପ୍ରକାଶିତ 'ଗ୍ଲାସ, ଆଇରୋନି ଆଣ୍ଡ ଗଡ'ରେ ଏକ ପ୍ରେମ ବ୍ୟାପାର ସ୍ୱତନ୍ତ୍ର ବର୍ଣ୍ଣନ ଥିବାବେଳେ ୨୦୦୧ରେ ପ୍ରକାଶିତ ମେନ୍ ଇନ୍ ଦି ଅଫ୍ ଆୱାରର୍ସରେ ଐତିହାସିକ ବ୍ୟକ୍ତିତ୍ୱ ସହ ସମସାମୟିକ ବ୍ୟକ୍ତିତ୍ୱର ସମ୍ମିଶ୍ରଣ ଦେଖିବାକୁ ମିଳେ। ତାଙ୍କ କୃତିମାନର ଅସାମାନ୍ୟତା ପାଠକବର୍ଗଙ୍କ ନିକଟରେ ଭିନ୍ନ ସ୍ୱାଦ ରଖିବା ସହ ବିରଳ ନିଶ୍ଚୟ। ଯେବେ ତାଙ୍କୁ ନୋବେଲ ପାଉଥିବା ନେଇ ସୂଚନା ଦିଆଯାଇଥିଲା ଓ ପଚରା ଯାଇଥିଲା, 'ଏବେ କ'ଣ କରୁଛନ୍ତି ?'ସେତେବେଳେ ସେ ଉତ୍ତର ରଖିଥିଲେ- 'ମୁଁ ପବନକୁ ଶୁଣୁଛି'। ପବନର ପ୍ରବାହ ମଧ୍ୟରେ ସେ ସାହିତ୍ୟର ଗତିକୁ ସମ୍ଭବତଃ ନୂଆ ରୂପ ଦେବା ପାଇଁ ହୁଏତ ମନସ୍ଥ କରିଥିବା ମନେ ହେଉଛି।

# ବୟସର ଅପରାହ୍ଣରେ ସନ୍ଦେହର ଛାୟା !

**ବିଷ୍ଣୁ ପ୍ରସାଦ ଦାସ**

> "ଜୀବନର ଅନେକ ଅଭିଜ୍ଞତାକୁ ବରିଷ୍ଠମାନେ ନିଜ ହୃଦୟରେ ସାଉଁଟି ଧରିଛନ୍ତି । ଜୀବନର ଅପରାହ୍ଣରେ ସେମାନଙ୍କର ଆବଶ୍ୟକତା କେବଳ ଜୀବନସାଥୀ ଖୋଜିବା ନୁହେଁ ବନ୍ଧୁ ! ବରଂ କିଛି ବନ୍ଧୁତା, କିଛି ଭାବର ଆଦାନପ୍ରଦାନ କିଛି ଆନ୍ତରିକତା ତଥା ଜୀବନର ଶେଷ ପର୍ଯ୍ୟନ୍ତ ନିଜକୁ ସତେଜ ରଖିବାର ଏକ ନୂଆ ଆଶାକୁ ନେଇ ଆଗେଇ ଚାଲିବା । ପ୍ରେମ, ପ୍ରତାରଣା, ଯୌନ ସମ୍ପର୍କ ଗଢ଼ିବାର ବୟସକୁ ସେମାନେ ଅନେକ ପଛରେ ଛାଡ଼ି ଆସିଛନ୍ତି। ସୂର୍ଯ୍ୟାସ୍ତର ରକ୍ତିମ କିରଣ ତୀର୍ଯ୍ୟକ ଭାବେ ଦିଗ୍‌ବଳୟକୁ ଛୁଇଁ ଯିବାକୁ ବସିଲାଣି । କିଛି ସମୟ ପରେ ସଂଧ୍ୟା ଉପନୀତ ହେବ, ତଥାପି ସନ୍ଦେହ ?

ବୟସର ଅପରାହ୍ଣରେ କାହିଁକି ଅନେକ ବରିଷ୍ଠ ବ୍ୟକ୍ତି ସନ୍ଦେହର ଘେରକୁ ଆସି ଯାଉଛନ୍ତି ? ଏହି ପ୍ରଶ୍ନଟି ଆଜିକାଲି ମୋତେ ବାରମ୍ବାର ଚିନ୍ତାଗ୍ରସ୍ତ କରାଉଛି । ବରିଷ୍ଠ ନାଗରିକ ମାନେ କ'ଣ ସତରେ ପରକୀୟାରେ ଲିପ୍ତ ରହୁଛନ୍ତି ? ଜୀବନର ଏହି ପର୍ଯ୍ୟାୟରେ ଆସି ମୁଁ ଭାବୁଛି...ମଣିଷର ବୟସ ବଢ଼ିଗଲେ କ'ଣ ତା'ର ବନ୍ଧୁତା, ଭାବନା, ସ୍ନେହ ଏବଂ ମାନବୀୟ ସମ୍ପର୍କର ଆବଶ୍ୟକତା ଶେଷ ହୋଇଯାଏ ?

କୌଣସି ଚାରିତ୍ରିକ ଦୁର୍ବଳତା ନ ଥିବା ବ୍ୟକ୍ତିଟି ଅଯଥାରେ ପରିବାର ପାଖରେ କାହିଁକି ଲଜ୍ଜିତ ହେଉଛି ? କିଛି ବରିଷ୍ଠ ନାଗରିକ ଘରୁ ବାହାରକୁ ଯାଇ ସମବୟସ୍କ ସାଙ୍ଗସାଥୀଙ୍କ ସହିତ ଆଳାପ-ଆଲୋଚନା କରନ୍ତି । କିନ୍ତୁ ପରିବାରର କିଛି ସଦସ୍ୟ ହୁଏତ ଏହାକୁ ସହଜଭାବେ ଗ୍ରହଣ କରିବାକୁ ଚାହାନ୍ତି ନାହିଁ । ଫେସବୁକ୍ ଏବଂ ହ୍ୱାଟ୍ସଆପ୍‌ରେ ଅନେକ ମହିଳା, ପୁରୁଷ ବନ୍ଧୁଙ୍କ ସହିତ ଭାବର ଆଦାନ-ପ୍ରଦାନ ଆଜିର ସମୟରେ ଏକ ସାଧାରଣ କଥା । ସାହିତ୍ୟ, ସଂସ୍କୃତି, ଜୀବନଶୈଳୀ ଏବଂ ଜୀବନର ଅଭିଜ୍ଞତାକୁ ନେଇ ଆଲୋଚନା ହୁଏ । ଏପରି ସମ୍ପର୍କ ଅନେକ ସମୟରେ ସମ୍ମାନଜନକ ବନ୍ଧୁତାର ନିଦର୍ଶନ ହୋଇପାରେ, କିଛି କ୍ଷେତ୍ରରେ ଏକ ଆକର୍ଷଣ ମଧ୍ୟ ପାଲଟିଯାଏ । ଏହି ଲେଖକଙ୍କ ମନରେ ଏକ ବିଶ୍ୱାସ ଅଛି, ଯେଉଁ ସମ୍ପର୍କର ଭିତ୍ତି ସମ୍ମାନ, ସ୍ନେହ ଏବଂ ମାନବିକତା ଉପରେ ଗଢ଼ିଉଠିଛି, ତାହାକୁ ପରକୀୟାର ଚଷମାରେ ଦେଖିବା ଠିକ୍ ନୁହେଁ । ଜଣେ ପୁରୁଷ ଏବଂ ଜଣେ ମହିଳା ପରସ୍ପରର ବନ୍ଧୁ ହେବାରେ କ'ଣ କିଛି ଆପତ୍ତି ଅଛି ? ଭଲପାଇବା ଏବଂ ବନ୍ଧୁତା କ'ଣ କେବଳ ଯୌନ ସମ୍ପର୍କର ଅନ୍ୟ ନାମ ? ମୋର ଉତ୍ତର...ନା ।

ଭଲପାଇବାର ଅନେକ ରୂପ ଅଛି । କେଉଁଠି ଏହା ମା'ର ସ୍ନେହ, କେଉଁଠି ବନ୍ଧୁର ବନ୍ଧୁତ୍ୱ, ଆଉ କେଉଁଠି ଜଣେ ମଣିଷର ଅନ୍ୟ ଜଣେ ମଣିଷ ପ୍ରତି ଗଭୀର ସମ୍ମାନ । କେବେ କେବେ ଦୁଇଜଣ ମଣିଷ କେବଳ କଥା ହୋଇ ମଧ୍ୟ ପରସ୍ପରର ଏକାକୀତ୍ୱକୁ ହ୍ରାସ କରିପାରନ୍ତି । ସେହି ସମ୍ପର୍କକୁ ଅନୈତିକତାର ନାମ ଦେବା କ'ଣ ଯୁକ୍ତି ସଙ୍ଗତ ? ବିଶେଷକରି ବୟସର ଅପରାହ୍ଣରେ ବରିଷ୍ଠଙ୍କ ଆବଶ୍ୟକତା କେବଳ ଅର୍ଥ ସୁଷମ ଖାଦ୍ୟ, ବସ୍ତ୍ର କିମ୍ବା ଶାରୀରିକ ସୁଖ ନୁହେଁ । ଉତ୍ତମ କଥୋପକଥନ, ଜଣେ ମନଦେଇ ଶୁଣୁଥିବା ମଣିଷ, ଜଣେ ନିଜ ମନକୁ ବୁଝୁଥିବା ବନ୍ଧୁ, ଏସବୁ ମଧ୍ୟ ଜୀବନର ଆବଶ୍ୟକତାର ଏକ ଅଂଶ । ଏକାକୀତ୍ୱର କଷ୍ଟ ଭୋଗୁଥିବା ଥିବା ମଣିଷ ପାଇଁ ଜଣେ ପ୍ରକୃତ ବନ୍ଧୁ ଅନେକ ସମୟରେ ଅମୂଲ୍ୟ ହୋଇପାରେ ।

ତେବେ ଏଠାରେ ବରିଷ୍ଠମାନେ ମଧ୍ୟ ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି । ହୁଏତ ତାଙ୍କର କୌଣସି ବ୍ୟବହାର, କୌଣସି କଥା କିମ୍ବା ସୋସିଆଲ୍ ମିଡିଆ ପ୍ରତି ଅତ୍ୟଧିକ ଆକର୍ଷଣ ପରିବାର ସଦସ୍ୟଙ୍କ ମନରେ ସନ୍ଦେହ ସୃଷ୍ଟି କରିପାରେ। ତାଙ୍କର ଉଦ୍ଦେଶ୍ୟ ନିର୍ମଳ ଥିଲେ ମଧ୍ୟ ଅନ୍ୟ ଜଣଙ୍କ ମନରେ ଯଦି ସନ୍ଦେହ ଜନ୍ମ ନେଉଛି, ତେବେ ସେହି ସନ୍ଦେହର କାରଣକୁ ତର୍ଜମା କରିବା ମଧ୍ୟ ବରିଷ୍ଠଙ୍କ ଦାୟିତ୍ୱ । ଅନ୍ୟପକ୍ଷରେ, ଯେଉଁମାନେ ବରିଷ୍ଠ ନାଗରିକମାନଙ୍କୁ ସନ୍ଦେହର ଚକ୍ଷୁରେ ଦେଖୁଛନ୍ତି, ସେମାନେ ମଧ୍ୟ ଏକଥା ବୁଝିବା ଦରକାର, ବୟସର ଅପରାହ୍ଣରେ ଜଣେ ବୟସ୍କ ବ୍ୟକ୍ତି ପ୍ରକୃତରେ କ'ଣ ଚାହୁଁଛନ୍ତି ?

ସାରା ଜୀବନ ମୁଣ୍ଡର ଝାଳ



ତୁଣ୍ଡରେ ମାରି, ପରିବାରକୁ ନିଜ ଗୋଡ଼ରେ ଠିଆ କରାଇବା ପାଇଁ ଯେଉଁ ବ୍ୟକ୍ତି ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ, ଯେଉଁ ମା' ମାନେ ପରିବାରର ସୁଖ ପାଇଁ ପ୍ରତ୍ୟେକଟି ମୁହୂର୍ତ୍ତ ନିଃସ୍ୱାର୍ଥପର ଭାବେ ଦେଇଥିଲେ । ସେହି ବରିଷ୍ଠ ବ୍ୟକ୍ତିଙ୍କୁ ବୟସ ବଢ଼ିବା ପରେ ଯଦି ନିଜ ପରିବାର ମଧ୍ୟରେ ଏକାକୀତ୍ୱର ଶିକାର ହେବାକୁ ପଡ଼େ, ହୃଦୟକୁ ଆଘାତ ଦେଲା ପରି କଟୁ କଥା ଶୁଣିବାକୁ ପଡ଼େ ତେବେ ଏହା ନିଶ୍ଚୟ ଆମ ସମାଜ ପାଇଁ ଚିନ୍ତାର ବିଷୟ । ସନ୍ଦେହ ସମ୍ପର୍କକୁ ଜଟିଳ ପରିସ୍ଥିତି ମଧ୍ୟକୁ ଟାଣି ନିଏ, ବିଶ୍ୱାସ ଏବଂ ଖୋଲା ଆଲୋଚନା ହିଁ ସମ୍ପର୍କକୁ ବାନ୍ଧି ରଖେ । ତେଣୁ ପରିବାରରେ ଖୋଲା ଆଲୋଚନା ମାଧ୍ୟମରେ ବରିଷ୍ଠଙ୍କ ଭାବନା ଏବଂ ଆବଶ୍ୟକତାକୁ ବୁଝିବା ଜରୁରୀ । ଜଣେ ବରିଷ୍ଠ ନାରୀ ବା ପୁରୁଷ କେବଳ ଶାରୀରିକ ସମ୍ପର୍କ ପାଇଁ ବନ୍ଧୁତାର ବନ୍ଧନରେ ଆବଦ୍ଧ ହୁଅନ୍ତି ନାହିଁ । ଏକାକୀତ୍ୱ ଠାରୁ ଦୂରେଇବା, ପରସ୍ପରକୁ ବୁଝିବା, ଜୀବନର ଅନୁଭବ ବାଣ୍ଟିବା ଏବଂ କିଛି ମୁହୂର୍ତ୍ତ ହସିବା, ଏସବୁ ମଧ୍ୟ ଜୀବନର ଏକ ଅଂଶ ।

ଯୁବକ-ଯୁବତୀ ତଥା ପରିବାରର ଅନ୍ୟ ସଦସ୍ୟମାନଙ୍କ ପାଖରେ ହୁଏତ ସବୁବେଳେ ବରିଷ୍ଠଙ୍କ କଥା ଶୁଣିବାକୁ ସମୟ ନ ଥାଏ । ବରିଷ୍ଠ ଏବଂ କନିଷ୍ଠଙ୍କ ମଧ୍ୟରେ ଚିନ୍ତାଧାରାର ତାଳ ମେଳର ଅଭାବ ମଧ୍ୟ ଦେଖା ଯାଇ ପାରେ । ତେଣୁ ବରିଷ୍ଠମାନେ ପାର୍କ ହେଉ କିମ୍ବା ଅନ୍ୟ କୌଣସି ସ୍ଥାନରେ ବସି ନିଜ ଜୀବନରେ ଘଟି ଯାଇଥିବା ବାଧାବିଘ୍ନ, ଭଲମନ୍ଦ ଅନୁଭବ ତଥା ସ୍ମୃତିକୁ ନେଇ ଆଲୋଚନା କଲେ, କିଛି ହସଖୁସି ବାଣ୍ଟିଲେ, ସେଥିରେ ଅସୁବିଧା ରହିଲା କେଉଁଠି ? ବୃଦ୍ଧ-ବୃଦ୍ଧାମାନେ କ'ଣ ନିଜର ସ୍ୱାଧୀନତାକୁ ଉପଭୋଗ କରିପାରିବେ ନାହିଁ ? ମାନବିକତା ଦୃଷ୍ଟିକୋଣରୁ ପରିବାରର ଯୁବ ସଦସ୍ୟମାନେ ଏକଥା ହୃଦୟଙ୍ଗମ କରିବାର ସମୟ ଆସିଛି।

ଜୀବନର ଅନେକ ଅଭିଜ୍ଞତାକୁ ବରିଷ୍ଠମାନେ ନିଜ ହୃଦୟରେ ସାଉଁଟି ଧରିଛନ୍ତି । ଜୀବନର ଅପରାହ୍ଣରେ ସେମାନଙ୍କର ଆବଶ୍ୟକତା କେବଳ ଜୀବନସାଥୀ ଖୋଜିବା ନୁହେଁ ବନ୍ଧୁ ! ବରଂ କିଛି ବନ୍ଧୁତା, କିଛି ଭାବର ଆଦାନ ପ୍ରଦାନ କିଛି ଆନ୍ତରିକତା ତଥା ଜୀବନର ଶେଷ ପର୍ଯ୍ୟନ୍ତ ନିଜକୁ ସତେଜ ରଖିବାର ଏକ ନୂଆ ଆଶାକୁ ନେଇ ଆଗେଇ ଚାଲିବା । ପ୍ରେମ, ପ୍ରତାରଣା, ଯୌନ ସମ୍ପର୍କ ଗଢ଼ିବାର ବୟସକୁ ସେମାନେ ଅନେକ ପଛରେ ଛାଡ଼ି ଆସିଛନ୍ତି। ସୂର୍ଯ୍ୟାସ୍ତର ରକ୍ତିମ କିରଣ ତୀର୍ଯ୍ୟକ ଭାବେ ଦିଗ୍‌ବଳୟକୁ ଛୁଇଁ ଯିବାକୁ ବସିଲାଣି । କିଛି ସମୟ ପରେ ସଂଧ୍ୟା ଉପନୀତ ହେବ, ତଥାପି ସନ୍ଦେହ ?

ବରିଷ୍ଠଙ୍କ ମଧ୍ୟରେ ଅନେକ କ୍ଷେତ୍ରରେ ଜିଦ୍‌ଖୋର ମନୋବୃତ୍ତି ଦେଖାଯାଉଛି । ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇ ଚଳିବା ସେମାନଙ୍କ ପାଇଁ କଷ୍ଟକର ହୋଇପାରେ । ସେହିପରି ସେମାନଙ୍କୁ ଉପର ଠାଉରିଆ ଭାବେ ସନ୍ଦେହ କରୁଥିବା ଲୋକ ମାନଙ୍କ ବୁଝିବାରେ ମଧ୍ୟ ଭୁଲ ଥାଇପାରେ । ତେଣୁ ଉଭୟ ପକ୍ଷ ସଂଯମ, ସ୍ୱଚ୍ଛତା, ପରସ୍ପରକୁ ସମ୍ମାନ ସହିତ ଖୋଲା ଆଲୋଚନା କରି ସମାଧାନର ପଥ ଖୋଜିବା ଯୁବ ସମାଜର କର୍ତ୍ତବ୍ୟ ।

ସମ୍ପର୍କର ସବୁଠାରୁ ବଡ଼ ଶତ୍ରୁ ହେଉଛି ସନ୍ଦେହ । ବୟସ ବଢ଼ିଲେ ମଣିଷର ହୃଦୟ ବୃଦ୍ଧ ହୁଏ ନାହିଁ, ତା'ର ମନ ପସନ୍ଦର ସାଥୀଟିଏ ଆବଶ୍ୟକ ହୁଏ । ସେଇ ସାଥୀଟି ନିଜର ପତି/ପତ୍ନୀ ହୋଇପାରେ ବା ଅନ୍ୟ କେହି ହୋଇପାରନ୍ତି । ବନ୍ଧୁତା- ବୟସ , ଲିଙ୍ଗ, ଜାତି, ଧର୍ମ ବର୍ଣ୍ଣ ମଧ୍ୟରେ କୌଣସି ପାର୍ଥକ୍ୟ ଦେଖେନାହିଁ, ଏହା ହୃଦୟରୁ ହୃଦୟକୁ ଯୋଡୁଥିବା ଏକ ଅଦୃଶ୍ୟ ବନ୍ଧନ / ଆକର୍ଷଣ ଛଡ଼ା ଆଉ କିଛି ନୁହେଁ । କିନ୍ତୁ ପ୍ରତ୍ୟେକ ସମ୍ପର୍କର ସୀମା, ସ୍ୱଚ୍ଛତା, ନିଃସ୍ୱାର୍ଥପର ତଥା ପରସ୍ପର ପ୍ରତି ସମ୍ମାନ ରହିବା ଆବଶ୍ୟକ। ଆମ ବରିଷ୍ଠମାନଙ୍କୁ ସନ୍ଦେହରେ ନୁହେଁ, ବରଂ ପରସ୍ପରକୁ ହୃଦୟରୁ ବୁଝିବା ଜରୁରୀ । କାରଣ ଜୀବନର ଅପରାହ୍ଣରେ ମଣିଷକୁ ସନ୍ଦେହ ଠାରୁ ଅଧିକ ଆବଶ୍ୟକ ହୁଏ- ବିଶ୍ୱାସର ଏକ ଛୋଟ ଆଲୋକ ରେଖା, ଯାହା ସେ ତା'ର ପରିବାର ଠାରୁ ଆଶା କରିଥାଏ ।

କଟକ
ମୋ:୯୯୩୭୧୭୪୦୯୭

# 'ପ୍ରକୃତ ସ୍ୱର, ପ୍ରକୃତ ପରିବର୍ତ୍ତନ'

**ଡା. ସମ୍ରାଟ କର**

ସୁନ୍ଦର ସ୍ୱାସ୍ଥ୍ୟ ନିମନ୍ତେ ଲୋକମାନେ ମୁଖ୍ୟତଃ ଶରୀର ଉପରେ ହିଁ ବେଶି ଧ୍ୟାନ ଦେଇଥାନ୍ତି। ମାତ୍ର ମାନସିକ ସୁସ୍ଥତା ଓ ମାନସିକ ରୋଗ ସମ୍ବନ୍ଧରେ ଭାରତୀୟମାନଙ୍କ ମଧ୍ୟରେ ସଚେତନତାର ଘୋର ଅଭାବ ରହିଛି। ଅକ୍ଟୋବର ୧୦ ହେଉଛି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ। ଚଳିତବର୍ଷର ଅଭିବ୍ୟକ୍ତ ହେଉଛି 'ଶୁଣାଯାଇଥିବା ଜୀବିତ ଅଭିଜ୍ଞତା : ପ୍ରକୃତ ସ୍ୱର, ପ୍ରକୃତ ପରିବର୍ତ୍ତନ'। ଜୀବନର ପ୍ରତିଟି କ୍ଷଣ ଆହ୍ୱାନଭରା ଓ ପ୍ରତିଟି ମୁହୂର୍ତ୍ତ ଆଗାମୀ ସମୟ ପାଇଁ ଏକ ବଡ଼ ଅଭିଜ୍ଞତା ମଧ୍ୟ। ଏ କ୍ଷେତ୍ରରେ ବିଶେଷକରି ଯୁବବର୍ଗଙ୍କ ପାଇଁ ଆହ୍ୱାନ ହେଉଛି ସେମାନେ ନିଜ ଜୀବନର ପ୍ରକୃତ ସ୍ୱରକୁ ଶୁଣି ପାରି ଏହାକୁ ଜୀବନ ବଢ଼ାଇବା କ୍ଷେତ୍ରରେ ପ୍ରମାଣିତ କରିବାର ପରିବର୍ତ୍ତନ। ଆଜିର ସମୟରେ ଜୀବନ ସନ୍ଧିକ୍ଷଣ ମଧ୍ୟ ପ୍ରତ୍ୟେକଙ୍କ ପାଇଁ ପ୍ରତିଟି ସକାଳରୁ ରାତ୍ରୀ ପର୍ଯ୍ୟନ୍ତ ଆହ୍ୱାନଭରା ଏବଂ କର୍ମପୂର୍ଣ୍ଣ। ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ ଦେଖିଲେ ଭାରତର ଆଗାମୀ ଭବିଷ୍ୟତ କୁହାଯାଉଥିବା ଯୁବବର୍ଗମାନେ ମାନସିକ ସୁସ୍ଥତା କ୍ଷେତ୍ରରେ ଅନେକ ଭାବରେ ପୀଡ଼ିତ। ଯୁବବର୍ଗମାନଙ୍କ କ୍ଷେତ୍ରରେ ମାନସିକ ରୋଗ ଏବେ ସମ୍ବେଦନଶୀଳ ହୋଇପଡ଼ିଛି। ତେଣୁ ଏମାନଙ୍କୁ ସଚେତନ କରାଇବା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସାମ୍ପ୍ରତିକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ସମଗ୍ର ବିଶ୍ୱରେ ପ୍ରାୟ ପଚାଶ କୋଟିରୁ ଅଧିକ ଲୋକ ବିଭିନ୍ନ ମାନସିକ ସମସ୍ୟା ଦ୍ୱାରା ଆକ୍ରାନ୍ତ। ଭାରତରେ ମାନସିକ ରୋଗୀଙ୍କ ସଂଖ୍ୟା ଅତି ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଆକଳନରୁ ଜଣାପଡ଼ିଛି ୨୦୩୦ ସୁଦ୍ଧା ଦେଶରେ ପ୍ରାୟ ୨୫% ଲୋକ ବିଭିନ୍ନ ମାନସିକ ସମସ୍ୟାର ଶିକାର ହେବେ। ଭାରତରେ ଦେଖାଯାଉଥିବା ପ୍ରମୁଖ ମାନସିକ ରୋଗଗୁଡ଼ିକ ହେଲା ଅବସାଦ (ଡିପ୍ରେସନ), ସ୍କିଜୋଫ୍ରେନିଆ, ମାନସିକ ଉଦ୍‌ବେଗ (ଏଙ୍ଗଜାଇଟି) ଓ ବାଇପୋଲର। ଏଥିମଧ୍ୟରୁ ଅବସାଦ ରୋଗ ସର୍ବାଧିକ ମାତ୍ରାରେ ଦେଖାଯାଇଥାଏ। କିନ୍ତୁ ସ୍କିଜୋଫ୍ରେନିଆ ସବୁଠାରୁ ମାରାତ୍ମକ।

କୈଶୋର ଓ ଯୁବାବସ୍ଥାରେ ଜୀବନରେ ଅନେକ ପରିବର୍ତ୍ତନ ଦେଖାଯାଇଥାଏ। ଚଉଦ ବର୍ଷ ବୟସ ସୁଦ୍ଧା ପିଲାମାନଙ୍କ ଠାରେ ଅର୍ଦ୍ଧାଧିକ ମାନସିକ ସମସ୍ୟା ଆରମ୍ଭ ହୋଇଥାଏ। କିଶୋରାବସ୍ଥାରେ ଯେତେ ପ୍ରକାରର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଇଥାଏ ସେଥିମଧ୍ୟରୁ ଡିପ୍ରେସନ ଏକ ଗୁରୁତର ସମସ୍ୟା। ୧୫ରୁ ୨୯ ବର୍ଷ ବୟସ ମଧ୍ୟରେ ଯୁବତୀଯୁବକମାନଙ୍କ ମୃତ୍ୟୁର ଏକ ପ୍ରମୁଖ କାରଣ ହେଉଛି ଆତ୍ମହତ୍ୟା। ଏହାଛଡ଼ା ମଦ ଓ ଅନ୍ୟାନ୍ୟ ନିଶାର ଜାଲରେ ଛନ୍ଦି ହୋଇ ପଡ଼ିବା ଫଳରେ ସେମାନଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼ିବା ସହିତ ସେମାନଙ୍କର ଭବିଷ୍ୟତ ମଧ୍ୟ ଅନ୍ଧକାରମୟ ହୋଇଯାଉଛି। ଗତ କିଛିବର୍ଷ ମଧ୍ୟରେ ସ୍ମାର୍ଟଫୋନ, ଇଣ୍ଟରନେଟ ଓ ସୋସିଆଲ ମିଡ଼ିଆର ମାତ୍ରାଧିକ ବ୍ୟବହାର ଅନେକ କିଶୋର, କିଶୋରୀ ଓ ଯୁବତୀ-ଯୁବକଙ୍କ ମଧ୍ୟରେ ଦେଖାଯାଉଛି, ଫଳରେ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ଉପରେ ଅନେକ କୁପ୍ରଭାବ ପଡୁଛି। ସେହିପରି ପାଠପଢ଼ାର ଅତ୍ୟଧିକ ଚାପ, ଅଭିଭାବକଙ୍କର ଆଶାନୁଯାୟୀ ପରୀକ୍ଷାରେ ଅଧିକ ନମ୍ବର ରଖି ନ ପାରିବା, କୌଣସି କଥାରେ ଅତ୍ୟଧିକ ଭାବପ୍ରବଣ ଯୋଗୁଁ ଅନେକ ଯୁବତୀ ଯୁବକ ଆତ୍ମହତ୍ୟା କରୁଛନ୍ତି।

ପ୍ରତ୍ୟେକ ଅଭିଭାବକ ନିଜର ପିଲାର ବ୍ୟବହାର ଉପରେ ନଜର ରଖିବା ଦରକାର। ଯେପରିକି ପିଲାମାନଙ୍କ ବ୍ୟବହାରରେ କୌଣସି ପରିବର୍ତ୍ତନ ଯେମିତିକି ଅଧିକ ଚିଡ଼ିଚିଡ଼ା ହେବା, ଏକୁଟିଆ ରହିବା, ପାଠରେ କମ୍ ଧ୍ୟାନ ଦେବା, ମୋବାଇଲ ଫୋନ ଅଧିକ ବ୍ୟବହାର କରିବା, କମ୍ ଶୋଇବା, ଖାଦ୍ୟ କମ୍ ଖାଇବା, ସାଙ୍ଗ ଓ ପରିବାର ଲୋକଙ୍କ ସହିତ ମିଳାମିଶା କମ୍ କରିବା, ଛୋଟ ଛୋଟ କଥାରେ ଭୟଭୀତ ହୋଇଯିବା, କୌଣସି ବି ନିଶାଦ୍ରବ୍ୟ ସେବନ କରିବା ଆଦି ଦେଖାଦେଲେ ସେମାନଙ୍କ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଏସବୁ ଲକ୍ଷଣ ବିଭିନ୍ନ ମାନସିକ ରୋଗ ଯଥା ଡିପ୍ରେସନ, ଏଙ୍ଗଜାଇଟି, କେତେକ ବ୍ୟାବହାରିକ ସମସ୍ୟା କିମ୍ବା ବିଭିନ୍ନ ନିଶାଦ୍ରବ୍ୟ ସେବନ ଜନିତ ସମସ୍ୟା ହୋଇପାରେ। ତେଣୁ ଏସବୁ ସମସ୍ୟାକୁ ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ କରି ଚିକିତ୍ସା କରିବା ଜରୁରୀ। ଯୁବ ବୟସରେ ନିଜ ମନର କଥା ନିଜ ପ୍ରିୟଜନଙ୍କୁ ଜଣାଇବା ଉଚିତ କୌଣସି କଥାରେ ଅତ୍ୟଧିକ ବ୍ୟସ୍ତ ଓ ଭାବପ୍ରବଣ ହୋଇ ଭୁଲ ନିଷ୍ପତ୍ତି ନ ନେବା ଉଚିତ। ଜୀବନ ସନ୍ଧିକ୍ଷଣରେ ଯୁବ ବୟସ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଓ ଆହ୍ୱାନଭରା। ଏ କ୍ଷେତ୍ରରେ ସମସ୍ତଙ୍କର ଉତ୍ତରଦାୟୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି, ସୁଖ ଓ ଦୁଃଖ ହିଁ ଜୀବନର ଦୁଇ ପାର୍ଶ୍ୱ ଏହାକୁ ବୁଝି ଉଚିତ ଓ ଶାନ୍ତିପୂର୍ଣ୍ଣ, ସକରାତ୍ମକ ଜୀବନ ଜୀଇଁବା ଆଦୌ କଷ୍ଟକର ନୁହେଁ, ହୁଏତ ଏହା ଆହ୍ୱାନଭରା ହୋଇପାରେ !

କଟକ, ମୋ : ୯୧୩୨୪୩୩୩୩୩

# ପ୍ରକୃତି ସକଳ ଜୀବନର ଆଧାର

**ଡ. ଲକ୍ଷ୍ମଣ ସାହୁ**

> "କୌଣସି ସ୍ଥାନରେ ମରୁଡ଼ି, ପୁଣି କୌଣସି ସ୍ଥାନରେ ବନ୍ୟା ପରିସ୍ଥିତି ତ କୌଣସି ସ୍ଥାନରେ ଅତ୍ୟଧିକ ଥଣ୍ଡା ଓ ଅନ୍ୟ କେଉଁଠାରେ ଅସହ୍ୟ ଗରମ ହେଉଛି । ଏହି ମାଟିରେ ନବେ ପ୍ରତିଶତ ଫଙ୍ଗଲ୍ ପ୍ରଜାତି, କୀଟପତଙ୍ଗ ଏବଂ ଶାବକ ବାସ କରନ୍ତି । ଏବେ ମାଟିରୁ ଅଦୃଶ୍ୟ ହେଉଥିବା ୮୦ % ମାଇକ୍ରୋ ଅଣୁଜୀବ ଚିନ୍ତାର ବିଷୟ ହୋଇଛି, କାରଣ ସେମାନେ ମାଟିକୁ ସୁସ୍ଥ ଉର୍ବର କରନ୍ତି । ଅଙ୍ଗାରକାମ୍ଳର ପରିମାଣ ହ୍ରାସ ହେତୁ ସେମାନେ ମାଟିରୁ ଶୀଘ୍ର ଅଦୃଶ୍ୟ ହେଉଛନ୍ତି । ଦେଖିବାକୁ ଗଲେ ଅଙ୍ଗାରକାମ୍ଳ ହ୍ରାସ କରିବା ଏହା ଗୋଟେ କି ଦୁଇ ବର୍ଷର କାର୍ଯ୍ୟ ନୁହେଁ । ବରଂ ଅନେକ ବର୍ଷ ଧରି ଅବସ୍ଥା ବିଗିଡ଼ି ଯାଉଛି।

ପ୍ରକୃତି ହେଉଛି ମାନବ ଜୀବନ ପାଇଁ ସବୁଠାରୁ ବଡ଼ ଉପହାର । ଯାହା ଆମକୁ ବାୟୁ, ଜଳ ଓ ଖାଦ୍ୟ ଯୋଗାଇଥାଏ । କିନ୍ତୁ ଆଜି, ଏସବୁ ଜାଣିବା ସତ୍ତ୍ୱେ ଆମେ ସବୁକିଛି ଭୁଲିଯାଉ ଏବଂ ପ୍ରକୃତି ସହିତ ଖେଳୁ । ତଥାପି ଆମେ ମଧ୍ୟ ଏହାର ଦଣ୍ଡ ଭୋଗୁଛେ । ଏହି ବିତର୍କକୁ ନେଇ ଅନେକ ବିତର୍କ ହୋଇପାରେ ଯେ ଯଦି ଏହି ବିଶୃଙ୍ଖଳାକୁ ରୋକିବା ପାଇଁ କଡା ପଦକ୍ଷେପ ନିଆଯାଏ, ତେବେ ଆସୁଥିବା ବିପଦକୁ କିଛି ପରିମାଣରେ ବନ୍ଦ କରାଯାଇପାରିବ । କିନ୍ତୁ ମୂଳ ବାସ୍ତବତା କ'ଣ, ଏହା ଜଣାଶୁଣା । ପ୍ରକୃତ କଥା ହେଉଛି ଆଜି ଜଳବାୟୁ ପରିବର୍ତ୍ତନ, ଗ୍ଲୋବାଲ ୱାର୍ମିଂ ଭଳି ଭୟଙ୍କର ବିପର୍ଯ୍ୟୟ ସହ ଆମେ ସଂଗ୍ରାମ କରୁଛେ ଓ ବର୍ତ୍ତମାନ ମୃତ୍ତିକା ନଷ୍ଟ ଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛେ । କୃଷି ଓ ପରିବେଶରେ କାର୍ଯ୍ୟ କରୁଥିବା ସମସ୍ତ ଲୋକ ମାଟି ବିଷୟରେ ଜାଣନ୍ତି ଓ ଏହା ଆମ ପାଇଁ କେତେ ଉପଯୋଗୀ ।

ଏହା ବୁଝିବା ଆମ ପାଇଁ ଯଥେଷ୍ଟ ଯେ ଆମ ଶରୀର ଧୂଳି ମାଟିରେ ତିଆରି ଏବଂ ଶେଷରେ ଏହାକୁ ଧୂଳିରେ ଫେରିବାକୁ ପଡିବ। ଅର୍ଥାତ୍ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆମର ଖାଦ୍ୟ ଓ ଜୀବନ ଅଭ୍ୟାସ ସବୁ ମାଟି ଉପରେ ନିର୍ଭରଶୀଳ । ଏହି କାରଣରୁ, ଅଗଣିତ ଜୀବଜନ୍ତୁ ଖାଦ୍ୟ ପାଆନ୍ତି ଏବଂ ସେହି ଅଗଣିତ ଜୀବଜନ୍ତୁଙ୍କ ହେତୁ ଆମେ ମଧ୍ୟ ଖାଦ୍ୟ ପାଇଥାଉ । ଯଦି ଏହି ମାଇକ୍ରୋ-ଜୀବମାନେ ମାଟିରେ ଉପସ୍ଥିତ ନଥାନ୍ତି, ତେବେ ମାଟି ଉର୍ବର ହେବ ନାହିଁ । ଯଦି ଏହି ସମସ୍ୟା ବିସ୍ତାର ଜାରି ରଖେ ତେବେ ଏହା ନିଶ୍ଚିତ ଯେ ପୃଥିବୀ ଶେଷରେ ନଷ୍ଟ ହୋଇଯିବ ।

ଆଜି ଆମେ ଜଳବାୟୁ ପରିବର୍ତ୍ତନ, ଗ୍ଲୋବାଲ ୱାର୍ମିଂ ଏବଂ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁରୁ ଉତ୍ପନ୍ନ ସମସ୍ୟା ବିଷୟରେ ଚିନ୍ତିତ ମନେ ହେଉଛୁ, କିନ୍ତୁ ସାଧାରଣତଃ ଆମର ଆଖି ମାଟି ଆଡକୁ ବନ୍ଦ ଥିବା ପରି ମନେହୁଏ । ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରେ କୁହାଯାଇଛି ଯେ, ପୃଥିବୀର ଏକ-ତୃତୀୟାଂଶ ଜମି ଫସଲ ପାଇଁ ଖରାପ ହୋଇଯାଇଛି । ଯଦି ୨୦୪୫ ପର୍ଯ୍ୟନ୍ତ ମାଟିର ଅବନତି ଏହିପରି ଜାରି ରହେ, ତେବେ ଆମେ ଚାଳିଶ ପ୍ରତିଶତ କମ୍ ଖାଦ୍ୟ ବଢାଇବାକୁ ସମର୍ଥ ହେବା । ଯଦି ମାଟି ସଞ୍ଚୟ ନ ହୁଏ ତେବେ ଆଗାମୀ ପଚିଶରୁ ଷାଠିଏ ବର୍ଷ ମଧ୍ୟରେ ଅବଶିଷ୍ଟ ଜମି ମଧ୍ୟ ନଷ୍ଟ ହୋଇଯିବ । ଯଦି ଏହା ଘଟେ ତେବେ ଏହା ବୁଝିବା ଉଚିତ ଯେ ତୃତୀୟ ବିଶ୍ୱଯୁଦ୍ଧ ହେବ । କାରଣ ଅନାହାର ଓ ଦାରିଦ୍ର୍ୟ ସେମାନଙ୍କ ଶିଖରରେ ରହିବ । ପରିସ୍ଥିତି ଏପରି ହେବ ଯେ ଯାହାର ଶକ୍ତି ଅଛି ତାଙ୍କୁ କେବଳ ତାଙ୍କ ଘରେ ଖାଇବାକୁ ପଡ଼ିବ ?

ଆଜି ଆମେ ନୂଆ ଟେକ୍ନୋଲୋଜି ପଛରେ ଚାଲୁଛେ । କୃତ୍ରିମ ବୁଦ୍ଧିମତ୍ତା, ରୋବଟ୍ ଇତ୍ୟାଦି ଟେକ୍ନୋଲୋଜି ମାଧ୍ୟମରେ ବିଶ୍ୱର ପ୍ରତ୍ୟେକ କାର୍ଯ୍ୟକୁ ସହଜ କରିବାରେ ବ୍ୟସ୍ତ ଅଛି, କିନ୍ତୁ ଲୋକମାନେ ଭୁଲିଯାଉଛନ୍ତି ଯେ ଯଦି ମାଟିରେ ଆସୁଥିବା ବିପଦ ହେତୁ ବର୍ତ୍ତମାନ ନୁହେଁ । ଯଦି ଏହାର ମୁକାବିଲା କରାଯାଏ ତେବେ ଏହି ବୈଷୟିକ ଜଗତର କୌଣସି ଗୁରୁତ୍ୱ ରହିବ ନାହିଁ । ଆଜି ଜଳବାୟୁ ପରିବର୍ତ୍ତନ ହେତୁ ବିଭିନ୍ନ ଉପାୟରେ ବିପର୍ଯ୍ୟୟ ଘଟିବାରେ ଲାଗିଛି ।

କୌଣସି ସ୍ଥାନରେ ମରୁଡ଼ି, ପୁଣି କୌଣସି ସ୍ଥାନରେ ବନ୍ୟା ପରିସ୍ଥିତି ତ କୌଣସି ସ୍ଥାନରେ ଅତ୍ୟଧିକ ଥଣ୍ଡା ଓ ଅନ୍ୟ କେଉଁଠାରେ



ଅସହ୍ୟ ଗରମ ହେଉଛି । ଏହି ମାଟିରେ ନବେ ପ୍ରତିଶତ ଫଙ୍ଗଲ୍ ପ୍ରଜାତି, କୀଟପତଙ୍ଗ ଏବଂ ଶାବକ ବାସ କରନ୍ତି । ଏବେ ମାଟିରୁ ଅଦୃଶ୍ୟ ହେଉଥିବା ୮୦ % ମାଇକ୍ରୋ ଅଣୁଜୀବ ଚିନ୍ତାର ବିଷୟ ହୋଇଛି, କାରଣ ସେମାନେ ମାଟିକୁ ସୁସ୍ଥ ଉର୍ବର କରନ୍ତି । ଅଙ୍ଗାରକାମ୍ଳର ପରିମାଣ ହ୍ରାସ ହେତୁ ସେମାନେ ମାଟିରୁ ଶୀଘ୍ର ଅଦୃଶ୍ୟ ହେଉଛନ୍ତି । ଦେଖିବାକୁ ଗଲେ ଅଙ୍ଗାରକାମ୍ଳ ହ୍ରାସ କରିବା ଏହା ଗୋଟେ କି ଦୁଇ ବର୍ଷର କାର୍ଯ୍ୟ ନୁହେଁ । ବରଂ ଅନେକ ବର୍ଷ ଧରି ଅବସ୍ଥା ବିଗିଡି ଯାଉଛି । ଜଙ୍ଗଲ ନଷ୍ଟ ହେବା, ହଳ କରିବା, ଏକଚାଟିଆ, ରାସାୟନିକ ପଦାର୍ଥର ଅତ୍ୟଧିକ ବ୍ୟବହାର, ଫସଲର ଅବଶିଷ୍ଟାଂଶ ଅପସାରଣ, ଗଛ କାଟିବା, ଅତ୍ୟଧିକ ସହରୀକରଣ, ଜଳ ପ୍ରଦୂଷଣ ହେତୁ ଏହା ହୋଇଥାଏ ।

ଏସବୁ ମାଧ୍ୟମରେ ମାଟିର କ୍ଷୟ, ପ୍ରାକୃତିକ ଚକ୍ରର ବ୍ୟାଘାତ, ଉର୍ବରତା ହରାଇବା, ପୋଷକ ତତ୍ତ୍ୱ ନଷ୍ଟ ହେବା ଭଳି ସମସ୍ୟା ମାଟି ଖରାପ କରିଥାଏ । ତେଣୁ ମାଟିରେ ଆସୁଥିବା ଏହି ବିପଦକୁ ଭୁଲ୍ କରିବା ଉଚିତ ନୁହେଁ । ଏହା କେବଳ ସାଧାରଣ ଗରିବ ଲୋକଙ୍କୁ ଅଜସ୍ର କ୍ଷତିରେ ପହଞ୍ଚାଇବ । ଏହି ସଂକଟକୁ ମୁକାବିଲା କରିବାକୁ ହେଲେ ସମାନ ପନ୍ଥା ଗ୍ରହଣ କରାଯିବା ଉଚିତ । 'ଇକୋଲୋଜିକାଲ୍ ସର୍ଭେ ଅଫ୍ ଆମେରିକାର' ଦ୍ୱାରା କରାଯାଇଥିବା ଏକ ଅନୁସନ୍ଧାନରୁ ଜଣାପଡିଛି ଯେ ଜଳବାୟୁ ପରିବର୍ତ୍ତନ ହେତୁ ମାଟିରେ ଅଙ୍ଗାରକାମ୍ଳର ପରିମାଣ ପଚାଶରୁ ସତୁରି ପ୍ରତିଶତକୁ ହ୍ରାସ ପାଇଛି । ଗବେଷଣା ଅନୁସନ୍ଧାନ ଅନୁଯାୟୀ ସମଗ୍ର ବାୟୁମଣ୍ଡଳରେ ମାଟିରେ ସର୍ବାଧିକ ଅଙ୍ଗାରକାମ୍ଳ ରହିଥାଏ । ଯାହା ଜୈବ ବିବିଧତାକୁ ମଜଭୁତ କରିବା ପ୍ରକୃତି ପାଇଁ ଏକ ଉତ୍ତମ ବ୍ୟବସ୍ଥା ।

ଯଦି ଆମେ ସୁସ୍ଥ ମାଟି ବିଷୟରେ କହିବା ବା ଚିନ୍ତା କରିବା, ଗୋଟିଏ ଚାମଚ ମାଟିରେ ଏକରୁ ଏକ ବିଲିୟନ ବ୍ୟାକ୍ଟେରିଆ, ଏକରୁ ଏକ ନିୟୁତ କବକ ଓ ଅନ୍ୟାନ୍ୟ ମାଇକ୍ରୋ ଅଣୁଜୀବ ରହିପାରେ । ଉଦ୍ଭିଦ ପ୍ରଜାତିର ଷାଠିଏ ପ୍ରତିଶତ ଓ ଚାଳିଶରୁ ଅଧିକ ଜୀବାଣୁ ମାଟି ଉପରେ ନିର୍ଭର କରନ୍ତି । ଏଥିରୁ ଏହା ଅନୁମାନ କରାଯାଇପାରେ ଯେ ଯଦି ଏହି ମାଇକ୍ରୋ ଅଣୁଜୀବଗୁଡିକ ଶୀଘ୍ର ନଷ୍ଟ ହେଉଛନ୍ତି, ତା'ହେଲେ ମାନବ ଜାତି ମଧ୍ୟ ଏହା ସହିତ ନଷ୍ଟ ହୋଇଯିବାକୁ ଘଡ଼ିଏ ଲାଗିବ ନାହିଁ ।

ଅଧିକ ଫସଲ ଅମଳ ପାଇବା ପାଇଁ ମାଟିରେ ବିଭିନ୍ନ ପ୍ରକାରର ରାସାୟନିକ ପଦାର୍ଥ, ବିଭିନ୍ନ ପ୍ରକାର ସାର , କୀଟନାଶକ ଔଷଧ ବ୍ୟବହାର କରାଯାଏ । ଏହି ଅତ୍ୟାବଶ୍ୟକ କୀଟନାଶକ ବ୍ୟବହାର ଫଳରେ ମାଟିର ଉର୍ବରତା ବଢାଉଥିବା ମାଇକ୍ରୋ-ଜୀବମାନେ ନଷ୍ଟ ହୋଇଯାଉଛନ୍ତି । ଯଦି ପରିସ୍ଥିତି ଏପରି ଜାରି ରହେ, ତେବେ ଜଳ ଶୋଷିବା ପାଇଁ ମାଟିର କ୍ଷମତା ଧୀରେ ଧୀରେ ନବେ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇପାରେ । ଯଦି ମାଟିର ଜଳ ଶୋଷଣ କ୍ଷମତା କମ୍ ଥାଏ ତେବେ ଜୀବାଣୁ ଓ ଭୂତାଣୁ ମାଟିର କଣିକାଗୁଡ଼ିକରୁ ଜଳ ପାଇବ ନାହିଁ, ଯେଉଁଥିପାଇଁ ସେମାନେ ନଷ୍ଟ ହୋଇଯିବେ । କାରଣ ଏହି ମାଇକ୍ରୋ ଜୀବମାନେ ଭୂମି ତଳେ ସଂରକ୍ଷିତ ଜଳକୁ ଶୋଷଣ କରନ୍ତି । ଫଳରେ ପାଣି ପରିଷ୍କାର ଓ ସୁରକ୍ଷିତ ହୋଇଯାଏ ।

ବର୍ତ୍ତମାନ ସମୟ ଆସିଛି । ଆମ ପୃଥିବୀ ଆମର ସଂସ୍କୃତିର ସଂକଳ୍ପକୁ କାର୍ଯ୍ୟରେ ତ୍ୱରାନ୍ୱିତ କରାଯିବା ଉଚିତ। ମାଟିର ଜଳ ଧାରଣ କ୍ଷମତା ବୃଦ୍ଧି କରିବାକୁ ପଡିବ । ମାଟି ଭିତରେ ରହିଥିବା କୀଟକୁ ଜୀବନ୍ତ ରଖିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକ। ଆମେ ଆମର ପିତୃପୁରୁଷଙ୍କ ଠାରୁ ଋଣରେ ମାଟି ପାଇଛେ ଓ ଏହାକୁ ପରବର୍ତ୍ତୀ ପିଢ଼ି ପାଇଁ ଭଲ ଭାବରେ ସଞ୍ଚିତ କରି ଛାଡ଼ିବା ଉଚିତ ।

କଟକ -୪ ,
ମୋ: ୯୦୪୦ ୧୫୧୪୭୫

10..10.2026.pmd 1 9/23/2026, 5:59 AM

## ଛାତ୍ର ସଂସଦ ନିର୍ବାଚନ: କୁଚିଣ୍ଡା କଲେଜ କ୍ୟାମ୍ପସ ଚଳଚଞ୍ଚଳ

କୁଚିଣ୍ଡା,୯ ।୧୦ (ନିପ୍ର); ବହୁ ପ୍ରତୀକ୍ଷିତ ଛାତ୍ର ସଂସଦ ନିର୍ବାଚନ ପାଇଁ କୁଚିଣ୍ଡା କଲେଜ କ୍ୟାମ୍ପସ ଏବେ ଚଳଚଞ୍ଚଳ ହୋଇଉଠିଛି । ନିର୍ବାଚନ ପାଇଁ କୁଚିଣ୍ଡା କଲେଜ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି । ନିର୍ବାଚନକୁ ଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ସରଓ୍ୱନନ୍ ସ'ଙ୍କ ଅଧ୍ୟକ୍ଷତାରେ କୁଚିଣ୍ଡା ଉପଖଣ୍ଡର ସମସ୍ତ କଲେଜ କର୍ତ୍ତୃପକ୍ଷଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଂଶ ଗ୍ରହଣକାରୀ ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ଏସଓପି ଅନୁଯାୟୀ ନିର୍ବାଚନ ପରିଚାଳନା ପାଇଁ ଉପଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ସେହିପରି ପ୍ରଶାସନ ପକ୍ଷରୁ ବିଭିନ୍ନ କଲେଜ ପାଇଁ ନୋଡାଲ ଅଫିସର ନିଯୁକ୍ତ କରିଛନ୍ତି । କୁଚିଣ୍ଡା କଲେଜ ପାଇଁ ଡେପୁଟି କଲେକ୍ଟର ସଜତ ମାର୍କିଙ୍କୁ ନୋଡାଲ ଅଫିସର ଓ କୁଚିଣ୍ଡା ତହସିଲଦାର ସରିତା ଓରାମଙ୍କୁ ମାଜିଷ୍ଟ୍ରେଟ ଦାୟିତ୍ୱ ପଦିଆଯାଇଛି । ସେହପରି କୁଚିଣ୍ଡା କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ସ୍ୱାଇଁ ନିର୍ବାଚନ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରି ଅଧ୍ୟାପକ ସଞ୍ଜୟ ଟିଗାଙ୍କୁ ନିର୍ବାଚନ ଅଧିକାରୀ ଏବଂ ଡ଼.ଦିଲୀପ କୁମାର ନନ୍ଦଙ୍କୁ ଛାତ୍ର ସଂସଦ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି । ସୂଚନାଯୋଗ୍ୟ ଯେ,କୁଚିଣ୍ଡା କଲେଜରେ ମୋଟ ୯୮୧ ଭୋଟର ରହିଥିବା ବେଳେ ତନ୍ମଧ୍ୟରୁ ଛାତ୍ରୀ ୬୪୦ ଓ ଛାତ୍ରଙ୍କ ସଂଖ୍ୟା ୩୪୧ ରହିଛି । ଗୁରୁବାର ଅପରାହ୍ନରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଓରାମ କଲେଜ ଓ ସମସ୍ତ ହଷ୍ଟେଲ ପରିଦର୍ଶନ କରି ନିର୍ବାଚନ ବ୍ୟବସ୍ଥାର ତଦାରଖ କରିଛନ୍ତି । ବହୁବର୍ଷ ପରେ ନିର୍ବାଚନ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି ।

## ଜିଲ୍ଲାସ୍ତରୀୟ ଟିବିମୁକ୍ତ ପଞ୍ଚାୟତ ହାସଲ କରିଥିବା ୨୬ ସରପଞ୍ଚ ପୁରସ୍କୃତ

ଭଦ୍ରକ,୯ ।୧୦(ନିପ୍ର) ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅଧୀନରେ ଜୋଶ୍ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଗୁରୁବାର ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ)ଙ୍କ କାର୍ଯ୍ୟାଳୟରେ ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ହୋଇଛି । କେନ୍ଦ୍ରସ୍ତରରେ ଆୟୋଜିତ ଜାତୀୟ ଉଦ୍‌ଘାଟନ କାର୍ଯ୍ୟକ୍ରମ ସହ ଏହାକୁ ସଂଯୋଜିତ କରାଯାଇଥିଲା । ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ରସାୟନ ଓ ସାର ମନ୍ତ୍ରୀ ଜଗତ ପ୍ରକାଶ ନାଡ୍ଡା ନେତୃତ୍ୱ ନେଇଥିବାବେଳେ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ତଥା ଯୁବ ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭିୟା ଉପସ୍ଥିତ ଥିଲେ ।ଭଦ୍ରକର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ, ସରପଞ୍ଚ, ଏନ୍‌ସିସି କମାଣ୍ଡର, ମେରା ଯୁବ ଭାରତର ଯୁବ ସମନ୍ୱୟକଙ୍କ ସମେତ ସିଡିଏମଓ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଏଡିପିଏଚଓ , ଏଡିପିଏଚଓ, ଏଡିପିଏଚଓ ଏବଂ ଏଡିପିଏଚଓ ଯୋଗଦେଇଥିଲେ । ଯକ୍ଷ୍ମା ନିରାକରଣ ଅଭିଯାନରେ ଯୁବଶକ୍ତିକୁ ସାମିଲ କରି ସମୁଦାୟସ୍ତରରେ ସଚେତନତା ବୃଦ୍ଧି, ଯକ୍ଷ୍ମାର ଲକ୍ଷଣ ଚିହ୍ନଟ, ତ୍ୱରିତ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ସମାପ୍ତିକୁ ପ୍ରୋତ୍ସାହିତ କରିବା ଜୋଶ୍ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ । ଏହି ଅଭିଯାନରେ ଶ୍ରେଣୀ-୧ ଅଧିକାରୀ, ମେରା ଯୁବ ଭାରତ ସ୍ୱେଚ୍ଛାସେବୀ ଓ ଏନ୍‌ସିସି କ୍ୟାଡେଟ୍‌ମାନେ ମିଳିତ ଭାବେ କାର୍ଯ୍ୟ କରିବେ ଏହି ଅବସରରେ ଜିଲ୍ଲାରେ ଟିବିମୁକ୍ତ ପଞ୍ଚାୟତ ହାସଲ କରିଥିବା ୨୬ ଜଣ ସରପଞ୍ଚଙ୍କୁ ପୁରସ୍କୃତ କରାଯାଇଥିଲା ।

## ବିଦ୍ୟାଳୟସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

ପାପଡ଼ାହାଣ୍ଡି,୯ ।୧୦ (ନିପ୍ର): ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜାମ୍ବଗୁଡ଼ାରେ ପ୍ରଥମଥର ପାଇଁ ବିଦ୍ୟାଳୟସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଉତ୍ସାହ ଓ ଆନନ୍ଦର ସହ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ରାମବତୀ ମାଝୀ, ୱାର୍ଡ ମେମ୍ବର ,କମିଟି ସଭ୍ୟ ଯୋଗଦେଇଥିବା ବେଳେ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ବିଦ୍ୟାଳୟର ଶିକ୍ଷକ ବାବୁଲାଲଙ୍କ ପରିଚାଳନା ଓ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା । ପ୍ରଥମଥର ପାଇଁ ନିଜ ବିଦ୍ୟାଳୟରେ 'ସୁରଭି' ଆୟୋଜନ ହୋଇଥିବାରୁ ଛାତ୍ରଛାତ୍ରୀମାନେ ଖୁସି ପ୍ରକାଶ କରି ଶିକ୍ଷକମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ଯୋଗଦେବେ । ଛାତ୍ରଛାତ୍ରୀଙ୍କ ନୃତ୍ୟ ଓ ଅନ୍ୟାନ୍ୟ ପ୍ରଦର୍ଶନ ସମୟରେ ଗ୍ରାମବାସୀମାନେ କରତାଳି, ହୁଳହୁଳି ଓ ହୁଇସିଲ୍ ଦେଇ ସେମାନଙ୍କୁ ଉତ୍ସାହିତ କରିଥିଲେ । ଏହା ଫଳରେ ବିଦ୍ୟାଳୟ ପରିସରରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା ।

## ଭାପୁର ବ୍ଲକର ଦୁଇ ମହାବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନ ପାଇଁ ସରଗରମ

ଭାପୁର,୯ ।୧୦ (ନିପ୍ର); ଖଣ୍ଡପଡା ଓ ଭାପୁର ଅଞ୍ଚଳର ସବୁଠାରୁ ବଡ଼ ମହାବିଦ୍ୟାଳୟ ରୂପେ ପରିଚିତ ଲାଭ କରିଥିବା ପଠାଣି ସାମନ୍ତ ମହାବିଦ୍ୟାଳୟ ରେ ଦୀର୍ଘ ୪୮ ବର୍ଷ ପରେ ପ୍ରଥମ ଥର ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ । ସେଥିପାଇଁ ଯୁକ୍ତ ୩ ବର୍ଗର ୯୪୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେବା ସହିତ ସେମାନଙ୍କର ନେତା ମାନଙ୍କୁ ବାଛିବା ପାଇଁ ନିର୍ବାଚନ ରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ସୂଚନା ମିଳିଛି ।ସେହିପରି,ପଦ୍ମାବତୀ ଗ୍ରାମସ୍ଥ ବାଲୁଙ୍କେଶ୍ୱର ଦେବ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ, ଟିକିରିପଡାରେ ପ୍ରଥମ ଥର ୧୯୯୪ ମସିହାରେ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା କିନ୍ତୁ,ବଡ ଧରଣର ଗଣ୍ଡଗୋଳ ହେବାରୁ ନିର୍ବାଚନ ସ୍ଥଗିତ ରହିଥିଲା । ପୁଣି,୩୨ ବର୍ଷ ପରେ ଦ୍ୱିତୀୟ ଥର ଚଳିତ ବର୍ଷ ଯୁକ୍ତ ୩ ବର୍ଗର ୪୩୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେମାଙ୍କର ନେତା ବାଛିବା ପାଇଁ ଉତ୍ସାହ ପରିଲକ୍ଷିତ ହୋଇଛି । ଦୁଇ କଲେଜର ନିର୍ବାଚନୀ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆରକ୍ଷୀ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଉଛି ।

## 'ସେବା ଜ୍ୟୋତି କଳସ ଯାତ୍ରା'

ଭବାନୀପାଟଣା,୯ ।୧୦ (ନିପ୍ର): ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସେବା ସଂକଳ୍ପ ଅଭିଯାନ ୨୦୨୬ ଅବସରରେ ମା ମାଣିକେଶ୍ୱରୀ ମନ୍ଦିର ନିକଟରୁ ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଏକ ସେବା ଜ୍ୟୋତି କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପରିପେକ୍ଷୀରେ ସେବା ଜ୍ୟୋତି କଳସ ଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତନ୍ମୟ କୁମାର ଦରୱାନ,ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଉପ ନିର୍ଦ୍ଦେଶକ ଯୋଜନା ଓ ସ୍ୱମନ୍ୱୟ ଶ୍ରୀକାନ୍ତ ଦଳେଇ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ,ବି ଡି ଓ ଭବାନୀପାଟଣା ଚନ୍ଦନ ଭୋଇ,ଜିଲ୍ଲା କ୍ରୀଡା ଅଧିକାରୀ ,ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଅଂଶୁମାନଙ୍କ ସହ ଶତାଧିକ ମହିଳା ମୁଣ୍ଡରେ କଳସ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

## ବଂଶଧାରା ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କରି ଫେରିଲା କମିଟି

ରାୟଗଡା,୯ ।୧୦ (ନିପ୍ର): କମିଟି ନେରେଡି ବ୍ୟାରେଜ, ବଂଶ ଧାରା ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କରି ଫେରିଲେ । ବର୍ଷାଧିକାଳରୁ ବଂଶଧାରା ଜଳ ବିବାଦର ସମାଧାନ ଏବଂ ଟ୍ରିବୁନାଲ ଦେଇଥିବା ରାୟର ମର୍ମକୁ ଧ୍ୟାନରେ ରଖି ଗଠନ କରାଯାଇଥିବା ସୁପରଭାଇଜରୀ କମିଟି ଏକ ତିନିଦିନିଆ ଗସ୍ତ କେନ୍ଦ୍ରୀୟ ଜଳ ଆୟୋଗର ମହାନଦୀ ଓ ପୂର୍ବ ନଦୀ ସଂଗଠନର ମୁଖ୍ୟଯନ୍ତ୍ରୀ ତଥା ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲର ସୁପର ଭାଇଜରୀ କମିଟି ଅଧ୍ୟକ୍ଷ ଜୀ ନାଗମୋହନଙ୍କ ନେତୃତ୍ୱରେ ଆସି ବଂଶାଧାର ନଦୀ ସହ ସମ୍ପୃକ୍ତ ବିଭିନ୍ନ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ କରିଥିବା ସୂଚନା ରହିଛି । କେନ୍ଦ୍ରୀୟ ଜଳ ଆୟୋଗ ଭୁବନେଶ୍ୱର ପକ୍ଷରୁ ପ୍ରସ୍ତୁତ ପ୍ରୋଗ୍ରାମ ପ୍ରକାରେ କମିଟି ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସହ କାଟ୍ରାଗଡା ସାଇଡ ୱିୟରେ,ଫ୍ଲଡ଼ ଫ୍ଲୋ କେନାଲ ସହ ନେରେଡି ବ୍ୟାରେଜ ସମ୍ପର୍କରେ ଏକ ଅତ୍ୟାଆବଶ୍ୟକ ବୈଷୟିକ ଆଲୋଚନା କରିଥିବା ଜଣାପଡିଛି । ଉକ୍ତ କମିଟି ଓଡ଼ିଶାର କାଟ୍ରାଗଡା ସାଇଡୱେର ଫ୍ଲଡ଼ ଫ୍ଲୋ କେନାଲ, ଏବଂ ପ୍ରସ୍ତାବିତ ନେରେଡି ପ୍ରକଳ୍ପ ଆଦି ପରିଦର୍ଶନରେ ଯାଇଥିଲେ । ଏହି ପରିଦର୍ଶନ ବେଳେ ପ୍ରକଳ୍ପ ଗୁଡିକର ସାମ୍ପ୍ରତିକ ସ୍ଥିତି, ଜଳ ପ୍ରବାହ ସହିତ ବିଭିନ୍ନ ବୈଷୟିକ ବିଷୟ ଉପରେ କ୍ଷେତ୍ରସ୍ଥଳ ସମ୍ପୃକ୍ତି ବିସ୍ତୃତ ଆଲୋଚନା କରାଯାଇଥିବା ଜଣାପଡିଛି । ପ୍ରସ୍ତାବିତ ନେରେଡି ବ୍ୟାରେଜ ନିର୍ମାଣ ହେଲେ ଗଜପତି ଜିଲ୍ଲାର କାଶୀନଗର ବ୍ଲକ ଅଞ୍ଚଳର ସାହାରା, ବାଡ଼ୀଗାଁ, ସହ ଆଉ କେତେକ ସଂଲଗ୍ନ ଗାଁ ପ୍ରଭାବିତ ହେବ ବୋଲି ଅଞ୍ଚଳବାସୀ ଆଶଙ୍କିତ ରହିଛନ୍ତି । ଏହା ଦ୍ୱାରା ଅନେକ ପରିବାର ନିଜ ଭିଟାମାଟି, ଜମି ହରାଇବାର ଆଶଙ୍କା ପ୍ରକାଶ କରିଛନ୍ତି । ଟ୍ରିବୁନାଲଙ୍କ ଶୁଣାଣି ହେବା ପରେ ଆନ୍ଧ୍ର ପ୍ରଦେଶର ପ୍ରକଳ୍ପ ପାଇଁ ଓଡ଼ିଶାର ୧୦୬ ଏକର ଜମି ହସ୍ତାନ୍ତର ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଥିବା ମଧ୍ୟ କୁହାଯାଉଛି । ଅନ୍ୟ ପକ୍ଷରେ କମିଟି ଆନ୍ଧ୍ର ପ୍ରଦେଶର କଟ୍ରାଗଡା ଅଞ୍ଚଳ ଆଡକୁ ଯାଉଥିବା ବେଳେ ଓଡ଼ିଶାର ସାହାରା ଗ୍ରାମ ନିକଟରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରଭାବିତ ହେବାକୁଥିବା ଲୋକଙ୍କ ସମସ୍ୟା ତଥା ଲୋକଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଚାର କରାଯାଉ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଥିଲା । ସମ୍ଭାବ୍ୟ ପରିସ୍ଥିତିକୁ ଚିନ୍ତା କରି ସାହାରା ଅଞ୍ଚଳରେ କାଶୀନଗରର ତହସିଲଦାର, ରାଜସ୍ୱ ନିରୀକ୍ଷକଙ୍କ ସମେତ ପୋଲିସର ଏକ ଦଳ ମଧ୍ୟ ଉକ୍ତ ସ୍ଥଳରେ ଉପସ୍ଥିତ ଥିଲେ । ସୁପରଭାଇଜରୀ କମିଟିର ଏହି ପରିଦର୍ଶନ ସମୟରେ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାର କେନ୍ଦ୍ରୀୟ ଜଳ ଆୟୋଗ, ଜଳ ସେଚନ ବିଭାଗ ଏବଂ ଓଡିଶା ଜଳସେଚନ ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ବଂଶଧାରା ଜଳ ବିବାଦକୁ ନେଇ ନେରେଡି ବ୍ୟାରେଜ ସମେତ ଆଉ କେତେକ ପ୍ରକଳ୍ପର ବାସ୍ତବ ସ୍ଥିତି ଅନୁଧ୍ୟାନ ଏବଂ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସହ ପ୍ରସ୍ତାବିତ ପ୍ରକଳ୍ପର ବିଭିନ୍ନ ଦିଗ ତଥା ବୈଷୟିକ ଆଲୋଚନା ଏହି ପରିଦର୍ଶନର ମୂଳ ଉଦ୍ଦେଶ୍ୟ ଥିବା ଜଣାପଡିଛି ।

## କାର୍ଲାଘାଟି ରାସ୍ତା ପ୍ରଶସ୍ତିକରଣ ପାଇଁ ଅର୍ଥ ମଞ୍ଜୁର

ରାୟଗଡା୯/୧୦(ନିପ୍ର)କାର୍ଲାଘାଟି ରାସ୍ତା ପ୍ରଶସ୍ତିକରଣ ପାଇଁ ଅର୍ଥ ମଞ୍ଜୁର । ରାୟଗଡା ଜିଲ୍ଲା ଅନ୍ତର୍ଗତ ଅନେକ ପଞ୍ଚାୟତରେ ଥିବା ଗାଁ ଗୁଡିକୁ ରାସ୍ତା ନଥିବାରୁ, ଗାଁ ଭିତରକୁ ଆମ୍ବୁଲାନସ ପହଞ୍ଚିନପାରୁ ନଥିବା ଯୋଗୁଁ ରୋଗୀ ହେଉ କି ଗର୍ଭବତୀ ମହିଳାଙ୍କ ପରିବାର ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ରୋଗୀ ମଧ୍ୟ ସେଥିରୁ ନିସ୍ତାର ନପାଇ ଅନେକ ସମସ୍ୟାର ସମ୍ମୁଖୀନ୍ନ ହୋଇ ତାର ଅବସ୍ଥା ଗୁରୁତର ହୋଇଯାଉଥିବା କାହାକୁ ଅଜଣା ନାହିଁ । ଏଣୁ ରାୟଗଡା ଜିଲ୍ଲାରେ ଗମନାଗମନ ଓ ରାସ୍ତା ସଂଯୋଗୀକରଣ କରି ଯାତାୟାତଜନିତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପ୍ରୟାସ ପଞ୍ଚାୟତବାସୀଙ୍କ ମନରେ ଏକ ଆଶାର ସଞ୍ଚାର କରିଛି । କାରଣ ଭଲ ପକ୍କା ରାସ୍ତା ଓ ପୋଲଟିଏ ହେଲେ ଛାତ୍ରଛାତ୍ରୀ ସୁବିଧାରେ ବିଦ୍ୟାଳୟକୁ ଯିବା ସଙ୍ଗେ ଗୁରୁତର ରୋଗୀଙ୍କୁ ମେଡିକାଲ ନେବାପାଇଁ ଗାଁରେ ଆମ୍ବୁଲାନସ ଟିଏ ସହଜରେ ପହଞ୍ଚି ପାରିବ ବୋଲି ସମସ୍ତଙ୍କର ଆଶା ରହିଥାଏ । କିନ୍ତୁ ଏହି ଆଶା ସବୁ କେବେ ପୂରଣ ହେବ ସେକଥା କେବଳ ସମୟ କହିବ । ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ନେତାଏ ଭୁଲିଯାଆନ୍ତି କିପରି ସେ, କଥା କେହି ବୁଝିପାରନ୍ତିନାହିଁ । ହେଲେ ଏହି ଦିଗରେ ସରକାର ଏକ ସମୟୋଚିତ ପଦକ୍ଷେପ ନେଇଥିବା ଜଣାପଡିଛି ।ସରକାରଙ୍କ ପକ୍ଷରୁ ଗୁଡ଼ାରୀ ବ୍ଲକ ଢେପାଗୁଡା ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ୧୧ କୋଟି ୧୯ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି । ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ପ୍ରଦାନ କରିଛନ୍ତି । ସେ ମଧ୍ୟ କହିଛନ୍ତି ଯେ, ଆଜି ପୂର୍ତ୍ତ ବିଭାଗ ପକ୍ଷରୁ ମଞ୍ଜୁର ପାଇଥିବା ଏହି ପ୍ରକଳ୍ପ ସକାଶେ, ୧୧କୋଟି ୧୯ ଲକ୍ଷ୍ୟ ୩୩ ହଜାର ଟଙ୍କା ମଞ୍ଜୁରୀ ଲାଭ କରିଛି । ଗୁଡ଼ାରୀ -ଢେପାଗୁଡା -କରଲାଘାଟି ରାସ୍ତାର ପ୍ରଶସ୍ତିକରଣ ପାଇଁ ପ୍ରଶାସନିକ ମଞ୍ଜୁରୀ ମଧ୍ୟ ମିଳି ସାରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଏହି ପ୍ରକଳ୍ପ ଅଂଚଳବାସୀଙ୍କୁ ଗମନାଗମନର ସୁବିଧା ପ୍ରଦାନ କରିବା ସହ ଯାତାୟାତକୁ ଅଧିକ ସୁଗମ କରିବା ସଙ୍ଗେ ସଙ୍ଗେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ମନ୍ତ୍ରୀ କହିଛନ୍ତି ।

### କଳାପରିଷଦ ପକ୍ଷରୁ ଭେଟଘାଟ

## ନୂଆଁଖାଇ ଆତ୍ମୀୟତା,ପରମ୍ପରା ଓଏକତାର ପ୍ରତୀକ: ଧର୍ମେନ୍ଦ୍ର

କୁଚିଣ୍ଡା,୯ ।୧୦(ନିପ୍ର):ସମ୍ବଲପୁର ଜିଲ୍ଲା କୁଚିଣ୍ଡା କଳାପରିଷଦ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଳା ପରିଷଦ ସଭାପତି ତଥା ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ନୂଆଁଖାଇ ଆତ୍ମୀୟତା,ପରମ୍ପରା ଓ ଏକତାର ପ୍ରତୀକ ଅଟେ । କୁଚିଣ୍ଡାର ସଂସ୍କୃତି ଓ ଐତିହ୍ୟକୁ ପ୍ରଶଂସା କରି ପ୍ରଧାନ କହିଥିଲେ, କୁଚିଣ୍ଡା ଓଡ଼ିଶାର ଏକ ପ୍ରମୁଖ ସାଂସ୍କୃତିକ କେନ୍ଦ୍ର । ଆଜକୁ ପ୍ରାୟ ୭୦ ବର୍ଷ ପୂର୍ବେ, ୧୯୫୫ ମସିହାରେ କୁଚିଣ୍ଡା କଳା ପରିଷଦ ଗଠନ ହୋଇଥିଲା । ଏହାଦ୍ୱାରା ଅଞ୍ଚଳର କଳା,ସାହିତ୍ୟ ଓ ସଂସ୍କୃତିର ବିକାଶ ହୋଇଛି । ଏହାଛଡା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତି ବାମଣ୍ଡା ରାଜା ସୁଢ଼ଳ ଦେବ, ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ଚନ୍ଦ୍ରଶେଖର ବେହେରାଙ୍କ ପରି ମହାନ ବ୍ୟକ୍ତିତ୍ୱମାନଙ୍କର ଅତୁଳନୀୟ ଅବଦାନ ରହିଛି । ତେଣୁ କଳାପରିଷଦ ଭଳି ପବିତ୍ର ଅନୁଷ୍ଠାନ ସବୁଦିନେ ତାର ନିରନ୍ତର ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ,




ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଡିଆଇଜି ଚରଣ ସିଂ ମିନା,ଏସପି ମୁକେଶ ଭାମୁ, କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସ,ସମ୍ବଲପୁର ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେର, ପୂର୍ବତନ ବିଧାୟକ ନାଉରୀ ନାୟକ,ସୁଶୀଳ କର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ମାନସ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କଳା ପରିଷଦ ସମ୍ପାଦକ କୁମାରେଶ ଦାଶଭାୟା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକଙ୍କ କଳାହାଣ୍ଡି ଗସ୍ତ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା ସହ କ୍ଷେତ୍ର ପରିଦର୍ଶନ

ଭବାନୀପାଟଣା,୯ ।୧୦ (ନିପ୍ର); ଦୁଇଦିନିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସିଛନ୍ତି ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା । ଜିଲ୍ଲାରେ ପହଞ୍ଚିବା ପରେ ପ୍ରଥମେ ଜିଲ୍ଲା ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ବୈଠକରେ ଜିଲ୍ଲାରେ ମୃତ୍ତିକା ଓ ଜଳ ସଂରକ୍ଷଣ ସହିତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଓ କାର୍ଯ୍ୟକାରିତା ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା ।ସମୀକ୍ଷା ପରେ ଶ୍ରୀ ପଣ୍ଡା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳ ପରିଦର୍ଶନ କରିଥିଲେ । ସେଠାରେ ଜଳଧାରା ଯୋଜନା ମାଧ୍ୟମରେ ନିର୍ମିତ କ୍ଷେତ ପୋଖରୀଗୁଡ଼ିକର କାର୍ଯ୍ୟକାରିତା ବୁଲି ଦେଖିବା ସହ ଏହାର ଉପଯୋଗିତା ସମ୍ପର୍କରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ପୋଖରୀ ହୁଡ଼ାରେ ପଇଡ ଚାରା ରୋପଣ କରିଥିଲେ । ଏହି ଅବସରରେ ସ୍ଥାନୀୟ ଚାଷୀ ଅନନ୍ତ ବେହେରା ଓ ଲଳିତ ବେହେରାଙ୍କୁ ସମନ୍ୱିତ କୃଷି ପଦ୍ଧତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ବିସ୍ତୃତ ଭାବେ ବୁଝାଇଥିଲେ । କୃଷି ସହ ଜଳ ଓ ମୃତ୍ତିକା ସଂରକ୍ଷଣକୁ ଯୋଡ଼ି ଚାଷୀମାନଙ୍କ ଆୟ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଗସ୍ତର ଦ୍ୱିତୀୟ ଦିନରେ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ଥୁଆମୂଳ ରାମପୁର ବ୍ଲକର କାଣୀଗୁଣା ଓ ଡୁଡୁକାଗୁଡ଼ା ଗାଁ ପରିଦର୍ଶନ କରିଥିଲେ । ଏଠାରେ କାର୍ଯ୍ୟକାରୀ ହୋଇଥିବା କଫି ବଗିଚା ପରିଦର୍ଶନ କରିବା ସହ କଫି ଚାଷର ଅଗ୍ରଗତି ଓ ଚାଷୀମାନଙ୍କ ଲାଭ ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ପରେ ଜୟପାଟଣା ବ୍ଲକରେ ପହଞ୍ଚି ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ ।

## କେନ୍ଦ୍ରାପଡ଼ା ଜିଲ୍ଲାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସପ୍ତାହ ୨୨ ଅତି ବିପଦପୂର୍ଣ୍ଣ ଗର୍ଭବତୀଙ୍କୁ ରକ୍ତ ପ୍ରଦାନ

କେନ୍ଦ୍ରାପଡ଼ା,୯ ।୧୦(ନିପ୍ର); ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅକ୍ଟୋବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସପ୍ତାହ ପାଳନ କରାଯାଇଛି । ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ନିର୍ଦ୍ଦେଶରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଏହି କାର୍ଯ୍ୟକ୍ରମକୁ ଗୁରୁତ୍ୱର ସହ ରୂପାୟନ କରାଯାଇଥିଲା । ଅକ୍ଟୋବର ମାସରେ ସମ୍ଭାବ୍ୟ ପ୍ରସବ ତାରିଖ ଥିବା ଜିଲ୍ଲାର ୮୭୮ ଜଣ ଗର୍ଭବତୀଙ୍କ ମଧ୍ୟରୁ ୩୩୮ ଜଣ ଅର୍ଥାତ୍ ୩୮.୫ ପ୍ରତିଶତ ଗର୍ଭବତୀ ବିପଦସଙ୍କୁଳ ଥିବା ଚିହ୍ନଟ ହୋଇଛନ୍ତି । ସେହିପରି ସେପ୍ଟେମ୍ବର ମାସରେ ପ୍ରସବ କରିଥିବା ୧୪୯୫ ଜଣ ମାଆଙ୍କ ଘରକୁ ସ୍ୱାସ୍ଥ୍ୟକର୍ମୀମାନେ ଯାଇ ସ୍ୱାସ୍ଥ୍ୟାବସ୍ଥା ସମୀକ୍ଷା କରିଥିଲେ । 'ଓଡିକେ ଟୁଲକିଟ୍' ମାଧ୍ୟମରେ ଗୃହ ପରିଦର୍ଶନ କରି ମାଆ ଓ ଶିଶୁଙ୍କ ବିପଦ ଲକ୍ଷଣ ଚିହ୍ନଟ ସହ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା । ସପ୍ତାହ ପାଳନ ଅବସରରେ ଅତି ବିପଦପୂର୍ଣ୍ଣ ଗର୍ଭବତୀ, ବିଶେଷକରି ହିମୋଗ୍ଲୋବିନ୍ ସ୍ତର ୭ ଗ୍ରାମରୁ କମ୍ ଏବଂ କେତେକଙ୍କ କ୍ଷେତ୍ରରେ ୪ ଗ୍ରାମରୁ ମଧ୍ୟ କମ୍ ଥିବା ମହିଳାଙ୍କ ମଧ୍ୟରୁ ୨୨ ଜଣଙ୍କୁ କେନ୍ଦ୍ରାପଡ଼ା ପୁରୁଣା ମେଡିକାଲ ପରିସରସ୍ଥିତ ବ୍ଲଡ୍ ବ୍ୟାଙ୍କରୁ ରକ୍ତ ପ୍ରଦାନ କରାଯାଇଛି । ଏଥିରେ ଏ ପଜିଟିଭ୍ ୪, ବି ପଜିଟିଭ୍ ୯, ଏବି ପଜିଟିଭ୍ ୩, ଓ ପଜିଟିଭ୍ ୪ ଏବଂ ଓ ନେଗେଟିଭ୍ ୨ ଜଣ ରହିଛନ୍ତି । କାର୍ଯ୍ୟକ୍ରମରେ ବହୁମୁଖୀ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ ସୁପରଭାଇଜରମାନେ ଘରକୁ ଘର ଯାଇ ଗର୍ଭବତୀ, ପ୍ରସୂତୀ ମାଆ ଓ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟ ସମୀକ୍ଷା କରିଥିଲେ । ଜିଲ୍ଲା ଓ ବ୍ଲକ୍ ସ୍ତରର ଅଧିକାରୀମାନେ ମଧ୍ୟ ଏହାର ତଦାରଖ କରିଥିଲେ । ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନମିତା ପଟ୍ଟନାୟକ, ଏଡିଏମ୍‌ଓ ମେଡିକାଲ ଡାକ୍ତର କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୌରାଙ୍ଗ ଚରଣ ଗିରିଙ୍କ ସମେତ ବିଭିନ୍ନ ଅଧିକାରୀ ତଦାରଖ କରିଥିଲେ । ପଟ୍ଟାମୁଣ୍ଡାଇ, ପାଟକୁରା ସମେତ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଇନ୍‌ଚାର୍ଜ, ସେକ୍ଟର ମେଡିକାଲ ଅଫିସର, ବିପିଏମ୍, ବିଡିଏମ୍ ଓ ପିଏଚ୍‌ଇଓମାନେ ଗୃହ ପରିଦର୍ଶନ କରିଥିଲେ । ଡିପିଏମ୍ ଡାକ୍ତର ମନୋରଞ୍ଜନ ସାହୁ, ଡେପୁଟି ମ୍ୟାନେଜର ଡାକ୍ତର ସୁକାନ୍ତ କୁମାର ପ୍ରଧାନ, ଏପିଡେମିଓଲୋଜିଷ୍ଟ ଡାକ୍ତର ଅଶୋକ କୁମାର ସାହୁ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡ଼ା, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭନାରାୟଣ ନାୟକଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଏହି ଅଭିଯାନରେ ସହଯୋଗ କରିଥିଲେ ।

## ଯୋଡ଼ା ଟ୍ରକ ମାଲିକ ସଂଘ ନିର୍ବାଚନ, ପ୍ରଚାର ସଭାରେ ଇସ୍ତାହାର ଜାରି କଲେ ପ୍ରାର୍ଥୀ ବହୁ ସଂଖ୍ୟାରେ ଗାଡ଼ି ମାଲିକଙ୍କ ସମାଗମ,ରାଜନୈତିକ ହସ୍ତକ୍ଷେପକୁ ବିରୋଧ

ଯୋଡ଼ା,୯ ।୧୦(ନିପ୍ର): ଓଡିଶା ରାଜ୍ୟ କେନ୍ଦୁଝର ଜିଲ୍ଲାର ବହୁଚର୍ଚ୍ଚିତ ଖଣି ଅଞ୍ଚଳ ରୂପେ ପରିଚିତ ଚମ୍ପୁଆ ସବଡିଭିଜନର ଯୋଡା ଅଞ୍ଚଳରେ ଟ୍ରକ ମାଲିକମାନଙ୍କୁ ନେଇ ଗଠିତ ହୋଇଥିବା ସଂଘ (ଜାଟୱା)ର ନିର୍ବାଚନ ନିମନ୍ତେ ହାଇ ଭୋଲଟେଜ ନିର୍ବାଚନ ପ୍ରଚାର ଜୋର ଧରିଛି । ନାମାଙ୍କନ ପତ୍ର ଦାଖଲ,ଯାଞ୍ଚ ଓ ପ୍ରତ୍ୟାହାର ପରେ ପ୍ରାର୍ଥୀମାନେ ଚମ୍ପୁଆ,ରିମୁଳି,ମାଲଦା,ଯୋଡା, ବାମେବାରୀ, ଝୁମ୍ପୁରା ଆଦିର ଟ୍ରକ ମାଲିକ ସଂଘରେ ସଭ୍ୟ ଥିବା ସମସ୍ତ ମାଲିକଙ୍କୁ ଭେଟି ଭୋଟ୍ ଭିକ୍ଷା ନିମନ୍ତେ ପ୍ରଚାର ଜୋରଦାର ଚଳାଇଥିବା ନଜିରକୁ ଆସିଛି । ଜନାଦେଶକୁ କିପରି ନିଜ ସପକ୍ଷରେ ଅଣାଯିବ ସେଥି ନିମନ୍ତେ ପ୍ରାର୍ଥୀମାନେ ବିଭିନ୍ନ ରଣକୌଶଳ ମାଧ୍ୟମରେ ଆପଣେଇବାର ଲାଗି ପଡିଛନ୍ତି ।

ଅକ୍ଟୋବର ୧୨ ତାରିଖରେ ଭୋଟ ହେବାକୁ ଥିବା ବେଳେ ପ୍ରଚାର ମଇଦାନ ଏବେ ସରଗରମ ରହିଛି । ତେବେ ଉକ୍ତ ନିର୍ବାଚନରେ ରାଜନୈତିକ ହସ୍ତକ୍ଷେପ ପ୍ରସଙ୍ଗ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ନିର୍ବାଚନ ପରିପ୍ରେକ୍ଷୀରେ ସଭାପତି ପ୍ରାର୍ଥୀ ମାତା ପ୍ରସାଦ ଜୟସ୍ୱାଲ ଓ ସମ୍ପାଦକ ପ୍ରାର୍ଥୀ ସୁଶାନ୍ତ କୁମାର ବାରିକ ଟିମ୍‌ଙ୍କ ନେତୃତ୍ୱରେ ଗାଡି ମାଲିକ ମାନଙ୍କୁ ନେଇ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପ୍ରାୟ ୭୦୦ ରୁ ଉର୍ଦ୍ଧ୍ୱ ଗାଡ଼ି ମାଲିକ ଯୋଗଦେଇଥିବା ବେଳେ ପ୍ରାର୍ଥୀ ମାନେ ନିଜ ନିର୍ବାଚନ ଇସ୍ତାହାର ଜାରି କରିଥିଲେ । ସଭାରେ ଗାଡ଼ି ମାଲିକମାନେ ସଂଘ ନିର୍ବାଚନରେ ରାଜନେତାଙ୍କ ହସ୍ତକ୍ଷେପକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ସଂଘର ନିର୍ବାଚନ ଗାଡ଼ି ମାଲିକଙ୍କ ଅଧିକାର, ରୋଜଗାର ଓ ପେଟପାଟଣା ସହ ଜଡ଼ିତ ଥିବାରୁ ଏଥିରେ ରାଜନୈତିକ ପ୍ରଭାବ ରହିବା ଉଚିତ ନୁହେଁ ବୋଲି ସଭାରେ ମତ ପ୍ରକାଶ ପାଇଥିଲା ।

ସଭାରେ କିଛି ଗାଡ଼ି ମାଲିକ ଅଭିଯୋଗ କରିଥିଲେ ଯେ, ୨୦୨୪ ସାଧାରଣ ନିର୍ବାଚନ ସମୟରେ ବିଧାୟକଙ୍କ ପକ୍ଷରୁ ଦିଆଯାଇଥିବା କିଛି ପ୍ରତିଶ୍ରୁତି ପୂରଣ ହୋଇନାହିଁ । ଗତ ୨୭ ମାସ ମଧ୍ୟରେ ସଂଘ ଓ ଗାଡ଼ି ମାଲିକମାନେ ବିଭିନ୍ନ ସମସ୍ୟା ଓ ଘାତ ପ୍ରତିଘାତ ଦେଇ ଗତି କରିଥିବା ସତ୍ତ୍ୱେ ବିଧାୟକଙ୍କ ପକ୍ଷରୁ ଆବଶ୍ୟକ ସହଯୋଗ ମିଳିନଥିବା ନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏହାସହ ଚଳିତ ସଂଘ ନିର୍ବାଚନରେ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ନିର୍ବାଚନ ମଇଦାନରେ ଛିଡ଼ା କରାଇ ସଂଘ ଉପରେ ପ୍ରଭାବ ବିସ୍ତାର କରିବାର ଉଦ୍ୟମ ହେଉଥିବା ନେଇ କିଛି ଗାଡ଼ି ମାଲିକ ଅଭିଯୋଗ କରିଥିଲେ । ତେବେ ଏହି ଅଭିଯୋଗ ସମ୍ପର୍କରେ ବିଧାୟକ କିମ୍ବା ତାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ସଭାରେ ମାତା ପ୍ରସାଦ ଜୟସ୍ୱାଲ ଓ ସୁଶାନ୍ତ କୁମାର ବାରିକ ତାଙ୍କ ଟିମ୍‌ଙ୍କ ପ୍ରତି ବ୍ୟାପକ ସମର୍ଥନ ଥିବା ନେଇ ସମର୍ଥକ ଗାଡିମାଲିକମାନେ ଦାବି କରିଥିଲେ । ପଳସା, ଝୁମ୍ପୁରା, ଜୁରୁଡ଼ି, ବାମେବାରୀ, ଯୋଡ଼ା ଓ ବିଲେଇପଦା ଅଞ୍ଚଳର ବହୁ ଗାଡ଼ି ମାଲିକ ସଭାରେ ଯୋଗଦେଇ ନିର୍ବାଚନରେ ସମର୍ଥନ ଦେବାକୁ ମତ ପ୍ରକାଶ କରିଥିଲେ । ପ୍ରାର୍ଥୀମାନେ ନିଜ ଇସ୍ତାହାରରେ ଗାଡ଼ି ମାଲିକଙ୍କ ହିତ, ରୋଜଗାର ସୁରକ୍ଷା, ସଂଘର ସ୍ୱଚ୍ଛତା ଓ ସଦସ୍ୟମାନଙ୍କ ସମସ୍ୟା ସମାଧାନ ଭଳି ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ ।

## ରାସ୍ତାରେ ନୁହେଁ, ହାଟରେ ବସିବେ ଚାଷୀ ଓ ବ୍ୟବସାୟୀ

### 'ଦିନଲିପି'ରେ ଖବର ପ୍ରକାଶନ ପରେ ବଳଙ୍ଗା ହାଟ ସଫେଇ

ପିପିଲି,୯ ।୧୦ (ନିପ୍ର): ସର୍ବପୁରାତନ ବଳଙ୍ଗା ବଜାର ହାଟ ଅଳିଆ ଆବର୍ଜନା ସମସ୍ୟା ଜନିତ ଖବର 'ଦିନଲିପି' ଖବର କାଗଜରେ ପ୍ରସାରଣ ହେବା ପରେ ନିଦ ଭାଙ୍ଗିଛି ପ୍ରଶାସନର । ବଳଙ୍ଗା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସୁକାନ୍ତ କୁମାର ବରାଳଙ୍କ ଉଦ୍ୟମରେ ହାଟ ଭିତର ସଫା କାର୍ଯ୍ୟ ଚାଲିଅଛି । ଆବର୍ଜନା ସଫା ହେବା ପରେ ଚାଷୀ ମାନେହାଟରେ ବସିବା ସମ୍ଭାବନା ବୃଦ୍ଧିପାଇଛି ।ଚ ଯାହାକୁ ନେଇ ଅଞ୍ଚଳ ଚାଷୀ, ଅଞ୍ଚଳବାସୀ, ବ୍ୟବସାୟୀ , ବୁଦ୍ଧିଜୀବୀ ସମେତ ରାଜନୈତିକ ସ୍ତରରେ ଏକ ପ୍ରକାର ଉତ୍ସାହ ' ଦିନଲିପି ' ଖବର କାଗଜ ପ୍ରତି ଦେଖା ଦେଇଛି । ଏହି ସମ୍ବେଦନଶୀଳ ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହି ଥିବା ଯୋଗୁଁ ଏହାର ସମାଧାନ ଯୁଦ୍ଧକାଳୀନ ମଧ୍ୟରେ ସମାଧାନ ହୋଇଛି । ବଳଙ୍ଗା ହାଟ




କହିଲେ ସମସ୍ତେ କୁହନ୍ତି ପୁରୀ ଜିଲ୍ଲାର ବହୁ ପୁରାତନ ଦେଶୀ ପନିପରିବା ମାର୍କେଟ । କୋଡ଼ିଏ ହଜାରରୁ ଅଧିକ ଖାଉଟି ଓ ଚାଷୀ ସମେତ ବ୍ୟବସାୟୀ ଭେଟଘାଟ ଓ ବ୍ୟବସାୟର ହବ୍ ହୋଇଛି ଏହି ବଳଙ୍ଗା ହାଟ । ବହୁ ପୁରାତନ ତଥା ସତ୍ୟବାଦୀ, ନିମାପଡ଼ା, ପିପିଲି, ଡେଲାଙ୍ଗ ପୁରୀ ସଦର ନିର୍ବାଚନ ମଣ୍ଡଳୀର ହଜାର ହଜାର ଚାଷୀଙ୍କ ଭାତହାଣ୍ଡି କୁହାଯାଉଥିବା ବଳଙ୍ଗା ହାଟ ପୂର୍ବରୁ ଅବହେଳିତ ଅବସ୍ଥାରେ କୁଢ଼ କୁଢ଼ ଅଳିଆ ଗଦାକୁ କାଦୁଅ ଗୋବର ନଟପଟ ରାସ୍ତା । ଚାଷୀ ହୁଅନ୍ତୁ କି ଗ୍ରାହକ କାଦୁଅରେ ପାଦ ନପକାଇଲେ ପରିବା ଟିକେ କିଣି ପାରୁ ନଥିଲେ କି ବିକି ବିକ୍ରୟ କରି ପାରୁ ନଥିଲେ, ଯାହାକି ପଚା ପନିପରିବା ଦୁର୍ଗନ୍ଧରେ ନାକ ଫାଟି ପଡୁଥିଲା । ଚାଷୀଟିଏ କିନ୍ତୁ ଖାତିର ନକରି ପରିବାର କଥା ଭାବି ସବୁ ସହିଯାଉଥିଲା । ଏମିତି ବଳଙ୍ଗା ହାଟ ନୁହେଁ ବରଂ ପଇସା ଦେଇ ରୋଗ କିଣିବା ହାଟ ବୋଲି ଲୋକେ କହୁଥିଲେ । ଅନେକ ଚାଷୀ ଏଠାକୁ ଆସିବାକୁ ମୁହଁ ମୋଡ଼ି ଯାଉ ଥିବାର ଦୃଶ୍ୟ ଦେଖିବାକୁ ମିଳୁ ଥିଲା । ଦୂର ଦୁରାନ୍ତରୁ ଆସୁଥିବା ଚାଷୀମାନେ ଏଭଳି ଅବ୍ୟବସ୍ଥା ଦେଖି ପନିପରିବା ନେଇ ଆସୁ ନଥିବା ଅଭିଯୋଗ ହେଉଥିଲା । ଯେଉଁ ସବୁ ଚାଷୀ ଓ ବ୍ୟବସାୟୀ ଓ ଖାଉଟି ଆସୁଥିଲେ ସେମାନେ ବଜାରର ମୁଖ୍ୟରାସ୍ତା ଉପରେ ବସି ବେପାର କରୁଥିଲେ ।ଯାହା ଦ୍ୱାରା ରାସ୍ତା ଅବରୋଧ ଫଳରେ ମୁଖ୍ୟ ରାସ୍ତାଟି ଟ୍ରାଫିକ୍ ଜାମ୍ ଦେଖା ଦେଉ ଥିଲା । ସେହିପରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ବ୍ୟବସାୟୀମାନଙ୍କ ପାଇଁ କରାଯାଇଥିବା ହାଟ ଭିତରେ କଂକ୍ରିଟ ପିଣ୍ଡି ଶୋଚନୀୟ ରକ୍ଷଣାବେକ୍ଷଣ ଅଭାବରୁ ସେଥିରେ ଷଣ୍ଢ, ଗାଈଗୋରୁ, ଛେଳିମେଣ୍ଢା ଓ କୁକୁରମାନଙ୍କର ଆଡ଼ାସ୍ଥଳୀ ପାଲଟିଥିଲା । ଚାଷୀମାନେ ନିଜ ବାଡ଼ିର ପନିପରିବା ଅମଳ କରି ପଙ୍କକାଦୁଅର ଅପରିଷ୍କାର ସ୍ଥାନରେ ବସି ପରିବା ବିକ୍ରି କରିବାକୁ ବାଧ ହେଉଥିଲେ । ଅନେକ ଚାଷୀ ବାଧ ହୋଇ ହାଟରେ ପରିବା ବିକ୍ରି ନକରି ବାଟରେ ବସି ବିକ୍ରି କରିବାକୁ ବାଧ ହେଉଥିଲେ ।

# ସୀମାପାର ଆତଙ୍କବାଦ ବିରୋଧରେ ଭାରତ ଶୂନ୍ୟ ସହନଶୀଳତା ନୀତି ଦୋହରାଇଲା

**ନ୍ୟୁୟର୍କ, ୯/୧୦:** ସୀମାପାର ଆତଙ୍କବାଦ ବିରୋଧରେ ଭାରତ ନିଜର ଶୂନ୍ୟ ସହନଶୀଳତା ନୀତିକୁ ଜାତିସଂଘରେ ପୁଣି ଦୋହରାଇଛି। ଆତଙ୍କବାଦକୁ କୌଣସି ପରିସ୍ଥିତିରେ ଯଥାର୍ଥ ବୋଲି କୁହାଯାଇପାରିବ ନାହିଁ ଏବଂ ରାଷ୍ଟ୍ର ପ୍ରାୟୋଜିତ ଓ ସୀମାପାର ଆତଙ୍କବାଦୀ ନେଟୱର୍କ ବିରୋଧରେ ବିଶ୍ୱ ସମୁଦାୟ ଏକଜୁଟ ହୋଇ ନିର୍ଣ୍ଣାୟକ ପଦକ୍ଷେପ ନେବା ଆବଶ୍ୟକ ବୋଲି ଭାରତୀୟ ସାଂସଦ ପ୍ରତିନିଧିମଣ୍ଡଳ କହିଛି। ଜାତିସଂଘ ମହାସଭାର ଅଧିବେଶନରେ ଯୋଗ ଦେବା ପାଇଁ ନ୍ୟୁୟର୍କ ଯାଇଥିବା ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ରାଜ୍ୟସଭା ସାଂସଦ ସିକନ୍ଦର କୁମାର ନେଇଥିଲେ। ଏହି ଗସ୍ତ ସମୟରେ ପ୍ରତିନିଧିମଣ୍ଡଳ ଜାତିସଂଘର ଆତଙ୍କବାଦ ନିରୋଧୀ କାର୍ଯ୍ୟାଳୟ (ୟୁଏନ୍ଓସିଟି)ର କାର୍ଯ୍ୟକାରୀ ଉପମହାସଚିବ ଆଲେକ୍‌ଜାଣ୍ଡର ଜୁଏଭ୍‌ଙ୍କୁ ଭେଟିଥିଲେ। ଆତଙ୍କବାଦ ନିରୋଧୀ କାର୍ଯ୍ୟରେ ଭାରତ ଓ ଜାତିସଂଘ ମଧ୍ୟରେ ସହଯୋଗକୁ ଅଧିକ ପ୍ରଭାବଶାଳୀ କରିବା ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା। ପ୍ରତିନିଧିମଣ୍ଡଳ କହିଛି ଯେ ଭାରତ ଦୀର୍ଘଦିନ ଧରି ସୀମାପାର ଆତଙ୍କବାଦର ଶିକାର ହୋଇଆସୁଛି। ତେଣୁ ଆତଙ୍କବାଦ ମୁକାବିଲା ପାଇଁ ଅନ୍ତର୍ଜାତୀୟ ନିୟମ ଆଧାରିତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ। ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ସୁରକ୍ଷିତ ସ୍ଥାନଗୁଡ଼ିକୁ ସମ୍ପୂର୍ଣ୍ଣ ଭାଙ୍ଗି ନ ଦେଲେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସମ୍ଭବ ନୁହେଁ ବୋଲି ଭାରତ ପକ୍ଷରୁ କୁହାଯାଇଛି। ଆତଙ୍କବାଦୀମାନେ ଆଧୁନିକ ପ୍ରଯୁକ୍ତି, ଡିଜିଟାଲ୍ ମାଧ୍ୟମ ଓ ଅବୈଧ ଅର୍ଥ କାରବାରକୁ ବ୍ୟବହାର କରୁଥିବାରୁ ଏହାକୁ ରୋକିବା ପାଇଁ ଦେଶଗୁଡ଼ିକ ମଧ୍ୟରେ ଗୁଇନ୍ଦା ତଥ୍ୟ ଆଦାନପ୍ରଦାନ, ବୈଷୟିକ ସହଯୋଗ ଓ ଆଇନଗତ ବ୍ୟବସ୍ଥାରେ ସମନ୍ୱୟ ଆବଶ୍ୟକ ବୋଲି ଭାରତୀୟ ପ୍ରତିନିଧିମାନେ କହିଛନ୍ତି। ସାଇବର ଜଗତରେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିବା ଏବଂ ସେମାନଙ୍କ ଆର୍ଥିକ ସହାୟତାର ଉତ୍ସ ବନ୍ଦ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଭାରତର ମତ ହେଉଛି, ଆତଙ୍କବାଦର କୌଣସି ଭଲ ବା ଖରାପ ରୂପ ନାହିଁ। ସାଧାରଣ ନାଗରିକଙ୍କୁ ଜାଣିଶୁଣି ଆକ୍ରମଣ କରିବାକୁ କୌଣସି କାରଣ ଦର୍ଶାଇ ଯଥାର୍ଥ ପ୍ରମାଣିତ କରାଯାଇପାରିବ ନାହିଁ। ଆତଙ୍କବାଦର ମୁକାବିଲା ପାଇଁ ବିଶ୍ୱର ସମସ୍ତ ଦେଶ ମିଳିତ ଭାବେ କାର୍ଯ୍ୟ କରିବା ସହ ଏହାକୁ ସମର୍ଥନ ଓ ଆଶ୍ରୟ ଦେଉଥିବା ନେଟୱର୍କଗୁଡ଼ିକୁ ଦାୟୀ କରିବା ଦରକାର ବୋଲି ଭାରତ ଆହ୍ୱାନ ଦେଇଛି।

# 'ଆମେରିକା ଆଉ ଭାରତୀୟଙ୍କୁ ଚାହୁଁନି, ଫେରିଆସ'

**ନୂଆଦିଲ୍ଲୀ, ୯/୧୦:** ଆମେରିକାରେ କାର୍ଯ୍ୟରତ ଭାରତୀୟ ପ୍ରଯୁକ୍ତି ବିଶେଷଜ୍ଞମାନେ ନିଜ ଦେଶକୁ ଫେରିଆସି ଭାରତର ପ୍ରଯୁକ୍ତି କ୍ଷେତ୍ରକୁ ଆହୁରି ସୁଦୃଢ଼ କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି ଜୋହୋର ପ୍ରତିଷ୍ଠାତା ଶ୍ରୀଧର ଭେମ୍ବୁ। ଆମେରିକା ସରକାର ଅନେକ ବଡ଼ ଟେକ୍ କମ୍ପାନିର ବିଦେଶୀ କର୍ମଚାରୀଙ୍କ ପାଇଁ ଗ୍ରିନ୍ କାର୍ଡ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟକୁ ସ୍ଥଗିତ ରଖିବା ପରେ ଭେମ୍ବୁ ଏହି ମତ ଦେଇଛନ୍ତି। ଗୁରୁବାର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ଭେମ୍ବୁ କହିଛନ୍ତି ଯେ, ଆମେରିକାର ପ୍ରଯୁକ୍ତି କ୍ଷେତ୍ରକୁ ସମୃଦ୍ଧ କରିବାରେ ଭାରତୀୟମାନଙ୍କର ବଡ଼ ଅବଦାନ ରହିଛି। କିନ୍ତୁ ଏବେ ଆମେରିକାର ଏକ ବଡ଼ ଅଂଶ ଆଉ ଭାରତୀୟଙ୍କୁ ଚାହୁନାହିଁ ବୋଲି ସେ ମତ ଦେଇଛନ୍ତି। ଭିସାରେ ଆମେରିକାରେ ରହି କାମ କରୁଥିବା ଭାରତୀୟମାନେ ବର୍ଷ ବର୍ଷର ପରିଶ୍ରମରେ ଗଢ଼ିଥିବା ଜୀବନ ଓ କ୍ୟାରିୟର ଛାଡ଼ି ଫେରିବାର କଷ୍ଟକର ପରିସ୍ଥିତିରେ ପଡ଼ିପାରନ୍ତି ବୋଲି ସେ କହିଛନ୍ତି। ଏହାକୁ ଭାରତରେ ଏକ ନୂଆ ଭବିଷ୍ୟତ ଗଢ଼ିବାର ସୁଯୋଗ ଭାବେ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଆମେରିକାର ଶ୍ରମ ବିଭାଗ ଗୁରୁବାର ଇନ୍‌ଫୋସିସ୍, ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍), ଉଇପ୍ରୋ, ଏଚ୍‌ସିଏଲ୍, କଗ୍ନିଜାଣ୍ଟ ଓ କ୍ୟାପ୍‌ଜେମିନି ସମେତ ମାଇକ୍ରୋସଫ୍ଟ ଓ ଆଡୋବ୍‌କୁ 'ପର୍ମ' (ସ୍ଥାୟୀ ଶ୍ରମ ପ୍ରମାଣନ କାର୍ଯ୍ୟକ୍ରମ) ପ୍ରକ୍ରିୟାରୁ ସ୍ଥଗିତ କରିଛି। ଏହା ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଆଧାରରେ ସ୍ଥାୟୀ ବାସିନ୍ଦା ହେବା ପାଇଁ ଗ୍ରିନ୍ କାର୍ଡ ଆବେଦନ ପ୍ରକ୍ରିୟାର ଏକ ମୁଖ୍ୟ ପଦକ୍ଷେପ। ଏହି କମ୍ପାନିଗୁଡ଼ିକ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବା ସମୟରେ ଆମେରିକୀୟ କର୍ମଚାରୀଙ୍କ ଚାକିରି ଓ ଦରମାକୁ କ୍ଷତି ପହଞ୍ଚାଇଥିବା ଅଭିଯୋଗର ତଦନ୍ତ ଚାଲିଥିବାରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ଆମେରିକା ପ୍ରଶାସନ କହିଛି। ତେବେ ଏହି କଟକଣା ଯୋଗୁଁ ପ୍ରଭାବିତ କମ୍ପାନିଗୁଡ଼ିକ ନୂଆ ପର୍ମ ଆବେଦନ କରିପାରିବେ ନାହିଁ ଏବଂ ପୂର୍ବରୁ ଦାଖଲ ହୋଇଥିବା ଆବେଦନଗୁଡ଼ିକର ପ୍ରକ୍ରିୟା ମଧ୍ୟ ଅଟକି ରହିବ।

# ଦୟାଭାବ ଯୋଗୁଁ ଦେଶରେ ଅପରାଧ ବଢୁଛି

# ମୃତ୍ୟୁଦଣ୍ଡ ହ୍ରାସକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ଉଦ୍‌ବେଗ



**ନୂଆଦିଲ୍ଲୀ, ୯/୧୦:** ମୃତ୍ୟୁଦଣ୍ଡକୁ ବାରମ୍ବାର ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରାଯିବା ଓ ଏହା ପରେ ଦୋଷୀଙ୍କ ଅକାଳ ମୁକ୍ତି ଦାବିକୁ ନେଇ ସୁପ୍ରିମ୍‌କୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅଦାଲତର ଅତ୍ୟଧିକ ଦୟାଭାବ ଯୋଗୁଁ ଦେଶରେ ଅପରାଧ ବଢୁଥିଛି ବୋଲି ବିଚାରପତି ଜଷ୍ଟିସ୍ ଦୀପଙ୍କର ଦତ୍ତ ମତ ଦେଇଛନ୍ତି। ଗୁରୁବାର ଏକ ଅକାଳ ମୁକ୍ତି ଆବେଦନର ଶୁଣାଣି ବେଳେ ସେ ଏହି ମୌଖିକ ମନ୍ତବ୍ୟ ଦେଇଥିଲେ। ଜଷ୍ଟିସ୍ ଦତ୍ତ ଓ ଜଷ୍ଟିସ୍ ଶୀଲ ନାଗୁଙ୍କ ଖଣ୍ଡପୀଠ ହରିୟାଣାର ସଞ୍ଜୀବ କୁମାର ନାମକ ଜଣେ ଦୋଷୀଙ୍କ ଆବେଦନର ଶୁଣାଣି କରୁଥିଲେ। ଏକାଧିକ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡ ପାଇଥିବା ସଞ୍ଜୀବଙ୍କ ଦଣ୍ଡ ପରେ ଆଜୀବନ କାରାଦଣ୍ଡକୁ ହ୍ରାସ କରାଯାଇଥିଲା। ଜେଲ୍‌ରେ ୨୦ ବର୍ଷ ବିତାଇବା ପରେ ସେ ହରିୟାଣା ସରକାରଙ୍କ ୨୦୦୨ ମସିହାର କ୍ଷମାଦାନ ନୀତି ଅନୁସାରେ ଅକାଳ ମୁକ୍ତି ଦାବି କରିଥିଲେ। ରାଜ୍ୟ ସରକାର ତାଙ୍କ ଆବେଦନ ଖାରଜ କରିଥିବାବେଳେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଡିସେମ୍ବର ୨୦୨୫ରେ ସେହି ନିଷ୍ପତ୍ତିକୁ ରଦ୍ଦ କରି ମାମଲାର ପୁନର୍ବିଚାର ପାଇଁ କହିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମ୍‌କୋର୍ଟରେ ଆବେଦନ ହୋଇଥିଲା। ଜଷ୍ଟିସ୍ ଦତ୍ତ କହିଥିଲେ, ପୂର୍ବରୁ ହତ୍ୟା ଭଳି ଅପରାଧରେ ମୃତ୍ୟୁଦଣ୍ଡ କେବଳ 'ବିରଳରୁ ବିରଳତମ' ମାମଲାରେ ଦିଆଯାଉଥିଲା। ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିବା ପରେ ପୁଣି ଅକାଳ ମୁକ୍ତି ଦାବି କରାଯିବାକୁ ନେଇ ମଧ୍ୟ ଖଣ୍ଡପୀଠ ଆପତ୍ତି ଉଠାଇଥିଲେ। ଏହାକୁ ବୁଝାଇବା ପାଇଁ ଜଷ୍ଟିସ୍ ଦତ୍ତ ଏକ ପୂର୍ବ ମାମଲାର ଉଦାହରଣ ଦେଇଥିଲେ। ଜଣେ ବ୍ୟକ୍ତି ନିଜ ବଡ଼ ଝିଅକୁ ଦୁଷ୍କର୍ମ କରି ହତ୍ୟା କରିଥିଲେ। ପତ୍ନୀଙ୍କ ସାକ୍ଷ୍ୟ ଆଧାରରେ ସେ ଆଜୀବନ କାରାଦଣ୍ଡ ପାଇଥିଲେ। ପରେ ପାରୋଲ୍‌ରେ ମୁକୁଳିବା ପରେ ସେ ନିଜ ପତ୍ନୀଙ୍କୁ ସାନ ଝିଅ ସମ୍ମୁଖରେ ହତ୍ୟା କରିଥିଲେ। ସାନ ଝିଅର ସାକ୍ଷ୍ୟ ଆଧାରରେ ତାଙ୍କୁ ମୃତ୍ୟୁଦଣ୍ଡ ମିଳିଥିଲା। କିନ୍ତୁ ପରେ ସୁପ୍ରିମ୍‌କୋର୍ଟ ସେହି ଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିଥିଲେ। ଏଭଳି ମାମଲାରେ ଦୟାଭାବର ସୀମା ରହିବା ଆବଶ୍ୟକ ବୋଲି ଜଷ୍ଟିସ୍ ଦତ୍ତ କହିଥିଲେ। ଖଣ୍ଡପୀଠ ସଞ୍ଜୀବ କୁମାରଙ୍କ ଅକାଳ ମୁକ୍ତି ମାମଲାରେ ରାଜ୍ୟ ସରକାରଙ୍କଠାରୁ ଅଧିକ ତଥ୍ୟ ମାଗିଛନ୍ତି।

# ପିନାରାୟି ବିଜୟନ୍‌ଙ୍କ ବିରୋଧରେ ଏତଲା ରୁଜୁ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ



**କୋଚି, ୯/୧୦:** କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍, ତାଙ୍କ ଝିଅ ଟି. ବୀଣା ଓ ଜ୍ୱାଇଁ ପି.ଏ. ମହମ୍ମଦ ରିୟାସଙ୍କ ବିରୋଧରେ କଥିତ ଲାଞ୍ଚ କାରବାର ମାମଲାରେ ଏତଲା ରୁଜୁ କରିବାକୁ କେରଳ ହାଇକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। କୋଚିନ୍ ମିନେରାଲ୍ସ ଆଣ୍ଡ୍ ରୁଟାଇଲ୍ ଲିମିଟେଡ୍ (ସିଏମ୍‌ଆରଏଲ୍) ଓ ବୀଣାଙ୍କ କମ୍ପାନି ଏକ୍ସାଲୋଜିକ୍ ସଲ୍ୟୁସନ୍ସ ମଧ୍ୟରେ ହୋଇଥିବା ଆର୍ଥିକ କାରବାର ସମ୍ପର୍କରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦେଇଥିବା ତଥ୍ୟ ଆଧାରରେ ଏହି ନିର୍ଦ୍ଦେଶ ଆସିଛି। ଜଷ୍ଟିସ୍ ଏ. ବଦରୁଦ୍ଦିନ୍ ଆବେଦନକାରୀ ଓକିଲ କେ.ଏମ୍. ସାଜାହାନ୍‌ଙ୍କ ଆବେଦନକୁ ମଞ୍ଜୁର କରି ଏତଲା ରୁଜୁ କରିବାକୁ କହିଛନ୍ତି। ଇଡି ଦେଇଥିବା ତଥ୍ୟ ଉପରେ ସିଧାସଳଖ ମାମଲା ରୁଜୁ କରିବା ପରିବର୍ତ୍ତେ ପ୍ରାଥମିକ ତଦନ୍ତ କରିବା ପାଇଁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତିକୁ ସାଜାହାନ୍ ଚ୍ୟାଲେଞ୍ଜ କରିଥିଲେ। ରାୟର ବିସ୍ତୃତ ବିବରଣୀ ଏଯାବତ୍ ପ୍ରକାଶ ପାଇନାହିଁ। ଇଡିର ଅଭିଯୋଗ ଅନୁସାରେ, ସିଏମ୍‌ଆରଏଲ୍ ବୀଣାଙ୍କ ପୂର୍ବରୁ ବନ୍ଦ ହୋଇଯାଇଥିବା କମ୍ପାନି ଏକ୍ସାଲୋଜିକ୍ ସଲ୍ୟୁସନ୍ସକୁ ସୂଚନା ପ୍ରଯୁକ୍ତି ପରାମର୍ଶ ସେବା ଦେବା ଆଳରେ ୨.୭୮ କୋଟି ଟଙ୍କା ଦେଇଥିଲା। ଏହି ଅର୍ଥ ପ୍ରଦାନ ପଛରେ ପ୍ରକୃତ ସେବା ବଦଳରେ ଅନୈତିକ ଆର୍ଥିକ କାରବାର ହୋଇଥିବା ଇଡି ସନ୍ଦେହ କରିଛି। ଏହାର ତଦନ୍ତ ସମୟରେ ମିଳିଥିବା ତଥ୍ୟକୁ ଆଧାର କରି ଇଡି କେରଳ ପୁଲିସକୁ ଦୁର୍ନୀତି ନିବାରଣ ଆଇନ ଅନୁସାରେ ମାମଲା ରୁଜୁ କରିବାକୁ କହିଥିଲା। ଏହି ଅଭିଯୋଗ ସମ୍ପର୍କରେ ଇଡି ରାଜ୍ୟ ପୁଲିସ ମୁଖ୍ୟଙ୍କୁ ତଥ୍ୟ ଦେବା ପରେ ରାଜ୍ୟ ସରକାର ଅପରାଧ ଶାଖାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରି ପ୍ରାଥମିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ବିରୋଧ କରି ସାଜାହାନ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତଥ୍ୟରେ ଦୁର୍ନୀତିର ସୂଚନା ଥିବାରୁ ପ୍ରଥମେ ଏତଲା ରୁଜୁ କରାଯିବା ଆବଶ୍ୟକ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ଶୁଣାଣି ସମୟରେ ଇଡି ମଧ୍ୟ ଏତଲା ରୁଜୁ ସପକ୍ଷରେ ମତ ଦେଇଥିଲା।

# ଏଲ୍‌ନିନୋ ଓ ଉତ୍ତପ୍ତ ସମୁଦ୍ର ୨୦୨୭ରେ ବଢ଼ାଇପାରେ ଜଳବାୟୁ ସଙ୍କଟ



ଜେନେଭା, ୯/୧୦: ୨୦୨୭ରେ ପୃଥିବୀର ଜଳବାୟୁ ଉପରେ ଏଲ୍‌ନିନୋ ଓ ସମୁଦ୍ରର ଅସ୍ୱାଭାବିକ ଉତ୍ତାପର ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ପ୍ରଶାନ୍ତ ମହାସାଗରରେ ଏଲ୍‌ନିନୋ ଶକ୍ତିଶାଳୀ ହେଉଥିବାବେଳେ ବିଶ୍ୱର ସମୁଦ୍ରଗୁଡ଼ିକର ତାପମାତ୍ରା ମଧ୍ୟ ରେକର୍ଡ ସ୍ତରରେ ରହିଛି। ଏହା ଫଳରେ ବିଭିନ୍ନ ଅଞ୍ଚଳରେ ଅତ୍ୟଧିକ ଗରମ, ମରୁଡ଼ି ଓ ପ୍ରବଳ ବର୍ଷା ଭଳି ପାଣିପାଗ ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ବୈଜ୍ଞାନିକମାନେ ସତର୍କ କରାଇଛନ୍ତି। ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍‌ଓ) ଗୁରୁବାର ଜାରି କରିଥିବା ଆକଳନ ଅନୁଯାୟୀ, ଏଲ୍‌ନିନୋ ଡିସେମ୍ବର ୨୦୨୬ ବେଳକୁ ଶିଖରରେ ପହଞ୍ଚିପାରେ। ଏହା ୨୦୨୭ ଫେବ୍ରୁଆରି ଯାଏ ଜାରି ରହିବାର ପ୍ରାୟ ୧୦୦ ପ୍ରତିଶତ ସମ୍ଭାବନା ରହିଛି। ଏହା ୧୯୫୦ ପରଠାରୁ ସବୁଠାରୁ ଶକ୍ତିଶାଳୀ ଏଲ୍‌ନିନୋ ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ ହୋଇପାରେ। ଅନ୍ୟପକ୍ଷରେ ଆମେରିକାର ଜାତୀୟ ସାମୁଦ୍ରିକ ଓ ବାୟୁମଣ୍ଡଳୀୟ ପ୍ରଶାସନ (ଏନ୍‌ଓଏଏ) ମଧ୍ୟ ୨୦୨୭ ମାର୍ଚ୍ଚ ଯାଏ ଏହା ଶକ୍ତିଶାଳୀ ରହିବାର ଅଧିକ ସମ୍ଭାବନା ଦର୍ଶାଇଛି। ସୂଚନାଯୋଗ୍ୟ, ପ୍ରଶାନ୍ତ ମହାସାଗରର ମଧ୍ୟଭାଗ ଓ ପୂର୍ବ ଭାଗରେ ଭୂମଧ୍ୟରେଖା ନିକଟସ୍ଥ ସମୁଦ୍ରଜଳ ଅସ୍ୱାଭାବିକ ଭାବେ ଉତ୍ତପ୍ତ ହେବାକୁ ଏଲ୍‌ନିନୋ କୁହାଯାଏ। ଏହା ସମୁଦ୍ର ଓ ବାୟୁମଣ୍ଡଳର ସ୍ୱାଭାବିକ ପ୍ରବାହକୁ ପ୍ରଭାବିତ କରି ବିଶ୍ୱର ବିଭିନ୍ନ ଅଞ୍ଚଳରେ ବର୍ଷା ଓ ତାପମାତ୍ରାର ଧାରା ବଦଳାଇଦିଏ। ଡବ୍ଲ୍ୟୁଏମ୍‌ଓର ଆକଳନ ଅନୁଯାୟୀ, ୨୦୨୬ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ପ୍ରଶାନ୍ତ ମହାସାଗରର ଏହି ଅଞ୍ଚଳର ସମୁଦ୍ରପୃଷ୍ଠ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩.୭ ଡିଗ୍ରି ସେଲ୍‌ସିୟସ୍ ଅଧିକ ହୋଇପାରେ। ଏହା ପୂର୍ବରୁ ରେକର୍ଡ ହୋଇଥିବା ତାପମାତ୍ରା ବୃଦ୍ଧିଠାରୁ ମଧ୍ୟ ଅଧିକ। ଜୀବାଶ୍ମ ଇନ୍ଧନ ଜାଳିବା ଓ ଜଙ୍ଗଲ ନଷ୍ଟ ହେବା ଯୋଗୁଁ ବାୟୁମଣ୍ଡଳରେ ବଢୁଥିବା ଗ୍ରିନ୍‌ହାଉସ୍ ଗ୍ୟାସ୍ ପୃଥିବୀର ଅତିରିକ୍ତ ଉତ୍ତାପକୁ ଅଟକାଇ ରଖୁଛି। ସମୁଦ୍ର ଏହି ଉତ୍ତାପର ବଡ଼ ଅଂଶ ଶୋଷଣ କରୁଥିବାରୁ ଏହାର ତାପମାତ୍ରା ବଢୁଛି। ଉତ୍ତପ୍ତ ବାୟୁ ଅଧିକ ଜଳୀୟବାଷ୍ପ ଧାରଣ କରିପାରୁଥିବାରୁ ଅନୁକୂଳ ପରିସ୍ଥିତିରେ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ମଧ୍ୟ ବଢ଼େ। ଭାରତରେ ଏଲ୍‌ନିନୋ ମୌସୁମୀ ବର୍ଷାକୁ ପ୍ରଭାବିତ କରିପାରେ। ତେବେ ଏହାର ପ୍ରଭାବ କେତେ ହେବ, ତାହା ଭାରତ ମହାସାଗରର ତାପମାତ୍ରା ଓ ଅନ୍ୟ ପାଣିପାଗ ପରିସ୍ଥିତି ଉପରେ ନିର୍ଭର କରିବ। ଡବ୍ଲ୍ୟୁଏମ୍‌ଓ ଅକ୍ଟୋବର-ଡିସେମ୍ବର ୨୦୨୬ ମଧ୍ୟରେ ଭାରତୀୟ ଉପମହାଦେଶର କେତେକ ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷାର ସମ୍ଭାବନା ଦର୍ଶାଇଛି। ଏହା ସତ୍ତ୍ୱେ ୨୦୨୭ରେ କେଉଁ ଅଞ୍ଚଳରେ କେତେ ବର୍ଷା ହେବ କିମ୍ବା କେଉଁଠି ଅତ୍ୟଧିକ ଗରମ ପଡ଼ିବ, ତାହା ଏବେଠାରୁ ନିଶ୍ଚିତ ଭାବେ କହିବା ସମ୍ଭବ ନୁହେଁ। ବୈଜ୍ଞାନିକମାନେ ସମୁଦ୍ର ସ୍ରୋତ ଓ ଉପଗ୍ରହ ତଥ୍ୟର ଅଧ୍ୟୟନ ମାଧ୍ୟମରେ ଜଳବାୟୁ ପୂର୍ବାନୁମାନକୁ ଅଧିକ ସଠିକ୍ କରିବାକୁ ଉଦ୍ୟମ କରୁଛନ୍ତି।

# ଅନୁମତି ବିନା ପ୍ରେସକ୍ରିପ୍ସନ ଔଷଧର ବିଜ୍ଞାପନ ମନା

ନୂଆଦିଲ୍ଲୀ, ୯/୧୦: ଡାକ୍ତରଙ୍କ ପରାମର୍ଶରେ ବା ପ୍ରେସ୍‌କ୍ରିପ୍‌ସନ୍ ମାଧ୍ୟମରେ ବିକ୍ରି ହେଉଥିବା ଔଷଧର ବିଜ୍ଞାପନ ପ୍ରଚାର ଆଉ ମନଇଚ୍ଛା କରାଯାଇପାରିବ ନାହିଁ। ଏଥିପାଇଁ ଆଗୁଆ ସରକାରଙ୍କ ଅନୁମତି ଦେବାକୁ ପଡ଼ିବ। ଏ ସମ୍ପର୍କିତ ନିୟମରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଂଶୋଧନ କରିଛନ୍ତି। ସିଡ୍ୟୁଲ୍ ଏଚ୍, ସିଡ୍ୟୁଲ୍ ଏଚ୍୧ ଓ ସିଡ୍ୟୁଲ ଏକ୍ସରେ ଥିବା ଔଷଧଗୁଡ଼ିକର ବିଜ୍ଞାପନ କରିବା ପୂର୍ବରୁ ସରକାରଙ୍କ ଅନୁମତି ନେବା ଲାଗି ଡ୍ରଗ୍ସ ନିୟମ ୧୯୪୫ରେ ସଂଶୋଧନ କରାଯାଇଛି। ଔଷଧର ବିକ୍ରି ଓ ବିତରଣ ପାଇଁ ଲାଇସେନ୍ସ ହାସଲ କରିଥିବା ସଂସ୍ଥା ଏହି ଅନୁମୋଦନ ହାସଲ କରିବେ। ଗତ ସେପ୍ଟେମ୍ବର ୨୮ରେ ଏହି ଆଇନର ଚିଠା ଜାରି କରାଯାଇଛି। ପୂର୍ବରୁ ପ୍ରଚଳନରେ ଥିବା ନିୟମ ଅନୁସାରେ କେବଳ ଔଷଧ ନିର୍ମାତାମାନଙ୍କୁ ବିନା ଅନୁମତିରେ ପ୍ରେସ୍‌କ୍ରିପ୍ସନ ଔଷଧର ବିଜ୍ଞାପନ କରିବାକୁ ବାରଣ କରାଯାଇଥିଲା। କିନ୍ତୁ ସଂଶୋଧିତ ନିୟମରେ ଖୁଚୁରା ଓ ପାଇକାରୀ ବିକ୍ରି ଓ ଔଷଧ ବିତରଣ ସହ ଜଡ଼ିତ ସଂସ୍ଥାଗୁଡ଼ିକୁ ମଧ୍ୟ ଏଥିପାଇଁ ବାରଣ କରାଯାଇଛି। ଔଷଧ ଯୋଗାଣ ଶୃଙ୍ଖଳ ଉପରେ ସରକାରୀ ନିରୀକ୍ଷଣକୁ ସୁଦୃଢ଼ କରିବା ଲାଗି ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିରେ ଆଣ୍ଟିବାୟୋଟିକ୍, ସାଇକୋଟ୍ରୋପିକ୍ ଓ ଅନ୍ୟାନ୍ୟ ପ୍ରେସ୍‌କ୍ରିପ୍ସନ ଆଧାରିତ ଔଷଧକୁ ସାମିଲ କରାଯାଇଛି। ଔଷଧ ବୈଷୟିକ ପରାମର୍ଶଦାତା ବୋର୍ଡ (ଡିଟିଏବି)ର ୯୩ତମ ବୈଠକରେ ଲାଇସେନ୍ସଧାରୀମାନଙ୍କ ଦ୍ୱାରା ଔଷଧର ବିକ୍ରି ଓ ବିତରଣ ଉପରେ ଉପଯୁକ୍ତ ନିୟନ୍ତ୍ରଣ ରଖିବାକୁ ଆଲୋଚନା ହୋଇଥିଲା। ସେହି ବୈଠକରେ ବିଜ୍ଞାପନ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହାପରେ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯାଇଛି ଓ ତାହା ଉପରେ ଜନ ସାଧାରଣଙ୍କ ମତାମତ ଆହ୍ୱାନ କରାଯାଇଛି। ସେଥିପାଇଁ ୩୦ ଦିନ ସମୟ ଦିଆଯାଇଛି। ଚୂଡ଼ାନ୍ତ ନିୟମ ପ୍ରସ୍ତୁତ ବେଳେ ସେହି ପ୍ରସ୍ତାବଗୁଡ଼ିକୁ ବିଚାରକୁ ନିଆଯିବ।

# ମସ୍କ ପୁଣି ହରାଇଲେ ଟ୍ରିଲିୟନେୟାର ମାନ୍ୟତା

**ନୂଆଦିଲ୍ଲୀ,** ୯/୧୦: ଟେସ୍‌ଲା ଓ ସ୍ପେସଏକ୍ସ ଭଳି କମ୍ପାନିର ମାଲିକ ଏଲନ୍ ମସ୍କ ମାସକ ମଧ୍ୟରେ ଦ୍ୱିତୀୟ ଥର ପାଇଁ ତାଙ୍କର ଟ୍ରିଲିୟନେୟାର ମାନ୍ୟତା ହରାଇଛନ୍ତି। ମସ୍କଙ୍କ ମାଲିକାନାରେ ଥିବା କମ୍ପାନିଗୁଡ଼ିକର ସେୟାର ମୂଲ୍ୟ ହ୍ରାସ ପାଇବା ଫଳରେ ତାଙ୍କର ସମ୍ପତ୍ତି ଦିନକରେ ୩୬.୪ ବିଲିଅନ ଡଲାର କମିଯାଇଛି। ଫୋର୍ବସ ତଥ୍ୟ ଅନୁଯାୟୀ ଅକ୍ଟୋବର ୮ ତାରିଖରେ ମସ୍କଙ୍କ ନିଟ୍‌ସମ୍ପତ୍ତି ୯୯୧.୬ ବିଲିଅନ ଡଲାରକୁ କମିଯାଇଛି। ଏନ୍‌ଭିଡିଆ ଚିପ୍‌ସକୁ କିଣିବା ପାଇଁ କମ୍ପାନି ୪୦ ବିଲିଅନ ଡଲାର ସଂଗ୍ରହ କରିବାକୁ ଯୋଜନା ଚଳାଇଥିବା ସଂକ୍ରାନ୍ତ ରିପୋର୍ଟ ଆସିବା ପରେ ନିବେଶକମାନଙ୍କ ଚିନ୍ତା ବଢ଼ିଯାଇଛି। ଫଳରେ ସ୍ପେସଏକ୍ସର ସେୟାରରେ ପ୍ରାୟ ୩.୫ ପ୍ରତିଶତ ହ୍ରାସ ଘଟିଛି। ସେହିଭଳି ଟେସ୍‌ଲାର ସେୟାର ମୂଲ୍ୟରେ ୨ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି। ଉଲ୍ଲେଖଯୋଗ୍ୟ, ସ୍ପେସଏକ୍ସ ପୁଞ୍ଜି ବଜାରରେ ପ୍ରବେଶ କରିବା ପରେ ଚଳିତବର୍ଷ ଜୁନ ମାସରେ ମସ୍କ ବିଶ୍ୱର ପ୍ରଥମ ଟ୍ରିଲିୟନେୟାର ପାଲଟିଥିଲେ। କିଛି ସମୟ ପାଇଁ ତାଙ୍କର ସମ୍ପତ୍ତି ୧.୪୫ ଟ୍ରିଲିଅନ ଡଲାର ଛୁଇଁଥିଲା।

## ଅଭିନେତା ନାନା ପାଟେକରଙ୍କ ମୃତ୍ୟୁର ତଦନ୍ତ ଆରମ୍ଭ

# ମରଶରୀରର ରାଷ୍ଟ୍ରୀୟ ସମ୍ମାନ ସହ ଅନ୍ତିମ ସଂସ୍କାର

ମୁମ୍ବାଇ, ୯।୧୦: ଚଳଚ୍ଚିତ୍ର ଅଭିନେତା ନାନା ପାଟେକରଙ୍କ ମୃତ୍ୟୁ ପରେ ଗୋଆର ପଣଜୀ ଥାନା ପୁଲିସ ଟିମ୍ ଶୁକ୍ରବାର ଅପ୍ରାକୃତିକ ମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ମାମଲାରେ ଗୋଆ ପୁଲିସ ନାନା ପାଟେକରଙ୍କ ନିକଟ ସମ୍ପର୍କୀୟଙ୍କ ବୟାନ ରେକର୍ଡ କରିବାକୁ ମଧ୍ୟ ପ୍ରସ୍ତୁତି ଚଳାଇଛି। ମାମଲାର ତଦନ୍ତ କରୁଥିବା ଜଣେ ପୁଲିସ ଅଧିକାରୀ ଶୁକ୍ରବାର କହିଛନ୍ତି ଯେ, ଅଭିନେତାଙ୍କ ମୃତ୍ୟୁ ପରେ ପଣଜୀ ଥାନାରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ର ଧାରା ୧୯୪ ଅନୁଯାୟୀ ଅପ୍ରାକୃତିକ ମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ କରିବା ପାଇଁ ତଦନ୍ତ ଚାଲିଛି। ଗୁରୁବାର ଭୋର ସମୟରେ ନିଜ ବାସଭବନରେ ଅଭିନେତାଙ୍କ ଦେହ ଖରାପ ହେବାଠାରୁ ଆରମ୍ଭ କରି ତାଙ୍କୁ ହସ୍ପିଟାଲ୍ ନିଆଯିବା ଏବଂ ସେଠାରେ ମୃତ ଘୋଷଣା କରାଯିବା ପର୍ଯ୍ୟନ୍ତ ସମସ୍ତ ଘଟଣାର ଯାଞ୍ଚ କରାଯିବ। ଗୋଆର ମଣିପାଲ ହସ୍ପିଟାଲ୍‌ର ଜଣେ ଡାକ୍ତର ପଣଜୀ ଥାନାକୁ ଫୋନ୍ କରି ଅଭିନେତା ନାନା ପାଟେକରଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇଥିଲେ। ସେତେବେଳେ ଡାକ୍ତର କହିଥିଲେ ଯେ, ଅଭିନେତାଙ୍କୁ ମୃତ ଅବସ୍ଥାରେ ହସ୍ପିଟାଲ୍‌କୁ ଅଣାଯାଇଥିଲା। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ କରିବା ପାଇଁ ପୁଲିସ ଘଟଣାସ୍ଥଳରେ ତଦନ୍ତ କରି ପଞ୍ଚନାମା ପ୍ରସ୍ତୁତ କରିବ। ଏଥିସହ ଗୋଆ ମେଡିକାଲ୍ କଲେଜରେ ଶବ ବ୍ୟବଚ୍ଛେଦ କରାଯିବ ଏବଂ ପରିବାର ସଦସ୍ୟଙ୍କ ସମେତ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବୟାନ ରେକର୍ଡ କରାଯିବ। ପୁଲିସ ବର୍ତ୍ତମାନ ମୃତ୍ୟୁର ପରିସ୍ଥିତି ଏବଂ କାରଣ ସମ୍ପର୍କରେ ବିସ୍ତୃତ ତଦନ୍ତ କରୁଛି। ଯଦି ତଦନ୍ତରୁ ମୃତ୍ୟୁ ସ୍ୱାଭାବିକ ବୋଲି ଜଣାପଡ଼େ, ତେବେ ନିୟମ ଅନୁଯାୟୀ ମାମଲା ବନ୍ଦ କରିଦିଆଯିବ। ତେବେ ତଦନ୍ତ ସମୟରେ କୌଣସି ଅନିୟମିତତା କିମ୍ବା ସନ୍ଦେହଜନକ ତଥ୍ୟ ସାମ୍ନାକୁ ଆସିଲେ, ସେହି ଅନୁଯାୟୀ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରକାଶ ଥାଉକି, ଗୁରୁବାର ଭୋର ସମୟରେ ନାନା ପାଟେକରଙ୍କୁ ହୃଦଘାତ ହୋଇଥିଲା ଏବଂ ଏହା ପରେ ସକାଳେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ପୁଣେର ଡୋଣଝେଠାରେ ତାଙ୍କ ମରଶରୀରର ରାଷ୍ଟ୍ରୀୟ ସମ୍ମାନ ସହ ଅନ୍ତିମ ସଂସ୍କାର କରାଯାଇଥିଲା।

# ଜ୍ଞାନେଶ କୁମାର ଇସ୍ତଫା ଦେବେ ନାହିଁ: ଗିରିରାଜ ସିଂହ

ସୁରଟ, ୯।୧୦: କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ଶୁକ୍ରବାର ଦିନ ତିନିଦିନିଆ ଗସ୍ତରେ ଗୁଜରାଟର ସୁରଟରେ ପହଂଚିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ପାଇଁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଦାବି ଉପରେ ସେ ଆକ୍ରମଣ କରିଥିଲେ। ରାହୁଲ ଗାନ୍ଧୀ ଦେଶରେ ଅରାଜକତା ସୃଷ୍ଟି କରିବାକୁ ଚାହୁଁଛନ୍ତି କି? ବୟନ ଶିଳ୍ପ ଗସ୍ତ ସମୟରେ ସେ ସର୍କିଟ ହାଉସରେ ଗଣମାଧ୍ୟମର ବିଭିନ୍ନ ପ୍ରଶ୍ନର ଉତର ଦେଉଥିଲେ। କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ସିଂ ରାହୁଲ ଗାନ୍ଧୀଙ୍କ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବଂ ବୟନ ଶିଳ୍ପ ଶ୍ରମିକଙ୍କ ସାପ୍ତାହିକ ଛୁଟି ଏବଂ ଦେଶର ଅର୍ଥନୀତି ସମେତ ତାଙ୍କର ରାଜନୈତିକ କାର୍ଯ୍ୟକଳାପ ବିଷୟରେ ଖୋଲାଖୋଲି ଭାବରେ କହିଥିଲେ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ପାଇଁ ରାହୁଲ ଗାନ୍ଧୀଙ୍କ ଦାବି ଉପରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଯଦି ରାହୁଲ ଗାନ୍ଧୀ ନିଜକୁ ଅଯୋଗ୍ୟ ବୋଲି ବିବେଚନା କରନ୍ତି, ତେବେ ସେ ଲୋକସଭାରୁ ଇସ୍ତଫା ଦେବା ଉଚିତ୍, କିନ୍ତୁ ଜ୍ଞାନେଶ କୁମାର ଇସ୍ତଫା ଦେବେ ନାହିଁ। ରାହୁଲଙ୍କ 'ଦିଲ୍ଲୀ ଚଲୋ' ଆହ୍ୱାନ ଏବଂ ବିରୋଧୀଙ୍କ ଆନ୍ଦୋଳନ ଉପରେ ପ୍ରତିକ୍ରିୟା ଦେଇ ସେ ଅଭିଯୋଗ କରିଛନ୍ତି ଯେ ରାହୁଲ ଗାନ୍ଧୀ ଦେଶରେ ବାଂଲାଦେଶ ଏବଂ ନେପାଳ ଭଳି ଅରାଜକତାର ବାତାବରଣ ସୃଷ୍ଟି କରିବାକୁ ଚାହୁଁଛନ୍ତି। ସୁରଟର ବୟନ ଶିଳ୍ପରେ ଶ୍ରମିକମାନଙ୍କୁ ସାପ୍ତାହିକ ଛୁଟି ନମିଳିବା, ଛୁଟି ମାଗିବା କାରଣରୁ ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯିବା ଏବଂ ୧୨ ଘଂଟା କାମ କରିବାକୁ ବାଧ୍ୟ କରାଯିବା ସହ ଜଡ଼ିତ ପ୍ରଶ୍ନ ମଧ୍ୟ ଏହି ଆଲୋଚନାରେ ଉଠାଯାଇଥିଲା। ଏହି ପ୍ରସଙ୍ଗରେ କେନ୍ଦ୍ର ମନ୍ତ୍ରୀ ସିଂ କହିଛନ୍ତି ଯେ ମିଲ୍ ମାଲିକ ଏବଂ ଶ୍ରମିକମାନେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ସେ କହିଥିଲେ ଯେ ମିଲ୍ ମାଲିକ ଏବଂ ଶ୍ରମିକଙ୍କ ମଧ୍ୟରେ ଥିବା ସମ୍ପର୍କକୁ ସେ ବିରୋଧ କରନ୍ତି ନାହିଁ ଏବଂ ଉଭୟ ପକ୍ଷ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଉଚିତ। ସେ ଏହା ମଧ୍ୟ କହିଛନ୍ତି ଯେ ସେମାନେ ଅଧିକ କଥାବାର୍ତ୍ତା କରିବେ ଏବଂ ତା'ପରେ ପ୍ରଶ୍ନର ଉତର ଦେବେ। ସାପ୍ତାହିକ ଛୁଟି, କାର୍ଯ୍ୟ ସମୟ ଏବଂ ଛଟେଇ ସମ୍ବନ୍ଧୀୟ ଅଭିଯୋଗ ଉପରେ ସେ କୌଣସି ଦୃଢ଼ ନିଷ୍ପତି କିମ୍ବା ସମୟସୀମା ଘୋଷଣା କରିନଥିଲେ।

## ଉତ୍ତରପ୍ରଦେଶ କ୍ୟାବିନେଟର୍ ନିଷ୍ପତ୍ତି

# ଜେୱର ବିମାନବନ୍ଦରର ହେବ ନରେନ୍ଦ୍ର ମୋଦୀ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ




ଲକ୍ଷ୍ନୌ, ୯।୧୦: ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଉତ୍ତରପ୍ରଦେଶ କ୍ୟାବିନେଟ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜେୱର ବିମାନବନ୍ଦରର ନାମ ପରିବର୍ତ୍ତନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜେୱର ବିମାନବନ୍ଦରର ନାମ ପରିବର୍ତ୍ତନ କରି ନରେନ୍ଦ୍ର ମୋଦୀ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ ରଖାଯାଇଛି। ଲୋକଭବନରେ ଆୟୋଜିତ କ୍ୟାବିନେଟ୍ ବୈଠକ ପରେ ମିଡିଆ ସେଣ୍ଟରରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମନ୍ତ୍ରିପରିଷଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସେବା କାର୍ଯ୍ୟକୁ ହୃଦୟରୁ ଅଭିନନ୍ଦନ ଜଣାଉଛି। ସେ ଉତ୍ତରପ୍ରଦେଶରୁ ଜନପ୍ରତିନିଧି ଭାବେ ନିର୍ବାଚିତ ହୋଇ ଦେଶର ନେତୃତ୍ୱ ନେଉଛନ୍ତି। କ୍ୟାବିନେଟ୍ ଜେୱର ବିମାନବନ୍ଦରର ନାମ ପରିବର୍ତ୍ତନ କରି ନରେନ୍ଦ୍ର ମୋଦୀ ଏୟାରପୋର୍ଟ ରଖିବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀ ଓ ଉତ୍ତରପ୍ରଦେଶ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ଆତ୍ମୀୟ। କାଶୀ ଓ ମା' ଗଙ୍ଗାଙ୍କଠାରୁ ଆରମ୍ଭ ହୋଇଥିବା ଏହି ଆତ୍ମୀୟ ସମ୍ପର୍କ ସମୟ ସହିତ ଆହୁରି ଗଭୀର ହୋଇଛି ଏବଂ ଆଜି ଏହା ରାଜ୍ୟର ସର୍ବାଙ୍ଗୀଣ ପରିବର୍ତ୍ତନର ଆଧାର ପାଲଟିଛି। କେନ୍ଦ୍ର ଓ ରାଜ୍ୟର ମିଳିତ ସଂକଳ୍ପ ଏବଂ 'ଟିମ୍ ଇଣ୍ଡିଆ' ଭାବନା ସହିତ ଉତ୍ତରପ୍ରଦେଶ ଅଭୂତପୂର୍ବ ପ୍ରଗତି ପଥରେ ଆଗକୁ ବଢୁଛି। କ୍ୟାବିନେଟ୍ ବୈଠକରେ ଉତ୍ତରପ୍ରଦେଶର ଶିଳ୍ପ ବିକାଶ ପ୍ରାଧିକରଣଗୁଡ଼ିକ ପାଇଁ ମଡେଲ୍ ବିଲ୍ଡିଂ ନିୟମାବଳୀ, ୨୦୨୬ କାର୍ଯ୍ୟକାରୀ କରିବା ସମ୍ପର୍କିତ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି। ଏହା ବ୍ୟତୀତ ଖରିଫ ବିପଣନ ବର୍ଷ ୨୦୨୬-୨୭ରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସପି) ଯୋଜନା ଅଧୀନରେ ଧାନ କ୍ରୟ ନୀତି ନିର୍ଦ୍ଧାରଣ, ଉତ୍ତରପ୍ରଦେଶ ଷ୍ଟାର୍ଟଅପ୍ କ୍ରୟ ଯୋଜନା-୨୦୨୬, ଉତ୍ତରପ୍ରଦେଶ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ମିଶନ୍ ପ୍ରତିଷ୍ଠା ଏବଂ ଭଦୋହି ଜିଲ୍ଲାର ନାମ ପରିବର୍ତ୍ତନ କରି 'ସନ୍ଥ ରବିଦାସନଗର ଭଦୋହି' ରଖିବା ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥିସହ 'ଉତ୍ତରପ୍ରଦେଶ ସୁଧ ଛାଡ଼ ଯୋଜନା-୨୦୨୬' ଲାଗୁ କରିବା ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି।

## ଗୁଜରାଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ୭ ମୃତ

ଗୁଜରାଟ, ୯/୧୦: ଗୁଜରାଟର କଚ୍ଛ ଜିଲ୍ଲାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅତି କମ୍‌ରେ ୭ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି ଏବଂ ଅନ୍ୟ ୨୦ ଜଣ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଖାବଡ଼ାରେ ଏକ ଅକ୍ଷୟଶକ୍ତି (ଆରଇ) ପାର୍କ ଭିତରେ ଆଜି ଏହି ଦୁର୍ଘଟଣା ହୋଇଛି। ପାର୍କ ଭିତରେ ଶ୍ରମିକମାନଙ୍କୁ ନେଉଥିବା ଏକ ବୋଲେରୋ ଅନ୍ୟ ଏକ ଗାଡ଼ି ସହ ଧକ୍କା ହୋଇଥିଲା। ଧକ୍କାର ପ୍ରଭାବ ଏତେ ଅଧିକ ଥିଲା ଯେ ବୋଲେରୋ ସମ୍ପୂର୍ଣ୍ଣ ଚେପା ହୋଇଯିବା ସହ ଏହା ଭିତରେ ଥିବା ଶ୍ରମିକମାନେ ମଧ୍ୟ ଚାପି ହୋଇଯାଇଥିଲେ। ପ୍ରାଥମିକ ସୂଚନା ଅନୁଯାୟୀ, ୭ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା ଏବଂ ଅନ୍ୟ ୨୦ ଜଣ ଆହତ ଏବେ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି।

## 'ଡିଜିଟାଲ୍ ସ୍ୱାସ୍ଥ୍ୟ ସମ୍ବଳ ଦ୍ୱାରା ଭାରତର ଗବେଷଣା ସଂସ୍କୃତି ହେବ ଅଧିକ ସୁଦୃଢ଼'

ନୂଆଦିଲ୍ଲୀ, ୯।୧୦: କେନ୍ଦ୍ରୀୟ ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲିଳା ଶ୍ରୀବାସ୍ତବ କହିଛନ୍ତି ଯେ, ଭାରତରେ ଗବେଷଣା ସଂସ୍କୃତିର ବିକାଶ ଏବଂ ଚିକିତ୍ସା ଶିକ୍ଷାକୁ ସୁଦୃଢ଼ କରିବାରେ ଡିଜିଟାଲ୍ ସ୍ୱାସ୍ଥ୍ୟ ସମ୍ବଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଦେଶରେ ନିଜସ୍ୱ ଗବେଷଣା କ୍ଷମତା ବିକଶିତ କରିବା ପାଇଁ ଗବେଷଣା ପ୍ରତି ବୈଜ୍ଞାନିକ ଦୃଷ୍ଟିକୋଣ ଏବଂ ମୌଳିକ ଗବେଷଣାକୁ ପ୍ରୋତ୍ସାହିତ କରିବା ଜରୁରୀ। ସେ କହିଛନ୍ତି ଯେ, ଜାତୀୟ ଚିକିତ୍ସା ପାଠାଗାର (ଏନ୍‌ଏମ୍‌ଏଲ୍)ର ନେଟୱର୍କ ଏବେ ୯୩ଟି ମେଡିକାଲ୍ କଲେଜ ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି। ଏବେ ଏହାକୁ ଦେଶର ସମସ୍ତ ମେଡିକାଲ୍ କଲେଜ ପର୍ଯ୍ୟନ୍ତ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ, ବିଶେଷକରି ଯେଉଁ ଅଞ୍ଚଳରେ ସମ୍ବଳର ଅଭାବ ରହିଛି। ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ଜାତୀୟ ଚିକିତ୍ସା ପାଠାଗାରରେ ଆୟୋଜିତ ଇଆରଏମ୍‌ଇଡି କନସର୍ଟିୟମ ପଞ୍ଚମ ଏକଦିବସୀୟ ଜାତୀୟ ପ୍ରଶିକ୍ଷଣ-ସହ-ସମ୍ମିଳନୀରେ ଉଦବୋଧନ ଦେଇ ଶ୍ରୀବାସ୍ତବ ଏହା କହିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ ଅଧୀନରେ ଆୟୋଜିତ ଏହି ସମ୍ମିଳନୀର ବିଷୟବସ୍ତୁ ଥିଲା 'ଡିଜିଟାଲ୍ ସ୍ୱାସ୍ଥ୍ୟ ସମ୍ବଳ: ପାଠାଗାର ମାଧ୍ୟମରେ ପ୍ରବେଶାଧିକାରର ପୁନଃ ପରିଭାଷା ନିର୍ଦ୍ଧାରଣ'।

# ନିର୍ମାଣସୌଧରେ ଚାକିରି ନାଁରେ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ନିର୍ମାଣ ସୌଧରେ ଜୁନିଅର କ୍ଲର୍କ ଭାବେ ସରକାରୀ ଚାକିରି କରାଇଦେବା ନାଁରେ ପ୍ରଲୋଭିତ କରି ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗରେ କ୍ୟାପିଟାଲ୍ ଥାନା ପୋଲିସ ଜଣେ ପ୍ରତାରକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବିକାଶ ବେହେରା। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ବିକାଶ କୁମାର ବେହେରାର ସ୍ୱର୍ଗତ ପିତା ବିଜୟ କୁମାର ବେହେରା ନିର୍ମାଣ ସୌଧର ଜଣେ କର୍ମଚାରୀ ଥିବାରୁ ଅଭିଯୁକ୍ତ ସେହି କାର୍ଯ୍ୟାଳୟ ଏବଂ କର୍ମଚାରୀଙ୍କ ସମ୍ପର୍କରେ ଭଲ ଭାବରେ ଅବଗତ ଥିଲା। ନିଜ ପିତାଙ୍କ ପରଲୋକ ପରେ ଅଭିଯୁକ୍ତ ଏହାର ଫାଇଦା ଉଠାଇ ଅଭିଯୋଗକାରୀ ଜେ.ଏମ୍.ଏସ୍ ବିପ୍ଳବ ଏବଂ ତାଙ୍କ ସାଙ୍ଗ ଜି. କ୍ଷେତ୍ର ମୋହନଙ୍କୁ ସରକାରୀ ଚାକିରି କରାଇଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏହି ବାବଦରେ ପ୍ରୋସେସିଂ ଫି' ଆଳରେ ୟୁପିଆଇ ମାଧ୍ୟମରେ ୫,୦୦୦/- ଟଙ୍କା ଏବଂ ନିର୍ମାଣ ସୌଧ ନିକଟରେ ଉଭୟଙ୍କ ଠାରୁ ନଗଦ ୫୦,୦୦୦/- ଲେଖାଏଁ ମୋଟ ୧,୦୦,୦୦୦/- ଟଙ୍କା ହାତେଇଥିଲା। ଟଙ୍କା ନେବା ପରେ ଅଭିଯୁକ୍ତ ବାରମ୍ବାର ମିଥ୍ୟା ଆଶ୍ୱାସନା ଦେଇ ଠକି ଚାଲିଥିଲା ଏବଂ ଚାକିରି ଦେଇପାରିନଥିଲା। ଅଭିଯୋଗକାରୀ ଟଙ୍କା ଫେରସ୍ତ ମାଗିବାରୁ ଅଭିଯୁକ୍ତ ଧରାଛୁଆଁ ନଦେଇ ମୋବାଇଲ୍ ସୁଇଚ୍ ଅଫ୍ କରିବା ସହ ଟଙ୍କା ଫେରାଇବାକୁ ରୋକଠୋକ୍ ମନା କରିଥିଲା। କ୍ୟାପିଟାଲ୍ ପୋଲିସ ଘଟଣାର ତଦନ୍ତ କରି ବ୍ୟାଙ୍କ ଟ୍ରାଞ୍ଜାକସନ୍ ତଥା ଡିଜିଟାଲ୍ ପ୍ରମାଣ ସଂଗ୍ରହ କରିଥିଲା। ଆଜି ତା ୦୯.୧୦.୨୦୨୬ ପୂର୍ବାହ୍ନରେ ଅଭିଯୁକ୍ତ ବିକାଶ କୁମାର ବେହେରାକୁ କାବୁ କରାଯାଇଥିଲା। ଅଭିଯୁକ୍ତର ସ୍ୱୀକାରୋକ୍ତି ଆଧାରରେ ଆଜି ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଜମି ଜାଲିଆତି ମାମଲା, ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର(ନି.ପ୍ର): ଜଟଣୀସ୍ଥିତ ମାନ୍ୟବର ଜେଏମଏଫସି ଶ୍ରୀ ଦେବେନ୍ଦ୍ର ନାଥ ବାଘଙ୍କ ଅଦାଲତ ଆଜି ଇନଫୋସିଟି ଥାନା ଅଞ୍ଚଳରେ ହୋଇଥିବା ଏକ ଜମି ଜାଲିଆତି ମାମଲାର ବିଚାର କରି ଅଭିଯୁକ୍ତ ବଳରାମ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଘଟଣାର ବିବରଣୀ; ଅଭିଯୁକ୍ତ ବଳରାମ ବେହେରା ଅଭିଯୋଗକାରୀ ପ୍ରସନ୍ନ କୁମାର ସାମଲଙ୍କୁ ଏକ ଜମି ପ୍ଲଟ୍ ବିକ୍ରି କରିବା ନେଇ ପ୍ରଲୋଭନ ଦେଖାଇଥିଲା। ଜମି ଦେବା ବାହାନାରେ ସେ ଅଭିଯୋଗକାରୀଙ୍କ ଠାରୁ ବ୍ୟାଙ୍କ ଚେକ୍ ମାଧ୍ୟମରେ ମୋଟ ୯ ଲକ୍ଷ ଟଙ୍କା (ଆଡଭାନ୍ସ ବାବଦକୁ ୬ ଲକ୍ଷ ଏବଂ ରେଜିଷ୍ଟ୍ରେସନ୍ ପାଇଁ ପର୍ଯ୍ୟାୟକ୍ରମେ ୨ ଲକ୍ଷ ଓ ୧ଲକ୍ଷ) ନେଇଥିଲା। ଟଙ୍କା ନେବା ପରେ ଅଭିଯୁକ୍ତ ଜଣକ ଜମି ରେଜିଷ୍ଟ୍ରେସନ୍ କରିନଥିଲା କିମ୍ବା ଟଙ୍କା ଫେରସ୍ତ କରିନଥିଲା। ଅଭିଯୋଗକାରୀ ନିଜ ଟଙ୍କା ଫେରସ୍ତ ମାଗିବାରୁ, ଅଭିଯୁକ୍ତ ତାଙ୍କୁ ଏବଂ ତାଙ୍କ ପତ୍ନୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏନେଇ ଗତ ୨୩.୧୨.୨୦୨୫ ରିଖରେ ଇନଫୋସିଟି ଥାନାରେ ଏତଲା ଦିଆଯାଇଥିଲା। ଇନଫୋସିଟି ଥାନାର ଏଏସଆଇ ସୀତା ପ୍ରଧାନ ଏହି ମାମଲାର ତଦନ୍ତ କରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ମାମଲାର ବିଚାର ସମୟରେ ସରକାରୀ ଓକିଲ ଶ୍ରୀମତୀ ଜ୍ୟୋତିସ୍ମିତା ମଲ୍ଲିକ୍ ବଳିଷ୍ଠ ପ୍ରମାଣ ଉପସ୍ଥାପନ କରିଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଅନୁଧ୍ୟାନ କରି ମାନ୍ୟବର ଅଦାଲତ ଆଜି ଅଭିଯୁକ୍ତ ବଳରାମ ବେହେରାଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪) ଆଧାରରେ ଦୋଷୀ ସାବ୍ୟସ୍ତ କରି ୨ ବର୍ଷର ସାଧାରଣ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ସୂଚନା ଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ମିଳିଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷରେ ଏହା ହେଉଛି ୧୧୬ତମ ମାମଲା।

## ଦେଶୀ ମଦ ଜବତ: ୪ ଗିରଫ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ବିଭିନ୍ନ ସ୍ଥାନରୁ ୧୦୪ ଲିଟର ଦେଶୀ ମଦ ଜବତ କରିବା ସହିତ ୪ ଜଣଙ୍କୁ ଗିରଫ କରାଯାଇଛି। ଜଳେଶ୍ୱର ଅବକାରୀ ଥାନାର ଓଆଇସି ଭବେଶ ଚନ୍ଦ୍ର ନାୟକ, ଏଏସଆଇ ତପସ୍ୱିନୀ ବଇଠା ଓ କନେଷ୍ଟବଳ ମିଥୁନ ମୁର୍ମୁ ପ୍ରମୁଖ ଅଚାନକ ଚଢ଼ାଉ କରି ବାଣିଦା ଗ୍ରାମର ଡାହୁକ ଟୁଡୁ, ଧାନସିମୁଳିଆ ଗ୍ରାମର କମଳା ମାଝୀ, ନୂଆବଜାର ଅଞ୍ଚଳର ଭୀମ ମୁର୍ମୁ ଓ ବାଘାବାଲି ଅଞ୍ଚଳର ଉମାକାନ୍ତ ଜେନାଙ୍କୁ ଗିରଫ କରି ୧୬୧, ୧୬୨, ୧୬୩,ଓ ୧୬୪ ମୂଳେ ପୃଥକ ପୃଥକ ମାମଲା ରୁଜୁକରି କୋର୍ଟକୁ ପଠାଇଛନ୍ତି।




# ନାବାଳିକାଙ୍କୁ ଯୌନ ନିର୍ଯାତନା: ଜଣେ ଗିରଫ



କାକଟପୁର(ନିପ୍ର): ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ଖଣ୍ଡସାହି ଗ୍ରାମରେ ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ଅଭିଯୋଗରେ ପୋଲିସ ଜଣେ ୫୮ ବର୍ଷୀୟ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଖଣ୍ଡସାହି ଗ୍ରାମର ସନାତନ ଦାସଙ୍କ ପୁଅ ଜଗତ ଓରଫ ଜଗବନ୍ଧୁ ଦାସ (୫୮)। ଘଟଣାରୁ ପ୍ରକାଶ ଯେ, ଗତକାଲି ଦିନ ପ୍ରାୟ ଗୋଟାଏ ସମୟରେ ଅଭିଯୁକ୍ତ ଜଗବନ୍ଧୁ ଦାସ ଗ୍ରାମର ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ବଳପୂର୍ବକ ନିଜ ଗୁହାଳକୁ ଟାଣି ନେଇ ଯୌନ ନିର୍ଯାତନା ଦେଇଥିଲେ। ପୂର୍ବରୁ ମଧ୍ୟ ସେ ଦୁଇଥର ଉକ୍ତ ନାବାଳିକାଙ୍କ ସହ ଏପରି ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର ସନ୍ଧ୍ୟା ୭ଟାରେ ପୀଡ଼ିତାଙ୍କ ପକ୍ଷରୁ କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ କାକଟପୁର ଥାନାରେ କେସ୍ ନଂ- ୩୬୩/ ୨୦୨୬, ବିଏନଏସ ୨୦୨୩ ର ଦଫା ୬୪(୨)(ଏମ ) ଏବଂ ପୋକସ ଆକ୍ଟ ସେକ୍ସନ ୬ ଅଧୀନରେ ଏକ ମାମଲା ରୁଜୁ କରାଯାଇଥିଲା। ମାମଲାର ତଦନ୍ତକାରୀ ଅଫିସର ଏସ.ଆଇ. ପ୍ରିୟଦର୍ଶିନୀ ବରାଳ ଅଭିଯୁକ୍ତ ଜଗବନ୍ଧୁ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ନିମାପଡା ଜେଲ ହାଜତକୁ ପଠାଇ ଘଟଣାର ଅଧିକ ତଦନ୍ତ ଚାଲୁ ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ବାର୍‌ହା ଆକ୍ରମଣ ଜଣେ ଗୁରୁତର ଆହତ



କୃଷ୍ଣପ୍ରସାଦ(ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ରାମଲେଙ୍କା ଗ୍ରାମ ପଞ୍ଚାୟତ ରାମଲେଙ୍କା ଗ୍ରାମର ଅଜୟ କୁମାର ବିଶ୍ୱାଳଙ୍କୁ ବାରହା ଆକ୍ରମଣ କରିଛି। ଅଜୟ କହିବା ଅନୁଯାୟୀ ସକାଳ ସାତଟା ସମୟରେ ସେ ପିଇବା ପାଣି ମଟର ଚଳାଇବା ପାଇଁ ପମ୍ପ ହାଉସ ଯାଇଥିଲେ। ମଟର ଚଳାଇ ନିଜ ଜମିରେ ପିଡ଼ିଆ ପକାଉଥିବା ବେଳେ ଦୁଇଟି ପିଲା ଏବଂ ଗୋଟିଏ ମାଆ ବାରହା ଅଜୟଙ୍କୁ ଗୋଡ଼ାଇଥିଲେ। ସେ କିଛି ବାଟ ଯିବା ପରେ ତଳେ ପଡିଯାଇଥିଲେ। ବାରହାଟି ଗୋଡ଼ର ଆଣ୍ଠୁ, କାନ୍ଧରୁ ପୁଳାଏ ପୁଳାଏ ମାଂସ ନେଇ ଯାଇଛନ୍ତି। ସେ ନିକଟ ଗଞ୍ଜାମର ଛତ୍ରପୁର ସରକାରୀ ଡାକ୍ତରଖାନାରେ ଚିକିତ୍ସା ହେଉଛନ୍ତି। ଏ ନେଇ ରାମଲେଙ୍କା ସରପଞ୍ଚ ପ୍ରତିନିଧି ଅଞ୍ଚଳ ବିଶ୍ୱାଳ ବନ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଗୋଚର କରିଛନ୍ତି । କିଛି ମାସ ପୂର୍ବରୁ ସାତପଡ଼ାଠାରେ ଜଣେ ମହିଳାଙ୍କ ଜୀବନ ନେଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇ ଏଯାଏଁ ଚିକିତ୍ସା ହେଉଛନ୍ତି। ବାରହାଙ୍କ ସଂଖ୍ୟା ଏଭଳି ବୃଦ୍ଧି ପାଇଛି ଯେ ଚାଷୀଙ୍କ ଧାନ, ଚିନାବାଦାମ ଫସଲ ସମ୍ପୂର୍ଣ୍ଣ ନଷ୍ଟ କରୁଛନ୍ତି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ୧୧୦ ଗ୍ରାମ ବ୍ରାଉନ ସୁଗାର ଜବତ: ଜଣେ ଗିରଫ

କଟକ(ନିପ୍ର): ଅବକାରୀ ବିଭାଗ ପକ୍ଷରୁ କଟକ ଜଗତପୁର ଗୋଲେଇ ଛକ ନିକଟରୁ ବ୍ରାଉନ ସୁଗାର ଜବତ କରାଯାଇଛି । ଚୌଦ୍ୱାର ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ଜଗତପୁର ଗୋଲେଇ ଛକ ନିକଟରେ ଚଢ଼ଉ କରାଯାଇ ୧୧୦ଗ୍ରାମ ବ୍ରାଉନ ସୁଗାର ଜବତ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡା ମଙ୍ଗଳାସାହିର ଅଭିମନ୍ୟୁ ନାୟକ (୪୦) । ଜବତ ହୋଇଥିବା ବ୍ରାଉନ ସୁଗାରର ମୂଲ୍ୟ ୧୧ଲକ୍ଷ ଟଙ୍କା ବୋଲି କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । କଟକ ଗ୍ରାମାଞ୍ଚଳ ଅବକାରୀ ନିରୀକ୍ଷକ ନବସ୍ମିତା ନାୟକଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିବା ବେଳେ ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ ଏବଂ ଉପ-ଅବକାରୀ ଅଧିକ୍ଷକ ଅରୂପା ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଭିଯାନଟି ପରିଚାଳିତ ହୋଇଥିଲା ।

# ବେଲଗୁଣ୍ଠାରେ ବେଆଇନ ବନ୍ଧୁକ ଜବତ: ଜଣେ ଗିରଫ



ବେଲଗୁଣ୍ଠା(ନିପ୍ର): ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ପୁଲିସ ଗୁଡ଼ିପଲ୍ଲୀ ଗ୍ରାମ ନିକଟରେ ଚଢ଼ାଉ କରି ଦୁଇଟି ଦେଶୀ ବନ୍ଧୁକ ସମେତ ଗୁଳି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ତନରଡ଼ା ଗ୍ରାମ ରୋଡ଼ ସାହିର ରାଜେଶ କୁମାର ବେହେରା। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଶୁକ୍ରବାର ଦିନ ବେଲଗୁଣ୍ଠା ଥାନାର ଏସ୍‌ଆଇ ସୁକାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ତନରଡ଼ା, ନୂଆଗାଁ ଓ ଧୁମଛାଇ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ରାଜେଶ କୁମାର ବେହେରା ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ଏହାପରେ ପୁଲିସ ଗୁଡ଼ିପଲ୍ଲୀ ଗ୍ରାମ ନିକଟସ୍ଥ ଏକ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଅଭିଯୁକ୍ତ ଦେଶୀନଳୀ ବନ୍ଧୁକ ସଫା କରୁଥିବା ବେଳେ ପୁଲିସ ତାଙ୍କୁ କାବୁ କରିଥିଲା। ତଲାସି ବେଳେ ଆଉ ଗୋଟିଏ ଦେଶୀ ପିସ୍ତଲ, ୧୧ଟି ଛୁରା ଓ ଗୋଟିଏ ରାମ୍‌ରଡ୍ ଜବତ କରାଯାଇଥିଲା। ଅସ୍ତ୍ରଶସ୍ତ୍ର ରଖିବା ସମ୍ପର୍କରେ ସେ କୌଣସି ବୈଧ ଲାଇସେନ୍ସ ଦେଖାଇପାରି ନଥିବା ପୁଲିସ କହିଛି। ଅଭିଯୁକ୍ତ ବନ୍ୟଜନ୍ତୁ ଶିକାର କରିବା ସହ ମାଂସ, ଶିଙ୍ଗ ଓ ଚମଡ଼ାର ବେଆଇନ ବ୍ୟବସାୟରେ ସମ୍ପୃକ୍ତ ଥିବା ପୁଲିସ ନିକଟରେ ସ୍ୱୀକାର କରିଥିବା ଏତଲାରେ ଉଲ୍ଲେଖ ରହିଛି। ଏହି ଘଟଣାରେ ବେଲଗୁଣ୍ଠା ଥାନାରେ କେସ୍ ନଂ ୫୫୯/୨୦୨୬, ଅସ୍ତ୍ର ଆଇନର ଧାରା ୨୫(୧-ବି)(ଏ) ଅନୁଯାୟୀ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଭଞ୍ଜନଗର ଏସ୍‌ଡିଜେଏମ୍ ଅଦାଲତକୁ ଚାଲାଣ କରାଯାଇଛି। ଏସ୍‌ଆଇ ସବ୍ୟସାଚୀ ପରିଡ଼ା ଘଟଣାର ତଦନ୍ତ କରୁଛନ୍ତି।

# ବାଇକ ଲୁଟେରାକୁ କାବୁ କଲା ପୁଲିସ

ଭୁବନେଶ୍ୱର(ନି.ପ୍ର): କମ୍ପାନୀ ପରିସରରୁ ସିସିଟିଭି ତାର କାଟି ବାଇକ୍ ଚୋରି କରିଥିବା ଜଣେ ପେସାଦାର ଚୋରକୁ ତମାଣ୍ଡୋ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଶ୍ରୀଧର ପ୍ରହରାଜ। ପୁଲିସ ତା' ନିକଟରୁ ଚୋରି ହୋଇଥିବା ହିରୋ ଏକ୍ସଟ୍ରିମ୍ ବାଇକ୍ ସମେତ ଅନ୍ୟ ଦୁଇଟି ଚୋରା ବାଇକ୍ ଉଦ୍ଧାର କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ପିଣ୍ଟୁ ରାଉଳ ଭଗବାନପୁର ସ୍ଥିତ 'ପୂଜା ଇଣ୍ଡଷ୍ଟ୍ରି'ରେ କାମ କରିବା ସହ ସେଠାରେ ରୁହନ୍ତି। ଗତ ୦୭.୧୦.୨୦୨୬ ତାରିଖ ରାତିରେ ସେ ନିଜର ହିରୋ ଏକ୍ସଟ୍ରିମ୍ ବାଇକ୍ କମ୍ପାନୀ ପରିସରରେ ପାର୍କିଂ କରିଥିଲେ। ପରଦିନ ସକାଳେ ବାଇକ୍ ନଥିବା ଦେଖି ଖୋଜାଖୋଜି କରିଥିଲେ। କମ୍ପାନୀର ସିସିଟିଭି ତାର କଟାଯାଇଥିବା ଏବଂ ନୂତନ ଭାବେ ଯୋଗ ଦେଇଥିବା କର୍ମଚାରୀ ଶ୍ରୀଧର ପ୍ରହରାଜ ବାଇକ୍ ସହ ଫେରାର ଥିବାରୁ ତାଙ୍କ ଉପରେ ସନ୍ଦେହ କରି ଅଭିଯୋଗକାରୀ ତମାଣ୍ଡୋ ଥାନାରେ ଏତଲା ଦେଇଥିଲେ। ତମାଣ୍ଡୋ ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରି ଆଜି ତା ୦୯.୧୦.୨୦୨୬ ସକାଳେ ଗୋପନୀୟ ସୂତ୍ରରୁ ଖବର ପାଇ ଭଗବାନପୁର ଆମ ବସ୍ ଡିପୋ ପଛପଟେ ଚଢ଼ାଉ କରିଥିଲା। ସେଠାରେ ଚୋରି ହୋଇଥିବା ହିରୋ ଏକ୍ସଟ୍ରିମ୍ ବାଇକ୍ ସହ ଅଭିଯୁକ୍ତ ଶ୍ରୀଧର ପ୍ରହରାଜକୁ କାବୁ କରାଯାଇଥିଲା। ଗାଡ଼ିର କୌଣସି କାଗଜପତ୍ର ଦେଖାଇ ନପାରିବାରୁ ପୋଲିସ ତାକୁ ଅଟକ ରଖି ପଚରାଉଚରା କରିଥିଲା। ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିବା ସହ ତା'ର ସୂଚନା ଆଧାରରେ ପୂଜା ଇଣ୍ଡଷ୍ଟ୍ରି ପରିସରରେ ଲୁଚାଇ ରଖାଯାଇଥିବା ଅନ୍ୟ ଦୁଇଟି ବାଇକ୍‌କୁ ପୋଲିସ ଉଦ୍ଧାର କରି ଜବତ କରିଛି।

# କୁଖ୍ୟାତ ଚେନ ଲୁଟେରା ଧରାପଡିଲା

ଭୁବନେଶ୍ୱର(ନି.ପ୍ର): ରାଜଧାନୀର ବିଭିନ୍ନ ସ୍ଥାନରେ ସୁନା ଚେନ୍ ଓ ମଙ୍ଗଳସୂତ୍ର ଲୁଟ୍ କରୁଥିବା ଜଣେ କୁଖ୍ୟାତ ଲୁଟେରାକୁ ଖଣ୍ଡଗିରି ପୋଲିସ କାବୁ କରିଛି। ଗିରଫ ଅଭିଯୁକ୍ତ ଜଣକ କାଳିଆ ଓରଫ ଲଲାଟ ପଣ୍ଡିତ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୦୫.୧୦.୨୦୨୬ ତାରିଖ ରାତି ପ୍ରାୟ ୮.୪୫ ମିନିଟରେ ଛତାବରର ପ୍ରକାଶ ମହାରଣାଙ୍କ ପତ୍ନୀଙ୍କ ୩ ଗ୍ରାମର ସୁନା ମଙ୍ଗଳସୂତ୍ରକୁ ଜଣେ ବାଇକ୍ ଆରୋହୀ ଲୁଟ୍ କରି ଫେରାର ହେଉଥିଲା। ଅଭିଯୋଗକାରୀ ସାହସିକତା ପ୍ରଦର୍ଶନ କରି ଲୁଟେରା ଗାଡ଼ିକୁ ଅଟକାଇଥିଲେ ଏବଂ ସ୍ଥାନୀୟ ଲୋକେ ଗୋଡ଼ାଇବାରୁ ଲୁଟେରା ଜଣକ ଫ୍ଲାଏଓଭର ଉପରୁ ଖସିପଡ଼ି ଗୁରୁତର ଆହତ ହୋଇଥିଲା। ପୋଲିସ ତାକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରିଛି। ସେହି ଦିନ ହିଁ ମଞ୍ଚେଶ୍ୱର ଏବଂ ତମାଣ୍ଡୋ ଥାନା ଅଞ୍ଚଳରେ ମଧ୍ୟ ଏହି ବାଇକ୍ ଆରୋହୀ ଦ୍ୱାରା ସୁନା ଚେନ୍ ଓ ଭ୍ୟାନିଟି ବ୍ୟାଗ୍ ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା. ଏହି ସମସ୍ତ ମାମଲାରେ ଅଭିଯୁକ୍ତ ଏବଂ ବ୍ୟବହୃତ ମଟରସାଇକଲ୍ ସମାନ ଥିଲା। ଅଭିଯୁକ୍ତର ପୂର୍ବ ଅପରାଧିକ ପୃଷ୍ଠଭୂମି ଯାଞ୍ଚରୁ ତାଙ୍କ ନାମରେ ପୂର୍ବରୁ ଟାଙ୍ଗୀ ଥାନାରେ ଡକାୟତି ମାମଲା ରହିଥିବା ଜଣାପଡିଛି। ଅଭିଯୁକ୍ତକୁ ମଞ୍ଚେଶ୍ୱର, ନୟାପଲ୍ଲୀ ଏବଂ ତମାଣ୍ଡୋ ଥାନାର ଅନ୍ୟାନ୍ୟ ଲୁଟ୍ ମାମଲାରେ ମଧ୍ୟ ରିମାଣ୍ଡ କରାଯିବା ନେଇ ତଦନ୍ତ ଜାରି ରହିଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଉଦ୍ଧାର ହୋଇଥିବା ସୁନାଗହଣା ଓ ସାମଗ୍ରୀକୁ ଜିମ୍ମାନାମା ପରେ ସେମାନଙ୍କର ପ୍ରକୃତ ମାଲିକ ମାନଙ୍କୁ ଆଜି ହସ୍ତାନ୍ତର କରାଯାଇଅଛି।

# ଗଛରେ ପିଟିଲା ଅଲଟୋ କାର୍: ସ୍ୱାମୀ-ସ୍ତ୍ରୀ ମୃତ



ନବରଙ୍ଗପୁର(ନିପ୍ର): ଡାବୁଗାଁ ଥାନା ଅନ୍ତର୍ଗତ ଝରୀଗୁଡା ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଲଟୋ କାର (ଓଡ଼ି ୧୦ଡି ୯୧୯୨) ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛରେ ପିଟି ହୋଇ ଯାଇଛି। ଏହି ଦୁର୍ଘଟଣାରେ ସ୍ୱାମୀ-ସ୍ତ୍ରୀ ଦୁହିଁଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ସୁଶାନ୍ତ ପାଣିଗ୍ରାହୀ (୫୦), ପେଶାରେ ଏଲଆଇସି ଏଜେଣ୍ଟ ଏବଂ ତାଙ୍କ ସ୍ତ୍ରୀ ମୀନାକ୍ଷୀ ପାଣିଗ୍ରାହୀ (୪୫)। ସୂଚନା ଅନୁଯାୟୀ ସେମାନେ ଉମରକୋଟ ଠାରୁ ନବରଙ୍ଗପୁର ଅଭିମୁଖେ ଯାଉଥିବା ବେଳେ ଝରୀଗୁଡା ନିକଟରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଡାବୁଗାଁ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏନେଇ ମୃତକଙ୍କ ସନ ଭାଇ ସନ୍ତୋସ କୁମାର ଡାବୁଗାଁ ଥାନାରେ ଲିଖିତ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ଓ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

**ବାଘଛାଲ ବେପାର ବେଳେ ମାଡି ବସିଲା ବନ ବିଭାଗ**

# ଦୁଇଟି ସ୍ଥାନରୁ ୨ ବାଘଛାଲ ଜବତ, ୬ ଗିରଫ





ପାରଳାଖେମୁଣ୍ଡି(ନିପ୍ର): ବାଘଛାଲ ବେପାର ବେଳେ ମାଡି ବସିଲା ବନ ବିଭାଗ। ଦୁଇଟି ସ୍ଥାନରୁ ୨ ବାଘଛାଲ ଜବତ, ୬ ଗିରଫ ୩ ବାଇକ୍ ଓ ୬ ମୋବାଇଲ ଜବତ। ବନ୍ୟଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗର ବେଆଇନ କାରବାର ବିରୋଧରେ ପାରଳାଖେମୁଣ୍ଡି ବନଖଣ୍ଡ ପକ୍ଷରୁ ଦୁଇଟି ସ୍ଥାନରେ ଚଢ଼ଉ କରାଯାଇ ଦୁଇଟି କଲରାପତରିଆ ବାଘଛାଲ ଜବତ କରାଯାଇଛି। ଏହି ଘଟଣାରେ ୬ ଜଣ ଧରାପଡ଼ିଥିବା ବେଳେ ୩ଟି ମୋଟର ସାଇକେଲ ଓ ୬ଟି ମୋବାଇଲ ଫୋନ୍ ଜବତ ହୋଇଛି। ବିଶେଷ ସୂତ୍ରରୁ ଖବର ପାଇ ବନ ବିଭଗର ସ୍ୱତନ୍ତ୍ର ଟିମ ପାରଳାଖେମୁଣ୍ଡି ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଦେବଗିରି ବନାଞ୍ଚଳର ଟିମ୍ ଚଢ଼ଉ କରି ହାଡୁଭାଙ୍ଗି ଗ୍ରାମର ଗୋରିଲା ରବି (୪୦) ଓ ପାରିଡ଼ା ଗ୍ରାମର ପ୍ରଫୁଲ୍ଲ ଘାଣ୍ଟା (୪୨)ଙ୍କୁ ଧରିଥିଲା। ସେମାନଙ୍କଠାରୁ ଗୋଟିଏ ବାଘଛାଲ ସହ ଗୋଟିଏ ବାଇକ୍ ଓ ଦୁଇଟି ମୋବାଇଲ ଜବତ କରିଥିବା ବେଳେ ତାଙ୍କୁ ପଚରାଉଚରା କରି ଅକ୍ଟୋବର ୯ ତାରିଖରେ ମୋହନା ବନାଞ୍ଚଳର ତୁଳସୀନଗର ନିକଟରେ ଚଢ଼ଉ କରାଯାଇ ଜଗା ମଲ୍ଲିକ (୩୬), ବିଜୟ ନନ୍ଦ ନାୟକ (୨୩), ତ୍ରିଲୋଚନ ପାତ୍ର (୩୫) ଓ ଦୀପକ କୁମାର ନାୟକ (୨୫)ଙ୍କୁ ଧରାଯାଇଥିଲା। ସେମାନଙ୍କଠାରୁ ଆଉ ଗୋଟିଏ ବାଘଛାଲ, ଦୁଇଟି ବାଇକ୍ ଓ ଚାରିଟି ମୋବାଇଲ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ଅନ୍ୟ କୌଣସି ମାମଲାରେ ସଂପୃକ୍ତି ଅଛି କି ନହିଁ, ବାଘ ଛାଲ କେଉଁଠାରୁ ଆଣିଥିଲେ, କେଉଁଠାରେ ବାଘକୁ ଶିକାର କରଯାଇଥିଲା, କେବେ ଶିକାର ହୋଇଥିଲା, ଅନ୍ତର ଜାତୀୟ ର୍‍ୟାକେଟ ସହ ସମ୍ପର୍କ ଅଛିକି ନହିଁ ଏସବୁ ଦିଗକୁ ନେଇ ବନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଥିବା ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ ନାଗରାଜୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

- ଶୌଚ ଯିବା ହେଲା କାଳ, ହାତୀ ହାବୁଡ଼ରେ ପଡି ଚାଲିଗଲା ଜୀବନ
- ବନ ବିଭାଗ ପକ୍ଷରୁ ୧ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶି



କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ କୁଚିଣ୍ଡା ରେଞ୍ଜ ଅଧୀନ କୁଚିଣ୍ଡା ଏନ୍‌ଏସି ୧୦ ନମ୍ବର ୱାର୍ଡ ସଇଡାରେ ଶୁକ୍ରବାର ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସଇଡାର ଅଞ୍ଜଳି କୁସୁମ (୪୬)। ସେ ଭୋର ପ୍ରାୟ ୫ଟା ସମୟରେ ନିକଟସ୍ଥ ନଦୀକୁ ଶୌଚ ପାଇଁ ଯାଇଥିଲେ। ହେଲେ ହଠାତ ସେ ୬ଟିକିଆ ହାତୀ ପଲ ସହ ମୁହାଁମୁହିଁ ହୋଇଯାଇଥିଲେ। ଏଥିରେ ହିଂସ୍ର ପରାୟଣ ହୋଇ ହାତୀମାନେ ଅଞ୍ଜଳିଙ୍କୁ ଶୁଣ୍ଢରେ ଟେକି କଚାଡି ଦଳି ଚକଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଅଞ୍ଜଳିଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ କୁଚିଣ୍ଡା ରେଞ୍ଜର ଲେଖାରାଣୀ ମହାନନ୍ଦଙ୍କ ସମେତ କୁଚିଣ୍ଡା ପୋଲିସ ଆଇଆଇସି ରାଧାକାନ୍ତ ବାରିକ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ଏନେଇ ପୋଲିସ କୁଚିଣ୍ଡା ଥାନାରେ ଏକ ଅପମୃତ୍ୟୁ (ନଂ.୩୪/୨୬)ରେ ମାମଲା ରୁଜୁ କରି ମହିଳାଙ୍କ ମୃତଦେହ ଜବତ କରି କୁଚିଣ୍ଡା ମେଡିକାଲରେ ବ୍ୟବଚ୍ଛେଦ କରାଇଛି। ହାତୀ ମୃତ୍ୟୁ ଖବର ପାଇ କୁଚିଣ୍ଡାକୁ କାର୍ଯ୍ୟକ୍ରମ ପାଇଁ ଆସିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସପି ମୁକେଶ ଭାମୁ, ବାମରା ବନ୍ୟପ୍ରାଣୀ ଡିଏଫଓ ବିକ୍ରମ ଦେବ ପଟ୍ଟନାୟକ, କୁଚିଣ୍ଡା ଉପଜିଲ୍ଲାପାଳ ସରୱନନ୍ ସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇଥିଲେ । ଏହି ଅବସରରେ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ଓ ମନ୍ତ୍ରୀ ରବି ନାଏକ ନିଜ ହାତରୁ ୧୦ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରିଥିଲେ। ଏହାଛଡା ସନ୍ଧ୍ୟାରେ ବନବିଭାଗ ପକ୍ଷରୁ ମୃତକଙ୍କ ପୁତ୍ର ସୁକୁମାର କୁସୁମଙ୍କ ଆକାଉଣ୍ଟକୁ ୧ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ରାଶି ଟ୍ରାନ୍ସଫର କରାଯାଇଥିବା ବେଳେ ଏକ ମାସ ମଧ୍ୟରେ ସରକାରୀ ନିୟମ ଅନୁଯାୟୀ ବକେୟା ୯ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ ବୋଲି କୁଚିଣ୍ଡା ରେଞ୍ଜର ଲେଖାରାଣୀ ମହାନନ୍ଦ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ହାତୀପଲ ଗୁରୁବାର ଦିନ ତମାମ କୁଚିଣ୍ଡା ସହରରେ ଥିଲେ। ରାତିରେ ସେମାନେ ପତ୍ରାପାଲି ଗ୍ରାମରେ ପଶି ନୂଆ ବସଷ୍ଟାଣ୍ଡ ସ୍ଥିତ ଜନାର୍ଦ୍ଦନ ପୃଷେଠ, ରୋହିତ ସାହୁ, ସଞ୍ଜୟ ନାଏକ,ଲକ୍ଷ୍ମଣ ପୃଷେଠ ଓ ଦୟାସାଗର ପୃଷେଠଙ୍କ ଘରଦ୍ୱାର ଭାଙ୍ଗି ପନିପରିବା ଫସଲ ନଷ୍ଟ କରି ଖଣ୍ଡୋକଟା ପଟକୁ ଯାଇଥିଲେ। ପରେ ହାତୀପଲ ହଠାତ୍ ଦିଗ ପରିବର୍ତ୍ତନ କରି ଭୋରରେ ସଇଡା ଅଞ୍ଚଳକୁ ପଶିଥିଲେ। ବାମରା ଡିଏଫଓ ବିକ୍ରମ ଦେବ ପଟ୍ଟନାୟକ ବନବିଭାଗ ଟିମସହ ନିଜେ ଉପସ୍ଥିତ ରହି ହାତୀ ଘଉଡାଇବା ପାଇଁ ମନିଟରିଙ୍ଗ କରିଥିଲେ। ହାତୀ ମାନେ ଏବେ ହିଂସ୍ରାତ୍ମକ ହୋଇପଡ଼ିଥିବା ବେଳେ ବନବିଭାଗର ଡ୍ରୋନ କ୍ୟାମେରାକୁ ମଧ୍ୟ ହାତୀ ଗଛ ଡ଼ାଳ ଫୋପାଡ଼ି ଭାଙ୍ଗିଦେଇଥିବା ରେଞ୍ଜର ମହାନନ୍ଦ କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ହାତୀପଲ ପୁଣି ପତ୍ରାପାଲି ଦେଇ ଚଇତ୍ରା ପାହାଡ ନିକଟସ୍ଥ ରାମତିଲେଇମାଲ ଗାଁ ପାଖରେ ଥିବାରୁ ବନବିଭାଗ ଡ଼ାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଉଛନ୍ତି।

# ସଡ଼କ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ

ପୁରୀ(ନିପ୍ର): ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ଯୁବକଙ୍କର ପ୍ରାଣହାନି ଘଟିଛି। ଚନ୍ଦନପୁର ଥାନା ଅନ୍ତର୍ଗତ ସମଜାଜପୁର ଗ୍ରାମ ବ୍ରିଜ ନିକଟରେ ଏହି ଦୁର୍ଘଟଣା ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଦୁଇ ଯୁବକ ଏକ ବାଇକ୍ ଯୋଗେ ପୁରୀ ଅଭିମୁଖେ ଯାଉଥିବା ବେଳେ ସମରାଜପୁର ବ୍ରିଜ ନିକଟରେ ଭାରସାମ୍ୟ ହରାଇ ବ୍ରିଜ୍ ସହ ପିଟି ହୋଇଯାଇଥିଲେ। ଦୁର୍ଘଟଣା ପରେ ଉଭୟ ଯୁବକ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ପଡ଼ିରହିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତୁରନ୍ତ ଚନ୍ଦନପୁର ଥାନା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଚନ୍ଦନପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ପରୀକ୍ଷା ନିରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ପ୍ରାରମ୍ଭିକ ଅବସ୍ଥାରେ ମୃତକଙ୍କ ପରିଚୟ ମିଳିନଥିବା ବେଳେ ପରବର୍ତ୍ତୀ ସମୟରେ ଉଭୟଙ୍କ ପରିଚୟ ସ୍ପଷ୍ଟ ହୋଇଛି। ମୃତ ଦୁଇ ଯୁବକ ଜଗତସିଂହପୁର ଅଞ୍ଚଳର ଦେବୀ ଲକ୍ଷ୍ମୀ ନାରାୟଣ ଦାସ ଓ ସୁଦୀପ୍ତ କୁମାର ଜେନା ବୋଲି ଜଣାପଡ଼ିଛି। ଏହି ଘଟଣାକୁ ନେଇ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ବିଧାନସଭା ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜୟନ୍ତୀ





ଭୁବନେଶ୍ୱର, ୯/୧୦(ନିପ୍ର): ମାନବସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ନିରାଶ୍ରୟ ଓ ନିଃସହାୟ ବ୍ୟକ୍ତିମାନଙ୍କର ସେବାକରି ନିଜର ସେବା ମନୋବୃତିକୁ ଯେଭଳି ଚରିତାର୍ଥ କରିଥିଲେ, ସେଭଳି ଯୁବସମାଜକୁ ଆଦର୍ଶ ମାର୍ଗରେ ଗଢ଼ିତୋଳିବା ପାଇଁ ସର୍ବଦା ତତ୍ପର ଥିଲେ । ବନ୍ୟା, ବାତ୍ୟା, ମରୁଡ଼ି, ଦୁର୍ବିପାକରେ ପ୍ରପୀଡ଼ିତ ଜନତାଙ୍କୁ ନିଃସ୍ୱାର୍ଥ ସେବା, ସାହାଯ୍ୟ ଓ ସହାନୁଭୂତି ଯୋଗାଇଦେଇ ପଣ୍ଡିତ ଗୋପବନ୍ଧୁ ମାନବୀୟ ଗୁଣ ଏବଂ ଚିନ୍ତା-ଚେତନାରେ ଉତ୍କଳୀୟ ଭାବନା ରଖି ଜାତୀୟତାର ଉଦାହରଣ ସୃଷ୍ଟି କରିଯାଇଛନ୍ତି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ବାବୁ ସିଂ ଓ ଛବି ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ଓ ପ୍ରିୟଦର୍ଶୀ ମିଶ୍ର, ଉତ୍କଳ ସମ୍ମିଳନୀର କାର୍ଯ୍ୟକର୍ତ୍ତା, ପୂଜ୍ୟପୂଜା ସଂସଦର ବରିଷ୍ଠ ସଦସ୍ୟ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ଲୋକସମ୍ପର୍କ ଅଧିକାରୀ ଅଂଶୁମାନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଓଡ଼ିଶା ଗସ୍ତରେ ଆଜି ଆସିବେ ଡ.ମୋହନ ଭାଗବତ



ଭୁବନେଶ୍ୱର ,୯।୧୦: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ.ମୋହନ ଭାଗବତ ୨ ଦିନିଆ ଓଡିଶା ଗସ୍ତରେ ଆସି ଆସନ୍ତାକାଲି (ଶନିବାର) ଅପରାହ୍ନ ୪ ଘଟିକା ସମୟରେ ସମ୍ବଲପୁରରେ ପହଞ୍ଚିବେ । ସେ ଦୁଇ ଦିନିଆ ଓଡିଶା ପ୍ରବାସ ସାରି ଅକ୍ଟୋବର ୧୧ ତାରିଖ ଦିନ ସଂଧ୍ୟାରେ ଓଡିଶାରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସଂଘର ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ପ୍ରକାଶ କରିଛନ୍ତି ।ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି ଯେ, ୧୦ ତାରିଖ ସନ୍ଧ୍ୟା ୬:୦୦ ରୁ ୮:୦୦ ଘଟିକା ପର୍ଯ୍ୟନ୍ତ ସମ୍ବଲପୁରର ଜି.ଏମ୍. ବିଶ୍ୱବିଦ୍ୟାଳୟ ଅଡିଟୋରିୟମ ପରିସରରେ ଏକ ସ୍ୱୟଂସେବକ ଏକତ୍ରୀକରଣ କାର୍ଯ୍ୟକ୍ରମରେ ସେ ଉପସ୍ଥିତ ରହିବେ । ୧୧ ତାରିଖ ଦିନ ସମ୍ବଲପୁରଠାରେ ଓଡ଼ିଶା ପୂର୍ବ ଓ ପଶ୍ଚିମ ପ୍ରାନ୍ତର କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଏକ ସାଂଗଠନିକ ବୈଠକରେ ଶତାବ୍ଦୀବର୍ଷର କାର୍ଯ୍ୟର ସମୀକ୍ଷା କରିବେ ।

# ୧୩ ତାରିଖ ବେଳକୁ ଲଘୁଚାପ !

ଭୁବନେଶ୍ୱର,୧୦।୯ ବଙ୍ଗୋପସାଗରରେ ଆସନ୍ତା ୧୩ ତାରିଖ ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଥାଇଲ୍ୟାଣ୍ଡ ଉପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଥିବାରୁ ଏହାର ପ୍ରଭାବରେ ବଙ୍ଗୋପସାଗରରେ ପାଣିପାଗରେ ପରିବର୍ତ୍ତନ ହେବା ନେଇ ଆକଳନ କରାଯାଉଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଥାଇଲ୍ୟାଣ୍ଡ ଉପସାଗର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପତ୍ତନଠାରୁ ପ୍ରାୟ ୭.୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ସହିତ ଅକ୍ଟୋବର ୧୧ ତାରିଖ ବେଳକୁ ଆଣ୍ଡାମାନ ସାଗର ଅଞ୍ଚଳରେ ଆଉ ଏକ ଉପର ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହି ଦୁଇ ପାଣିପାଗ ପ୍ରଣାଳୀର ପ୍ରଭାବରେ ଅକ୍ଟୋବର ୧୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇପାରେ ।



# ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୯/୧୦(ନିପ୍ର): ମୟୂରଭଞ୍ଜ ଜିଲ୍ଲା, ଉଦଳାର ସୁଯଶ ବାରିକ (ପିତା – ଜୟନ୍ତ ବାରିକ)ଙ୍କର ଦୁଃଖଦ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ସୂଚନା ଦିଆଯାଇଛି ।

# ରାଜ୍ୟପାଳଙ୍କୁ ସାକ୍ଷାତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୯/୧୦(ନିପ୍ର): ଲୋକଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ରାଜ୍ୟର ସାମଗ୍ରିକ ବିକାଶ, ଜନକଲ୍ୟାଣ ଏବଂ ପ୍ରଗତିଶୀଳ ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି । ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବା ସହିତ ଓଡ଼ିଶାବାସୀଙ୍କ କଲ୍ୟାଣ ଓ ସମୃଦ୍ଧି ପାଇଁ କାର୍ଯ୍ୟ କରିବା ଉପରେ ଉଭୟେ ଗୁରୁତ୍ୱାରୋପ କରିଥିଲେ ।

# ଏମଏମଡିଆରକୁ ନେଇ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ଭ୍ରମ ସୃଷ୍ଟି କରିବାକୁ ଉଦ୍ୟମ କରାଯାଉଛି: ମନମୋହନ

**ଭୁବନେଶ୍ୱର, ୯/୧୦(ନିପ୍ର):** ନବୀନ ପଟ୍ଟନାୟକଙ୍କ ପଦଯାତ୍ରା ଏବଂ ଏମଏମଡିଆର ପ୍ରସଙ୍ଗକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ । ସେ କହିଛନ୍ତି ଯେ, ଏହି ପ୍ରସଙ୍ଗରେ ଲୋକେ ସବୁକିଛି ଜାଣିସାରିଛନ୍ତି । ଯେଉଁ ପ୍ରସଙ୍ଗକୁ ନେଇ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ଭ୍ରମ ସୃଷ୍ଟି କରିବାକୁ ଉଦ୍ୟମ କରାଯାଉଛି, ସେହି ଉଦ୍ୟମ ବିଫଳ ହୋଇଛି । ଲୋକେ ଏବେ ଏସବୁ କଥା ଶୁଣିବା ସ୍ଥିତିରେ ନାହାନ୍ତି । ଆଗାମୀ ଦିନରେ ଲୋକେ ଏହାର ସ୍ପଷ୍ଟ ଜବାବ ଦେବେ ।

# ଅବକାରୀ ଥାନାର ଅନିୟମିତତା ନେଇ ଅସନ୍ତୋଷ



ନବରଙ୍ଗପୁର, ୯/୧୦(ନିପ୍ର): ଡାବୁଗାଁ ଅବକାରୀ ଥାନାର ଅନିୟମିତତାକୁ ଜନସାଧାରଣ ନାପସନ୍ଦ କରିଛନ୍ତି । ଆଜି ଏକ ଅଜବ ଘୋଷଣା ଲୋକ ଲୋଚନକୁ ଆସିଛି । ଡାବୁଗାଁ ବ୍ଲକର ବିଭିନ୍ନ ଅଞ୍ଚଳରୁ ଅବକାରୀ ଥାନା ଅଧିକାରୀଙ୍କୁ ମଦ ବନ୍ଦ ପାଇଁ ଦରଖାସ୍ତ ଦେବାକୁ ପଦ୍ମିନୀ ହରିଜନ,ମରିୟମ ପନକା, ନୀଳାଦ୍ରୀ ମାଝୀ ସହ ଶତାଧିକ ମହିଳା ଆସିଥିଲେ । କିନ୍ତୁ ଅବକାରୀ ଥାନାରେ ତାଲା ପଡ଼ିଥିବା ଯୋଗୁଁ ଦରଖାସ୍ତ ଦେଇ ପାରିଲେ ନାହିଁ । ମହିଳାମାନେ ଥାନା ଅଧିକାରୀଙ୍କୁ ବାରମ୍ବାର ଫୋନ କରିବା ପରେ, ସେ ନବରଙ୍ଗପୁର ଯାଇ ଦରଖାସ୍ତ ଦିଅ ବୋଲି କହିଥିଲେ । ଏଭଳି ଦାୟିତ୍ୱହୀନ ମନ୍ତବ୍ୟକୁ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ ମାନେ । ହିନ୍ଦୁ ମହାସଂଘ ପ୍ରମୁଖ ସୂର୍ଯ୍ୟବଂଶୀ ଜୟନ୍ତ ଏହି ଘଟଣା କୁ ନିନ୍ଦା କରିଛନ୍ତି । ନିଜ କର୍ତ୍ତବ୍ୟରେ ଅବହେଳା କରୁଥିବା ବ୍ୟକ୍ତି ମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି ।ଏଭଳି ଆଜି ଡାବୁଗାଁ ନିକଟ କେରଣ୍ଡି ଗ୍ରାମରେ ମଧ୍ୟ ମହିଳାମାନେ ଆଜିଠାରୁ ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଛନ୍ତି ।

# ବରିଷ୍ଠ ସମାଜସେବୀ ନୃପଲାଲ ମେହେରଙ୍କ ପରଲୋକ

**ଝାରସୁଗୁଡ଼ା, ୯/୧୦(ନିପ୍ର):** ଲଇକେରା ଅଂଚଳର ବରିଷ୍ଠ ସମାଜସେବୀ ତଥା ଚୌ-ଜିଲ୍ଲା ଭୁଲିଆ ସମାଜର ପୂର୍ବତନ ସଭାପତି ନୃପଲାଲ ମେହେର (୯୫)ଙ୍କ ହୃଦଘାତରେ ପରଲୋକ ଘଟିଛି । ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଲଇକେରା ସମେତ ସମଗ୍ର ଅଂଚଳରେ ଶୋକର ବାତାବରଣ ସୃଷ୍ଟି ହୋଇଛି । ସ୍ୱର୍ଗତ ମେହେର ଦୀର୍ଘ ୧୫ ବର୍ଷ ଧରି ଚୌ ଜିଲ୍ଲା ଭୁଲିଆ ସମାଜର ସଭାପତି ଦାୟିତ୍ୱ ତୁଲାଇ ସମାଜର ସାଂଗଠନିକ ବିକାଶ ଓ ଉନ୍ନତି ଦିଗରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ । ସମାଜ ପ୍ରତି ତାଙ୍କର ନିଷ୍ଠା, ସେବା ମନୋଭାବ ଓ ନେତୃତ୍ୱ ତାଙ୍କୁ ଅଂଚଳରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ସେ କେବଳ ଜଣେ ସମାଜସେବୀ ନଥିଲେ, ବରଂ ନିଜର ସରଳ ଜୀବନଯାପନ, ମିଷ୍ଟଭାଷୀ ସ୍ୱଭାବ ଓ ଧର୍ମପରାୟଣତା ଯୋଗୁଁ ସମସ୍ତଙ୍କ ନିକଟରେ ଆଦରଣୀୟ ହୋଇପାରିଥିଲେ ।

# ଖୋର୍ଦ୍ଧାରୋଡ ରେଳମଣ୍ଡଳରେ ଯୋଗଦେଲେ ଦୁଇ ମହିଳା ଅଧିକାରୀ





**ଜଟଣୀ, ୯/୧୦(ନିପ୍ର):** ଖୋର୍ଦ୍ଧାରୋଡ ରେଳମଣ୍ଡଳଠାରେ ଶୁକ୍ରବାର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଭାବେ ଗରିମା ତିୱାରୀ ଓ ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ଭାବେ ପ୍ରୀତି ରାଣା ଯୋଗଦେଇଛନ୍ତି । ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଜେନେରାଲ ସେକ୍ରେଟାରୀ ରମେଶ ସାହୁ, ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ ,ସହ ସଂଯୋଜକ ନିରଞ୍ଜନ ମିଶ୍ର, କେନ୍ଦ୍ରୀୟ ପଦାଧିକାରୀ ଏମ ଜି କେ ରାଓ, ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ନେତୃବୃନ୍ଦ ଉଭୟ ଅଧିକାରୀଙ୍କୁ ଭେଟି ଖଣ୍ଡୁଆ ଓ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ । ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦବୀ ମୁଖ୍ୟ ଭାବେ ମହିଳା ଅଫିସରଙ୍କ ଯୋଗଦାନ ଖୋର୍ଦ୍ଧାରୋଡ ପାଇଁ ପ୍ରଥମ, କିଛି ମାସ ଆଗରୁ ମୁଖ୍ୟ ଚିକିତ୍ସା ଅଧିକାରୀ ଭାବେ ସବିତା ଶତପଥୀ ଯୋଗଦେଇଥିଲେ । ମହିଳା ମାନଙ୍କ ଯୋଗଦାନ ଦ୍ୱାରା କାର୍ଯ୍ୟରେ ପାରଦର୍ଶିତା ବଢିବା ସଙ୍ଗେ ସଙ୍ଗେ ନାରୀଶକ୍ତି ବନ୍ଦନାର ସଠିକ ଉପଯୋଗ ହୋଇଥିବା ଜେନେରାଲ ସେକ୍ରେଟାରୀ ଶ୍ରୀ ସାହୁ ପ୍ରକାଶ କରିଥିଲେ ବୋଲି ମିଡିଆ ମୁଖ୍ୟ ତଥା ଶାଖା ସମ୍ପାଦକ ଏଲଡି ମହାନ୍ତି ସୂଚନା ଦେଇଛନ୍ତି ।




ଛାତ୍ର ସଂସଦ ନିର୍ବାଚନ: ନାମାଙ୍କନ ଭରିବା ପୂର୍ବରୁ ରମାଦେବୀ ମହିଳା ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କର ଶୋଭାଯାତ୍ରା (ଫଟୋ-ଦିନଲିପି)

# ଡ୍ରଗ୍ସ କଣ୍ଟ୍ରୋଲର ସ୍ୱତନ୍ତ୍ର ଚଢ଼ାଉ: ୨ ଦୋକାନକୁ କାରଣ ଦର୍ଶାଅ ନୋଟିସ

**ନିରାକାରପୁର, ୯/୧୦(ନିପ୍ର):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ବଜାର ଓ ଆଖପାଖ ଅଞ୍ଚଳରେ ନିଦ୍ରାଜନକ ଔଷଧ, ନାର୍କୋଟିକ୍ସ ଏବଂ ସାଇକୋଟ୍ରୋପିକ୍ ଦ୍ରବ୍ୟର ବେଆଇନ ବିକ୍ରି ଉପରେ ରୋକ୍ ଲଗାଇବା ପାଇଁ ଖୋର୍ଦ୍ଧା ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ରାତ୍ରିକାଳୀନ ଚଢ଼ାଉ କରାଯାଇଛି । ଖୋର୍ଦ୍ଧା ସର୍କଲର ସହକାରୀ ଔଷଧ ନିୟନ୍ତ୍ରକ ଡଃ ସୁଦର୍ଶନ ବିଶ୍ୱାଳ ଏବଂ ଔଷଧ ନିରୀକ୍ଷକ ଅର୍ଦ୍ଧେନ୍ଦୁ ଶେଖର ମାନସିଂହଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ସହାୟତାରେ ଏହି ମିଳିତ ଅଭିଯାନ ସଂଗଠିତ ହୋଇଥିଲା । ଚଢ଼ାଉ ସମୟରେ ବିଭାଗୀୟ ଦଳ ବିଭିନ୍ନ ଔଷଧ ଦୋକାନର ଷ୍ଟକ୍, ବିକ୍ରି ରେକର୍ଡ ଏବଂ ପ୍ରେସକ୍ରିପସନ୍ ପ୍ରକ୍ରିୟାର କଡ଼ା ଯାଞ୍ଚ କରିଥିଲେ । ଏହି ଯାଞ୍ଚ ସମୟରେ ଦୁଇଟି ଔଷଧ ଦୋକାନରେ ବ୍ୟାପକ ସରକାରୀ ନିୟମାବଳୀର ଉଲ୍ଲଂଘନ ହୋଇଥିବା ନଜରକୁ ଆସିଥିଲା । ଡ୍ରଗ୍ସ ଆଣ୍ଡ କସମେଟିକ୍ସ ଆଇନ ଅନୁଯାୟୀ ସମ୍ପୃକ୍ତ ଦୁଇ ଦୋକାନ ମାଲିକଙ୍କୁ ତୁରନ୍ତ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଆଗାମୀ ଦିନରେ ଏହିପରି ଚଢ଼ାଉ ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ ଚେତାବନୀ ଦେଇଛନ୍ତି । ଏହାସହ ସମସ୍ତ ଔଷଧ ବ୍ୟବସାୟୀ ସରକାରଙ୍କ ଗାଇଡଲାଇନ ସମ୍ପୂର୍ଣ୍ଣ ଭାବେ ପାଳନ କରିବାକୁ ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ।

# ୪ ଏକ୍ସପ୍ରେସ୍ ଟ୍ରେନରେ ଅତିରିକ୍ତ କୋଚ୍ ସଂଯୋଗ

**ଭୁବନେଶ୍ୱର, ୯/୧୦(ପିଆଇବି):** ଯାତ୍ରୀମାନଙ୍କୁ ଅଧିକ ଆରାମଦାୟକ ଯାତ୍ରା ସୁବିଧା ଯୋଗାଇବା ସହ ଆଗାମୀ ପାର୍ବଣ ଋତୁରେ ବଢ଼ିବାକୁ ଥିବା ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରାଯିବ । ଟ୍ରେନ୍ ନଂ ୧୨୮୩୭ ହାୱଡ଼ା-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ୍ ୧୧ ଅକ୍ଟୋବରରୁ ୧୬ ଅକ୍ଟୋବର ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର୍ ଶ୍ରେଣୀ କୋଚ୍ ସଂଯୋଗ କରାଯିବ । ଟ୍ରେନ୍ ନଂ ୧୮୦୪୫ ଶାଲିମାର-ଚାର୍ଲାପଲ୍ଲୀ ଇଷ୍ଟ କୋଷ୍ଟ ଏକ୍ସପ୍ରେସ୍ ୧୦, ୧୧, ୧୩, ୧୪, ୧୫ ଓ ୧୬ ଅକ୍ଟୋବରରେ ଗୋଟିଏ ଅତିରିକ୍ତ ତୃତୀୟ ଏସି (୩ୟ ଏସି) କୋଚ୍ ସଂଯୋଗ କରାଯିବ ।ଏଥିସହିତ, ୧୨ ଅକ୍ଟୋବର ରେ ଏହି ଟ୍ରେନର ଗୋଟିଏ ଅତିରିକ୍ତ ସ୍ଲିପର୍ ଶ୍ରେଣୀ କୋଚ୍ ସଂଯୋଗ କରାଯିବ । ଟ୍ରେନ୍ ନଂ ୧୮୦୬୩ ସାନ୍ତ୍ରାଗାଛି-ୟେଲହଙ୍କା ଏସି ଏକ୍ସପ୍ରେସ୍ ରେ ୧୫ ଅକ୍ଟୋବର ରେ ଗୋଟିଏ ଅତିରିକ୍ତ ତୃତୀୟ ଏସି କୋଚ୍ ସଂଯୋଗ କରାଯିବ । ଟ୍ରେନ୍ ନଂ ୧୮୧୦୭ ରାଉରକେଲା-ଜଗଦଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ୧୬ ଅକ୍ଟୋବର ରେ ଗୋଟିଏ ଅତିରିକ୍ତ ସ୍ଲିପର୍ ଶ୍ରେଣୀ କୋଚ୍ ସଂଯୋଗ କରାଯିବ । ଏହି ଅସ୍ଥାୟୀ କୋଚ୍ ବୃଦ୍ଧି ଯାତ୍ରୀମାନଙ୍କୁ ଅଧିକ ବର୍ଥ ସୁବିଧା ଯୋଗାଇବ ଏବଂ ଏହି ସମୟ ମଧ୍ୟରେ ବଢୁଥିବା ଯାତ୍ରୀ ଚାହିଦାକୁ ପୂରଣ କରିବାରେ ସହାୟକ ହେବ ।

# ଭଦ୍ରକର ୨ କଲେଜରେ ନିର୍ବାଚନ ବାତିଲ

## ବହୁ ସ୍ଥାନରେ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ

ଭଦ୍ରକ,୯।୧୦(ନିପ୍ର): ଛାତ୍ର ସଂସଦ ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥିପତ୍ର ଦାଖଲ କରିବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । କିନ୍ତୁ ଶୁକ୍ରବାର ଭଦ୍ରକ ଜିଲାର ଦୁଇଟି କଲେଜରେ ନିର୍ବାଚନ ବାତିଲ କରାଯାଇଛି । ଭଦ୍ରକ ମହିଳା କଲେଜ ଓ ଭଣ୍ଡାରିପୋଖରୀ ବ୍ଲକ ନାଆମୀ କଲେଜରେ ନିର୍ବାଚନ ବାତିଲ ହୋଇଥିବା ସୂଚନା ମିଳିଛି । କଲେଜରେ ନିର୍ବାଚନକୁ ନେଇ ଉଶୃଙ୍ଖଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ଶୃଙ୍ଖଳା ଏବଂ ଶିକ୍ଷାନୁଷ୍ଠାନ ପରିସରରେ ଶାନ୍ତ ବାତାବରଣ ପାଇଁ ଦୁଇ କଲେଜରେ ନିର୍ବାଚନ ବାତିଲ ହୋଇଛି । ତେବେ ଏହାକୁ ନେଇ ଛାତ୍ରୀଛାତ୍ର ଏବଂ ରାଜନୈତିକ ମହଲରେ ନାନା ଚର୍ଚ୍ଚା ହେଉଛି । ଶୁକ୍ରବାର ନିର୍ବାଚନର ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଥିବା ବେଳେ ଗୁରୁବାର ଏବିଭିପି ପକ୍ଷରୁ ଭଦ୍ରକ ମହିଳା କଲେଜ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା । ମହିଳା ମହାବିଦ୍ୟାଳୟକୁ ବିଜୁ ଛାତ୍ର ଜନତା ଦଳର ପ୍ରାର୍ଥିନୀମାନେ ନାମାଙ୍କନ ଭରିବାକୁ ସଦଳବଳ ଯାଇଥିବା ବେଳେ କଲେଜ କାନ୍ଥରେ ନିର୍ବାଚନ ବାତିଲ ହେବାନେଇ ନୋଟିସ ଦେଖି ଛାତ୍ରୀଛାତ୍ର କ୍ଷୋଭ ପ୍ରକାଶ କରିଥିଲେ । କାହିଁକି କଲେଜ ନିର୍ବାଚନ ବାତିଲ ହେଲା ତାହାକୁ ସରକାରଙ୍କୁ ତାସଲ୍ୟ କରିଥିଲେ ଏବଂ ସରକାରଙ୍କଙ୍କ ଦୋମୁହାଁ ନୀତି ବିରୋଧରେ ଗର୍ଜିଥିଲେ ଛାତ୍ରୀଛାତ୍ର । ସେହିପରି ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀରେ ମଧ୍ୟ ନାଆମୀ କଲେଜରେ ମଧ୍ୟ ନିର୍ବାଚନ ବାତିଲ କରାଯାଇଛି । ଛାତ୍ରୀଛାତ୍ର କଲେଜ ଗେଟ୍ ଆଗରେ ପ୍ରତିବାଦ କରିବା ସହ ନିର୍ବାଚନ ପାଇଁ ଦାବି କରିଛନ୍ତି । ଛାତ୍ର ସଂସଦ ନିର୍ବାଚନରେ ଭୋଟ୍ ଗ୍ରହଣ ପୂର୍ବରୁ ଧର୍ମଶାଳା ମହାବିଦ୍ୟାଳୟ ଦଖଲ କଲା ଏବିଭିପି । ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି ଏହାର ସମସ୍ତ ପ୍ରାର୍ଥୀ । ଏବିଭିପି ପକ୍ଷରୁ ୧୭ ଜଣ ପ୍ରାର୍ଥୀ ବିଭିନ୍ନ ପଦପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ ।

# ଜାଗୁଳାଇ ମନ୍ଦିରରୁ ମା'ଙ୍କ ରୁପା ମୁକୁଟ ଚୋରି

ସାଲେପୁର,୯।୧୦(ନିପ୍ର): ଦିନ ଦ୍ୱିପ୍ରହରରେ ମନ୍ଦିରରୁ ରୁପା ମୁକୁଟ ଚୋରି ହେବା ଦୃଶ୍ୟ ସି.ସି.ଟି.ଭି.ରେ ରେକର୍ଡ ହୋଇଥିବା ଦେଖିବାକୁ ମିଳିଛି । ୩ଦିନ ତଳେ ସାଲେପୁର କଲେଜ ନିକଟସ୍ଥ ଚିତ୍ରୋତ୍ପଳା ନଦୀକୂଳରେ ଅବସ୍ଥିତ ମା'ବୁଢ଼ୀ ଜାଗୁଳାଇଙ୍କ ମନ୍ଦିରରୁ ପ୍ରାୟ ୯ଶହ ଗ୍ରାମର ରୁପା ମୁକୁଟ ଚୋର ଜଣକ ଏକ ବାଡ଼ି ସାହାଯ୍ୟରେ ଗ୍ରୀଲ୍ ବାଟେ ମା'ଙ୍କ ମୁଣ୍ଡରୁ ଚୋରି କରିନେଇଥିବା ଦୃଶ୍ୟ ସି.ସି.ଟି.ଭି.ରେ କଏଦ ହୋଇଥିବା ଦେଖିବାକୁ ମିଳିଛି । ଚୋର ଜଣକ ଏକ ଲାଲ୍ ରଂଗର ଟି-ସାର୍ଟ ଓ ହାଫ୍ ପ୍ୟାଣ୍ଟ୍ ପିନ୍ଧିଥିବାବେଳେ ଚୋରି କରିବାର ୧ଘଣ୍ଟା ପୂର୍ବରୁ ମନ୍ଦିର ନିକଟକୁ ଆସି ମନ୍ଦିର ପିଣ୍ଡିରେ ବସି ପ୍ରସାଦ ସେବନ କରିଥିଲା । ମନ୍ଦିରରେ କେହି ନଥିବାର ସୁଯୋଗ ନେଇ ଦିନ ପ୍ରାୟ ୧୧ଟା ସମୟରେ ଏହି ଚୋରି ଘଟାଇଥିବା ସିସିଟିଭିରେ ରେକର୍ଡ ହୋଇଯାଇଛି ।


## ଭାରତ ସରକାର
### ପରମାଣୁ ଶକ୍ତି ବିଭାଗ (ଡିଏଇ)
### ନିର୍ଦ୍ଦେଶକ

ପଦ ପାଇଁ ଆବେଦନ ଆମନ୍ତ୍ରଣ କରୁଛନ୍ତି
(ସାହା ଇନଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁକ୍ଲିୟର ଫିଜିକ୍ସ, କୋଲକାତା, ଡିଏଇ ଅଧୀନ ଗ୍ରାଣ୍ଟ ସହାୟତାପ୍ରାପ୍ତ ସ୍ୱୟଂଶାସିତ ପ୍ରତିଷ୍ଠାନ)

**ଡିଏଇ ନିମନ୍ତେ ବିଜ୍ଞାପନ ପ୍ରକାଶନ ତାରିଖର ୨୧ ଦିନ ମଧ୍ୟରେ ଆବେଦନ ପହଞ୍ଚିବା ଆବଶ୍ୟକ ।**

ବିସ୍ତୃତ ସୂଚନା ପାଇଁ ନିମ୍ନଲିଖିତ ୱେବସାଇଟ୍ ଦେଖନ୍ତୁ:
କ. www.dae.gov.in ଏବଂ / କିମ୍ବା www.saha.ac.in
ଖ. କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗର ୱେବସାଇଟ୍‌ରେ 'VACANCIES IN AUTONOMOUS ORGANISATIONS' ଶୀର୍ଷକ ଅଧୀନରେ ତଥ୍ୟ ଉପଲବ୍ଧ ।
ବିଜ୍ଞାପନ ନଂ. SINP/Estt/Advt./15/2026
ତାରିଖ: ୩୦.୦୯.୨୦୨୬

**cbc 48135/11/0014/2627**



34001/988/2627

GOVERNMENT OF ODISHA
WORKS DEPARTMENT
OFFICE OF THE SUPERINTENDING ENGINEER, BALLIGUDA (R&B) DIVISION
BALLIGUDA
TELEPHONE & Fax 06846-243242 E-mail- eepwd.balliguda@gmail.com
e-procurement notice

**Bid Identification No. S.E. BLG-08/ 2026-27**
**Dated: -07.10.2026**

| Sl.No | Name of the Work | Road Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs. 4.47 lakhs to Rs.13.87 lakhs |
| 2 | No. of Works | 3(Three) Only |
| 3 | Period & time of completion | 01 (One) Year |
| 4 | Date & time of availability of the bid document in the portal | 12.10.2026 to 21.10.2026 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 21.10.2026 |
| 6 | Date & Time of bid opening | 11.30 hours on Dated. 22.10.2026 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist: -Kandhamal, Pin-762103 |

Others can be seen from Detailed Notice Inviting Tenders, available in website. www.tendersodisha.gov.in. Corrigendum if any, shall only be published in the above website.

Superintending Engineer
Balliguda(R&B) Division

OIPR 34001/34162/1/26-27/0011


# ପୂର୍ବତଟ ରେଳପଥ ଦ୍ୱାରା ଅମିତ ରୋହିଦାସ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୯/୧୦(ପିଆଇବି): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଭାରତୀୟ ପୁରୁଷ ହକି ଦଳର ଅଲିମ୍ପିଆନ୍ ଖେଳାଳି ତଥା ପୂର୍ବ ତଟ ରେଳପଥର କ୍ରୀଡ଼ା ଅଧିକାରୀ ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଜାପାନରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪, ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ନିକଟରେ ସମାପ୍ତ ଏସୀୟ କ୍ରୀଡ଼ାରେ ଭାରତୀୟ ପୁରୁଷ ହକି ଦଳର ସ୍ୱର୍ଣ୍ଣ ପଦକ ବିଜୟରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଭାରତୀୟ ପୁରୁଷ ହକି ଦଳର ଅଲିମ୍ପିଆନ୍ ଖେଳାଳି ତଥା ପୂର୍ବତଟ ରେଳପଥର କ୍ରୀଡ଼ା ଅଧିକାରୀ ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଜାପାନରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪, ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ଏସୀୟ କ୍ରୀଡ଼ାରେ ଭାରତୀୟ ପୁରୁଷ ହକି ଦଳର ସ୍ୱର୍ଣ୍ଣ ପଦକ ବିଜୟରେ ଶ୍ରୀ ରୋହିଦାସଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ଶ୍ରୀ ଫୁଙ୍କୱାଲ ଅମିତ ରୋହିଦାସଙ୍କ ଏହି ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ନିଷ୍ଠା, ସମର୍ପଣ ଭାବ ଓ ଉତ୍କୃଷ୍ଟ ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରିଥିଲେ । ସେ ରୋହିଦାସଙ୍କୁ ଯୁବ ହକି ଖେଳାଳି ତଥା ଭବିଷ୍ୟତର କ୍ରୀଡ଼ାବିତ୍‌ମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଅଭିହିତ କରିଥିଲେ । ଶ୍ରୀ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମହାପ୍ରବନ୍ଧକ ତାଙ୍କର କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାର ଉଚ୍ଚ ପ୍ରଶଂସା କରିଥିଲେ । ତାଙ୍କର ଅଭିଜ୍ଞତା ଓ ମାର୍ଗଦର୍ଶନ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରେରିତ କରିବା ସହ ପୂର୍ବ ତଟ ରେଳପଥରେ କ୍ରୀଡ଼ାର ଅଧିକ ପ୍ରସାର ଓ ପ୍ରୋତ୍ସାହନରେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ଇ-ଯାନର ଶୁଭାରମ୍ଭ

**ବ୍ରହ୍ମପୁର, ୯/୧୦(ନିପ୍ର):** ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ (ଏସ୍‌ଏଚ୍‌ଜି) ଦ୍ୱାରା ପ୍ରସ୍ତୁତ ପରିବେଶ ଅନୁକୂଳ ଧୂପକାଠିର ବିକ୍ରି ଓ ବଣ୍ଟନକୁ ସରଳ କରିବା ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ରଙ୍ଗେଇଲୁଣ୍ଡା ବ୍ଲକ୍‌ର ପଞ୍ଚମା ଗ୍ରାମସ୍ଥିତ ପଞ୍ଚମଙ୍ଗଳମ୍ ଧୂପକାଠି କେନ୍ଦ୍ରକୁ ଏକ ଇ-ଯାନ ପ୍ରଦାନ କରାଯାଇଛି । ଟିପିଏସ୍‌ଓଡିଏଲ୍ ପକ୍ଷରୁ ସ୍ଥାପିତ ଏହି କେନ୍ଦ୍ର ମାଧ୍ୟମରେ ମହିଳାମାନେ ନିକଟସ୍ଥ ମନ୍ଦିରଗୁଡ଼ିକରୁ ମଉଳା ଫୁଲ ସଂଗ୍ରହ କରି ସେଥିରୁ ଧୂପକାଠି ପ୍ରସ୍ତୁତ କରୁଛନ୍ତି । ଏହାଦ୍ୱାରା ଫୁଲର ସଦୁପଯୋଗ ହେବା ସହ ପରିବେଶ ସୁରକ୍ଷା ଏବଂ ମହିଳାମାନଙ୍କ ପାଇଁ ରୋଜଗାର ଓ ଜୀବିକାର ସୁଯୋଗ ସୃଷ୍ଟି ହେଉଛି । ଟିପିଏସ୍‌ଓଡିଏଲ୍‌ର ସିଇଓ ଅମିତ କୁମାର ଗର୍ଗ ଏହି ଇ-ଯାନର ଶୁଭାରମ୍ଭ କରିଥିଲେ ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ